بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସାପ୍ତାହିକ

ସଂଖ୍ୟା: 28-29

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ବାର୍ଷିକ ଦେୟ: 600/-

# ବଦର୍

Weekly BADAR Qadian Odia

କାଦିଆନ

23-30 ମୁହରରମ୍ , 1448 ହି.କ, 09-16 ୱଫା 1405 ହି.ଶ, 09-16 July 2026 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା ଅନୀତିକାରୀ ଓ ବିଶ୍ୱାସଘାତକ ।**

يٰۤاَيُّهَا الَّذِيۡنَ اٰمَنُوۡا لَا تَخُوۡنُوا اللّٰهَ وَ الرَّسُوۡلَ وَ تَخُوۡنُوۡۤا اَمٰنٰتِكُمۡ وَ اَنۡتُمۡ تَعۡلَمُوۡنَ

(ଅନଫାଲ୍: 57)

**ଅନୁବାଦ:** ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃ ଏବଂ ତାହାଙ୍କ ପ୍ରତି ବିଶ୍ୱାସଘାତକତା କର ନାହିଁ ଏବଂ ଅମାନତକୁ ଜାଣିଶୁଣି ଆତ୍ମସାତ୍ କର ନାହିଁ ।

وَلَا تُجَادِلۡ عَنِ الَّذِيۡنَ يَخۡتَانُوۡنَ اَنۡفُسَهُمۡ ؕ اِنَّ اللّٰهَ لَا يُحِبُّ مَنۡ كَانَ خَوَّانًا اَثِيۡمًا

(ଅନ୍ ନିସା : 57)

**ଅନୁବାଦ:** ଏବଂ ଯେଉଁମାନେ ନିଜ ଆତ୍ମା ପ୍ରତି ବିଶ୍ୱାସଘାତକତା କରନ୍ତି ତେବେ ତୁମେ ସେମାନଙ୍କୁ ତରଫରୁ କଳହ କର ନାହିଁ ଏବଂ ଯେ ବିଶ୍ୱାସଘାତକ ଓ ମହାପାପୀ ଅଲ୍ଲାଃ ତାହାକୁ ପସନ୍ଦ କରନ୍ତି ନାହିଁ ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

## ବିଶ୍ୱାସଘାତକତା କରିବା କପଟବିଶ୍ୱାସୀର ଲକ୍ଷଣ ମଧ୍ୟରେ ଅନ୍ୟତମ ଲକ୍ଷଣ ଅଟେ ।

عَنۡ عَبۡدِ اللّٰهِ بۡنِ عَمۡرٍو، قَالَ: قَالَ رَسُوۡلُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ: "أَرۡبَعٌ مَنۡ كُنَّ فِيۡهِ كَانَ مُنَافِقًا خَالِصًا، وَمَنۡ كَانَتۡ فِيۡهِ خَلَّةٌ مِنۡهُنَّ، كَانَتۡ فِيۡهِ خَلَّةٌ مِنۡ نِفَاقٍ حَتّٰى يَدَعَهَا، إِذَا حَدَّثَ كَذَبَ، وَإِذَا عَاهَدَ غَدَرَ، وَإِذَا وَعَدَ أَخۡلَفَ، وَإِذَا خَاصَمَ فَجَرَ". غَيۡرَ أَنَّ فِيۡ حَدِيۡثِ سُفۡيَانَ: وَإِنۡ كَانَتۡ فِيۡهِ خَصۡلَةٌ مِنۡهُنَّ، كَانَتۡ فِيۡهِ خَصۡلَةٌ مِنَ النِّفَاقِ

ହ. ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତି ମଧ୍ୟରେ ଏହି 4ଟି ଲକ୍ଷଣ ଦେଖାଯାଏ ତେବେ ସେହି ବ୍ୟକ୍ତି ପକ୍କା କପଟବିଶ୍ୱାସୀ ଅଟେ । ଅର୍ଥାତ୍ 1- ଅର୍ଥାତ୍ କପଟବିଶ୍ୱାସୀ ବ୍ୟକ୍ତି ଯେତେବେଳେ କଥାବାର୍ତ୍ତା କରେ ସେତେବେଳେ ସେ ମିଥ୍ୟା (ମିଛ) କଥା କହିଥାଏ ଏବଂ 2- ଯେତେବେଳେ କୌଣସି ପ୍ରତିଶ୍ରୁତି କରେ ସେତେବେଳେ ସେ ପ୍ରତିଶ୍ରୁତି ଭଙ୍ଗ ବା ପ୍ରତିଶ୍ରୁତି ବିରୁଦ୍ଧାଚରଣ କଥା କହିଥାଏ । 3- ସେହିପରି ଯେତେବେଳେ କୌଣସି ପ୍ରତିଜ୍ଞା ତଥା ଅଙ୍ଗୀକାର କରେ ସେତେବେଳେ ସେ ବିଶ୍ୱାସଘାତକତା ପ୍ରଦର୍ଶନ କରିଥାଏ । 4- ସେହିପରି କପଟବିଶ୍ୱାସୀ ଯେତେବେଳେ କଳହ କରେ ସେତେବେଳେ ସେ ଅନ୍ୟ ବ୍ୟକ୍ତିକୁ ଗାଳି ଗୁଲଚ କରିଥାଏ । ତେଣୁ ଯେଉଁ ବ୍ୟକ୍ତି ମଧ୍ୟରେ ଏହି 4ଟି ଲକ୍ଷଣ ଦେଖାଯାଏ ତେବେ ସେହି ବ୍ୟକ୍ତି ବୈମନସ୍ୟବାଦୀ (ମତଭେଦକାରୀ) ଅଟେ। ତେଣୁ ଯେଉଁ ବ୍ୟକ୍ତି ଉପରୋକ୍ତ 4ଟି ଗୁଣ (ଅଭ୍ୟାସ)କୁ ପରିତ୍ୟାଗ କରିଦେଇ ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତି କପଟବିଶ୍ୱାସୀ ଅଟେ । **(ମୁସଲିମ୍ କିତାବୁଲ୍ ଇମାନ୍, ବାବ୍- ବୟାନୁ ଖିସାଲିହିଲ୍ ମୁନାଫିକି)** ☆☆☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବର୍‌ରୁକାତେ ହ. ମସିହ୍ ମଉଦ୍ ଅ.ସ)

## ଆମନତ୍ ବା ନ୍ୟାସରକ୍ଷାକାରୀତ୍ୱରେ ମନୁଷ୍ୟର ସୌନ୍ଦର୍ଯ୍ୟ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପ୍ରତ୍ୟେକ ବିଶ୍ୱାସକାରୀରର ଏହି ଅବସ୍ଥା ହୋଇଥାଏ ଯେ, ଯଦି ସେ ନିଷ୍ଠାପରତା ଏବଂ ବିଶ୍ୱସ୍ତତାର ସହିତ ଈଶ୍ୱରଙ୍କର ହୋଇଯାଏ ତେବେ ଈଶ୍ୱର ମଧ୍ୟ ତା'ର ମିତ୍ର ହୋଇ ଯାଆନ୍ତି । କିନ୍ତୁ ଯଦି ବିଶ୍ୱାସର ବାସ ଭବନଟି ଜର୍ଜର ଓ ପୁରଣା ହୋଇଥାଏ ତେବେ ନିଃସନ୍ଦେହ ରୂପେ ବିପଦର ଆଶାଙ୍କ ସୃଷ୍ଟି ହୋଇଥାଏ । ମୁଁ କୌଣସି ବ୍ୟକ୍ତିର ଅବସ୍ଥା ସଂପର୍କରେ ତ' ଜାଣି ନାହିଁ । କାରଣ ହୃଦୟର କଥା ତ' ଭଗବାନେ ହିଁ ଜାଣନ୍ତି । କାରଣ ସେ ଅନ୍ତର୍ଯାମୀ ଅଟନ୍ତି। କିନ୍ତୁ ମନୁଷ୍ୟ ନିଜର ବିଶ୍ୱାସଘାତକତା ଯୋଗୁଁ ହିଁ ଧରା ପଡ଼ିଥାଏ । ଯଦି ଈଶ୍ୱରଙ୍କ ସହିତ ତୁମର ପ୍ରସଙ୍ଗ ନିର୍ମଳ ନୁହେଁ ତେବେ ବୈଅତ୍ କରିବା ନା କୌଣସି ଲାଭ ଦେବ ଓ ନା ହିଁ ଅନ୍ୟ କୌଣସି ପ୍ରସଙ୍ଗ ଲାଭ ଦେଇପାରିବ । କିନ୍ତୁ ବ୍ୟକ୍ତି ଯଦି ନିଷ୍ଠାପରତାର ସହିତ ଈଶ୍ୱରଙ୍କର ହୋଇଯାଏ ତେବେ ଈଶ୍ୱର ସେହି ବ୍ୟକ୍ତିର ରକ୍ଷା କରିଥାଆନ୍ତି । ଯଦିଓ ଈଶ୍ୱର ସମସ୍ତଙ୍କ ଭଗବାନ ଅଟନ୍ତି କିନ୍ତୁ ଯେଉଁ ବ୍ୟକ୍ତି ନିଜକୁ ବିଶେଷ କରିଥାଏ ତେବେ ସେହି ବ୍ୟକ୍ତି ଉପରେ ଈଶ୍ୱର ନିଜର ପ୍ରକାଶ (କୃପା) ଅବତୀର୍ଣ୍ଣ କରିଥାଆନ୍ତି ଓ ସେହି ବ୍ୟକ୍ତି ଈଶ୍ୱରଙ୍କ ନିମନ୍ତେ ବିଶେଷ ବ୍ୟକ୍ତି ହୋଇ ଯାଇଥାଏ । ଈଶ୍ୱରଙ୍କ ନିମନ୍ତେ ବିଶେଷ ହେବାର ଅର୍ଥ ଏହିକି ଯେ, ଆତ୍ମା ସଂପୂର୍ଣ୍ଣ ରୂପେ ଭାଙ୍ଗି ଚୁରମାର ହୋଇଯିବ ଏବଂ ଆତ୍ମାର କୌଣସି ଅଂଶ ଆଉ ଯେପରି ସଂପୂର୍ଣ୍ଣ ନଥିବ । ଅର୍ଥାତ୍ ଆତ୍ମାର କୌଣସି କଣିକା ଆଉ ଅଭଙ୍ଗା ନଥିବ । ତେଣୁ ମୁଁ ବାରମ୍ବାର ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ କହୁଛି ଯେ, ଯଦି ତୁମର ହୃଦୟ ପବିତ୍ର ନୁହେଁ ତେବେ ତୁମେମାନେ ବୈଅତ୍ କରି କଦାପି ଗର୍ବିତ ହୁଅ ନାହିଁ । ଯଦି ମନ ଦୂରରେ ରହିଛି ତେବେ ହାତ ଉପରେ ହାତ ରଖି ବସିବାର କି ଲାଭ ? ଯଦି ମନ ଓ ତୁଣ୍ଡରେ ଏକତା ନାହିଁ ତେବେ ମୋ ହାତ ଉପରେ ହାତ ରଖି କପଟ ବିଶ୍ୱାସୀତାମୂଳକ ସ୍ୱୀକାରୋକ୍ତି ପ୍ରକାଶ କରିବା ନିରର୍ଥକ ଅଟେ । ସୁତରାଂ ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ ! ତୁମେମାନେ ମନେରଖ ! ଏପରି ବ୍ୟକ୍ତି ଯିଏ ଦୋହୋରା ନୀତି ବା ଦ୍ୱୈତ ପନ୍ଥା ଅବଲମ୍ବନ କରେ (ଅର୍ଥାତ୍ ମନରେ ତ' ମସିହ୍ ମଉଦ୍ ଅ.ସଙ୍କର ବୈଅତ୍ କରିଥାଏ କିନ୍ତୁ ଆଚରଣ ବୈଅତ୍ ବିରୁଦ୍ଧୀୟ ପ୍ରଦର୍ଶନ କରିଥାଏ) ତେବେ ଏପରି ବ୍ୟକ୍ତିକୁ ଦୋହୋରା ଶାସ୍ତି ମିଳିବ । କିନ୍ତୁ ଯେଉଁ ବ୍ୟକ୍ତି ସତ ସ୍ୱୀକାରୋକ୍ତି ପ୍ରକାଶ କରିଥାଏ ତା'ର ବଡ଼ ବଡ଼ ପାପ ମଧ୍ୟ କ୍ଷମା କରି ଦିଆଯାଇଥାଏ ଏବଂ ତା'କୁ ଏକ ନୂତନ ଜୀବନ ମିଳିଥାଏ ।" **(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-65, ଅଲ ହକମ୍, 1903 ମସିହା ଫେବୃୟାରୀ ମାସ 14 ତାରିଖ)** (ଅବଶିଷ୍ଟାଂଶ ପୃ-11ରେ)

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବର୍‌ରୁକାତେ ହ. ମୁସଲେହ୍ ମଉଦ୍ ର.ଅ)

## ନ୍ୟାସ ରକ୍ଷାକାରୀତ୍ୱତା ପ୍ରସଙ୍ଗରେ (ଅଲ୍ଲାଃତାଲାଙ୍କ) ଧର୍ମପରାୟଣତା ଅବଲମ୍ବନ କରିବା ଉଚିତ୍ ।

ସୟେଦିନା ହ. ଖଲିଫତୁଲ୍ ମସିହି ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ ଅଲ୍ ବକ୍ରାହର ଆୟତ୍ ସଂଖ୍ୟା 284ର ବ୍ୟାଖ୍ୟା କରି କୁହନ୍ତି: فَإِنۡ أَمِنَ بَعۡضُكُمۡ بَعۡضًا فَلۡيُؤَدِّ الَّذِي اؤۡتُمِنَ أَمَانَتَهُ وَلۡيَتَّقِ اللّٰهَ رَبَّهُ"। ଅର୍ଥାତ୍ ଯଦି ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଅନ୍ୟକୁ ସଚ୍ଚୋଟ୍ ବୋଲି ମନେକରେ ଏବଂ ତାହାକୁ କିଛି ଧନ ଦିଏ ତେବେ ସେହି ସଚ୍ଚୋଟ ବ୍ୟକ୍ତି ତାହାର ସେହି ଗଚ୍ଛିତ ଧନକୁ ଦାବି କରିବା ମାତ୍ରେ ଫେରାଇ ଦେବା ଉଚିତ୍ ଏବଂ ତାହାର ପାଳନକର୍ତ୍ତା ଅଲ୍ଲାଃଙ୍କୁ ଭୟ କରିବା ଉଚିତ୍ । ଏଠାରେ ଋଣକୁ ଅମାନତ୍ (ନ୍ୟାସ) ବୋଲି ବିବେଚନା କରାଯାଇଛି। ତହିଁରେ ଏହି ତାତ୍ତ୍ୱିକପୂର୍ଣ୍ଣ ରହସ୍ୟ ନିହିତ ରହିଛି ଯେ, ସଂସାରରେ ସାଧାରଣତଃ ଅମାନତ୍ ପୈଠ କରିବା ଜରୁରୀ ବୋଲି ମନେ କରାଯାଇଥାଏ । କିନ୍ତୁ ଋଣ ପୈଠ କରିବାରେ ଅଣ ଅନିର୍ବାର୍ଯ୍ୟ ଆଳସ୍ୟତା ଏବଂ ଅବହେଳା ଅବଲମ୍ବନ କରାଯାଇଥାଏ । ତେଣୁ ଅଲ୍ଲାଃତାଲାଙ୍କ ନିକଟରେ ଋଣ ମଧ୍ୟ ଅମାନତ୍‌ର (ନ୍ୟାସର) ଏକ (କିସମ) ପ୍ରକାର ଅଟେ......ଉପରୋକ୍ତ ଆୟତ୍‌ରୁ ପ୍ରତ୍ୟେକ ପ୍ରକାରର ସୁରକ୍ଷା ଏବଂ ତାହାର ଯଥା ସମୟରେ ଫେରସ୍ତ ତଥା ପୈଠ କରିବା ସଂପର୍କରେ ମଧ୍ୟ ଏକ ନୀତିଶିକ୍ଷା ମିଳିଥାଏ। ଅତଏବ୍ ଏଥିପ୍ରତି ପବିତ୍ର କୁରଆନ୍ କରୀମ୍‌ର ଅନ୍ୟ ଏକ ସ୍ଥାନରେ ମଧ୍ୟ ଇଙ୍ଗିତ ରହିଛି ଯେ, ﴿وَالَّذِيۡنَ هُمۡ لِاَمٰنٰتِهِمۡ وَعَهۡدِهِمۡ رَاعُوۡنَ﴾ **(ଅଲ୍ ମୁମିନୁନ୍:9)** (ଅନୁବାଦ୍: ଏବଂ ସେହି ଲୋକମାନେ ଅର୍ଥାତ୍ ସଂପୂର୍ଣ୍ଣ ବିଶ୍ୱାସକାରୀମାନେ, ଯେଉଁମାନେ ନିଜର ଅମାନତ୍ ଓ ନିଜର ଅଙ୍ଗୀକାରଗୁଡ଼ିକ ପ୍ରତି ସଜାଗ ଥାଆନ୍ତି) ରେ ମଧ୍ୟ ଇଙ୍ଗିତ କରାଯାଇଛି ଏବଂ ଉପଦେଶ ଦିଆଯାଇଛି ଯେ, ସଂସ୍କୃତି ଓ ସଭ୍ୟତା ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଶାଖା। **(ଅବଶିଷ୍ଟାଂଶ....ପୃ-10ରେ)**



**ସମ୍ପାଦକୀୟ**

## ଅଲ୍ ଫଜଲ୍ ଇଣ୍ଟରନ୍ୟାସନଲରେ ପ୍ରକାଶିତ ହୁଜୁର ଅନୱର୍ ଅ.ବଙ୍କ ପ୍ରଶ୍ନୋତ୍ତର ମଧ୍ୟରୁ ମନୋନୀତ ଉତ୍ତର ।

## ମୌଳିକ ସମସ୍ୟା ଓ ତା'ର ସମାଧାନ

### ଆବେ ଜମ୍‌ଜମ୍ (ଜମ୍‌ଜମ୍ କୂପର ଜଳ) ସଂପର୍କରେ

**ପ୍ରଶ୍ନ:** କେରଳରୁ ଜନୈକ (ଜଣେ) ବନ୍ଧୁ ହୁଜୁର ଅନୱର୍ ଅ.ବଙ୍କ ସେବାରେ ପ୍ରଶ୍ନ ଲେଖିଲେ ଯେ, ହୁଜୁର୍ ! ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ହାଜରାହ୍ ର.ଅ ଏବଂ ହ. ଇସମାଇଲ୍ ଅ.ସଙ୍କ ଘଟଣା ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ, ଦେବ ଦୂତର ଗୋଇଠି ମାରିବାରୁ ଭୂମିରୁ ପାଣି ବାହାରିଥିଲା । ଅପର ପକ୍ଷେ ମୁଁ ବାଲ୍ୟକାଳରୁ ଏପର୍ଯ୍ୟନ୍ତ ଏହା ହିଁ ପାଠ ପଢିଛି ଯେ, ହ. ଇସମାଇଲ୍ ଅ.ସଙ୍କ ଗୋଡ଼ ମାରିବାରୁ (ଗୋଇଠି ରଗଡ଼ିବାରୁ) ଝରଣା ବାହାରିଥିଲା । ଅତଏବ୍ ଏଥି ସଂକ୍ରାନ୍ତରେ ବିନୀତ ହୁଜୁର୍ ର.ଅଙ୍କ ନିକଟରେ ମାର୍ଗଦର୍ଶନ ନିମନ୍ତେ ନିବେଦନ କରୁଛି । ହୁଜୁର୍ ଅନୱର୍ ଅ.ବ ନିଜର ଏକ ପତ୍ର 2023 ମସିହା ଡିସେମ୍ବର ମାସ 17 ତାରିଖ ଦିନ ଉକ୍ତ ପ୍ରଶ୍ନର ଉତ୍ତର ନିମ୍ନମତେ ପ୍ରଦାନ କରିଥିଲେ ।

**ଉତ୍ତର:** ତହିଁରେ କୌଣସି ଅସୁବିଧା ଓ ସମସ୍ୟା ନାହିଁ । ହଦିସ, ଇତିହାସ୍, ଜୀବନୀ ଓ ତଫସିର୍ (ବ୍ୟାଖ୍ୟା) ପୁସ୍ତକରେ ଉଭୟ ପ୍ରକାରର କଥାର (ବର୍ଣ୍ଣନା) ଚର୍ଚ୍ଚା ମିଳିଥାଏ। ସୁତରାଂ ଉଲ୍ଲେଖ ରହିଛି ଯେ, ଉକ୍ତ ଝରଣାଟି ସେହି ସ୍ଥାନରୁ ପ୍ରବାହିତ ହୋଇଥିଲା ଯେଉଁଠି ଦେବଦୂତ ନିଜର ଗୋଇଠି ଅବା ନିଜର ପର ଅବା ନିଜର ବାହୁ ଦ୍ୱାରା ଭୂପୃଷ୍ଠକୁ ଖୋଳିଥିଲା । **(ସହି ବୁଖାରି, କିତାବୁଲ୍ ଅମ୍ବିୟା, ବାବ୍- କୌଲଲ୍ଲାଃହି ତାଆଲା ୱତ୍ ତଖଜଲ୍ଲାଃହୁ ଇବ୍ରାହିମା ଖଲିଲା)** ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଏହା ମଧ୍ୟ ଉଲ୍ଲେଖ ରିହଛି ଯେ, ଏହି ଝରଣାଟି ସେଠାରୁ ବାହାରିଥିଲା ଯେଉଁଠି ହ. ଇସମାଇଲ୍ ଅ.ସ ପ୍ରବଳ ଶୋଷ ଯୋଗୁଁ କାନ୍ଦି କାନ୍ଦି ନିଜର ଗୋଇଠିକୁ ମାରୁଥିଲେ । **(ତଫସିରୁତ୍ ତିବ୍ରୀ, ଗ୍ରନ୍ଥଖଣ୍ଡ-13, ପୃ-272, ପ୍ରକାଶନ ସ୍ଥାନ-ଦାରେ ଅହୟାଉତ୍ ତୁରାସୁଲ୍ ଅରବିୟା, ବୈରୁତ୍, ଲେବ୍‌ନାନ୍, 2001 ମସିହା, ସୁରାଃ ଇବ୍ରାହିମ୍, ଆୟତ୍ ସଂଖ୍ୟା- 38, ଅଲ୍ କାମିଲୁ ଫିତ୍ ତାରିଖି, ମୁୱଲ୍ଲିଫା ମୁହମ୍ମଦ୍ ଇବନୁଲ୍ ଅସିର୍ ଅଲ୍ ଯୁଜରି ମୁତଓଫ୍ଫି, 630 ହିଜ୍ରୀ, ଗ୍ରନ୍ଥଖଣ୍ଡ-1, ପୃ-80, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍, ଲେବ୍‌ନାନ୍-1971 ମସିହା)**

ହୁଜୁର ଅନୱର୍ ଅ.ବ କହିଲେ, ଅତଏବ୍ ଯେହେତୁ ପୂର୍ବ ଗ୍ରନ୍ଥମାନଙ୍କରେ ଉଭୟ ପ୍ରକାରର ବର୍ଣ୍ଣନା ବିଦ୍ୟମାନ ରହିଛି ତେଣୁ ଜମାଅତ୍‌ର ପୁସ୍ତକରେ ମଧ୍ୟ ଉଭୟ ପ୍ରକାରର ଧର୍ମମତ (ବର୍ଣ୍ଣନା) ବର୍ଣ୍ଣିତ ହୋଇଛି । ହ. ମୁସ୍‌ଲେହ୍ ମଉଦ୍ ର.ଅ ତଫସିର୍ କବିର୍‌ର ଏକ ସ୍ଥାନରେ କୁହନ୍ତି: "ସେହି ଦେବଦୂତ ଜଣକ କହିଲା, ହେ ହାଜରାହ୍ ! ଯାଅ ଏବଂ ଦେଖ ଇସମାଇଲ୍ ଅ.ସଙ୍କ ପାଦ ତଳେ ଅଲ୍ଲାଃତାଲା ଏକ ଝରଣା ପ୍ରବାହିତ କରିଦେଇଛନ୍ତି ।" **(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-3, ପୃ-73)** ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ସ୍ଥାନରେ ଆପଣ ର.ଅ କହିଲେ, ଇସମାଇଲା ଶବ୍ଦଟି ସମିଆରୁ ଉଦ୍ଧୃତ ଅଟେ । ତହିଁରେ ଏହା କୁହାଯାଇଥିଲା ଯେ, ଈଶ୍ୱର ସେହି ପ୍ରାର୍ଥନାକୁ (ଦୁଆକୁ) ଶୁଣିବେ । ସୁତରାଂ ହ. ଇସମାଇଲ୍ ଅ.ସ ଗୋଇଠି ବା ପାଦ ଭୂପୃଷ୍ଠ ଉପରେ ମାରିଲେ ଏବଂ ଝରଣା ବାହାରି ପଡ଼ିଲା (ପ୍ରବାହିତ ହୋଇଗଲା) । **(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-7, ପୃ-324, ପ୍ରକାଶନ ସ୍ଥାନ-ୟୁ.କେ, 2023 ମସିହା)**

ହୁଜୁର ଅନୱର୍ ଅ.ବ କହିଲେ, ଯେପରିକି ଆପଣ ର.ଅ ନିଜର ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ହ. ସାହିବଜାଦା ମିର୍ଜା ବଶୀର୍ ଅହମଦ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉକ୍ତ ଘଟଣା ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ହ. ହାଜରାହ୍ ଅ.ସଙ୍କ ବ୍ୟାକୁଳତା ଏବଂ ଉତ୍କଣ୍ଠା ଚରମ ସୀମାକୁ ପହଞ୍ଚିଗଲା ସେତେବେଳେ ସପ୍ତମ ଥର ପରିକ୍ରମା କରିବା ପରେ ଆପଣ ଅ.ସଙ୍କୁ ଏକ ଅଦୃଷ୍ଟ ସ୍ୱର ଶୁଭିଲା । ହେ ହାଜରାହ୍ ! ଅଲ୍ଲାଃତାଲା ତୁମ୍ଭର ପ୍ରାର୍ଥନାକୁ ଶୁଣି ନେଇଛନ୍ତି । ଉକ୍ତ ସ୍ୱରକୁ ଶୁଣି ହ. ହାଜରାହ୍ ଅ.ସ ନିଜର ସନ୍ତାନ ପାଖକୁ ଫେରି ଆସିଲେ । ଅତଏବ୍ ସେ ଯେତେବେଳେ ଫେରିଲେ ସେତେବେଳ ଯେଉଁ ସ୍ଥାନରେ ତାଙ୍କର ସନ୍ତାନ ଶୋଷ ଯୋଗୁଁ ନିଜର ଗୋଡ଼ ଦୟକୁ ଭୂମି ଉପରେ ମାରୁଥିଲା ଯେପରିକି ସେ କୌଣସି ଜିନିଷ ଖୋଳି ବାହାର କରୁଛି । ହ. ହାଜରାହ୍ ଅ.ସ ଯେତେବେଳେ ଆଗକୁ ଅଗ୍ରସର ହେଲେ ସେତେବେଳେ ଯେଉଁ ସ୍ଥାନରେ ସେ ନିଜର ଗୋଇଠି ମାରୁଥିଲେ ସେଠାରେ ସେ ଏକ ଝରଣା ଦେଖିବାକୁ ପାଇଲେ ଯହିଁରୁ ପାଣି ବୁଦ୍ ବୁଦ୍ ହୋଇ ବାହାରୁଛି ।

**(ସିରତ୍ ଖାତମୁନ୍ ନବିୟିନ୍, ପୃ-75)**

ହୁଜୁର ଅନୱର୍ ଅ.ବ କହିଲେ, ଅତଏବ୍ ଉକ୍ତ ଘଟଣା ସଂପର୍କରେ ଉଭୟ ପ୍ରକାରର ବର୍ଣ୍ଣନା ମିଳେ ଯହିଁରୁ ଏହା ସିଦ୍ଧ ମଧ୍ୟ ହୋଇପାରିବ ଯେ, ଯେଉଁ ସ୍ଥାନରେ ହ. ଇସମାଇଲ୍ ଅ.ସ ଶୋଷ ଯୋଗୁଁ ନିଜର ଗୋଇଠି ଭୀମି ଉପରେ ଘର୍ଷଣ କରୁଥିଲେ (ମାରୁଥିଲେ) ସେହି ସ୍ଥାନରେ ଦେବଦୂତ ମଧ୍ୟ ନିଜର ଗୋଇଠି ମାରିଥିବ । ଝରଣା ସେହି ସ୍ଥାନରୁ ହିଁ ବାହାରିଥିବ ଯେଉଁଠି ଦୁହେଁ ଅର୍ଥାତ୍ ହ. ଇସମାଇଲ୍ ଅ.ସ ଓ ଦେବଦୂତ ନିଜର ଗୋଇଠି ମାରିଥିଲେ ।

سُبْحَانَ اللّٰہِ وَبِحَمْدِہٖ

**ପ୍ରଶ୍ନ:** କାନାଡ଼ାରୁ ଜନୈକ (ଜଣେ) ବନ୍ଧୁ ହୁଜୁର ଅନୱର୍ ଅ.ବଙ୍କ ସେବାରେ ପ୍ରଶ୍ନ ଲେଖି ପଠାଇଲେ ଯେ, ହୁଜୁର ! سُبْحَانَ اللّٰہِ وَبِحَمْدِہٖ ର ଦୁଆ ଏବଂ ଦୁରୁଦ୍ ଶରୀଫର ସଠିକ୍ ଅର୍ଥ ଏବଂ ଭାବାର୍ଥ କ'ଣ ? ହୁଜୁର୍ ଅନୱର୍ ଅ.ବ ନିଜର ଏକ ପତ୍ର 2023 ମସିହା ଡେସିମ୍ବର ମାସ 28 ତାରିଖରେ ଉକ୍ତ ପ୍ରଶ୍ନର ଉତ୍ତର ନିମ୍ନମତେ ପ୍ରଦାନ କରିଛନ୍ତି:

**ଉତ୍ତର :** سُبْحَانَ اللّٰہِ وَبِحَمْدِہٖ ଦୁଆରେ ତ' ଅଲ୍ଲାଃତାଲାଙ୍କର ପବିତ୍ରତା ଏବଂ ତାହାଙ୍କ ମହିମା ଓ ପ୍ରଶଂସା ବର୍ଣ୍ଣନା କରାଯାଇଛି । ଏହାର ଅନୁବାଦ ଏହିକି ଯେ, ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ପ୍ରତ୍ୟେକ ପ୍ରକାରର ଦୋଷ, ତ୍ରୁଟି ଓ ଖୁଣ ଠାରୁ ପବିତ୍ର ଅଟେ । ସକଳ ପ୍ରଶଂସା ତାହାଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ ଅଟେ । ତାହାଙ୍କୁ ହିଁ ପ୍ରଶଂସା ଶୋଭା ଦେଇଥାଏ । ହଦିସ୍‌ରେ ଉକ୍ତ ଦୁଆର ସର୍ବାଧିକ ରୂପେ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ସୁତରାଂ ହ. ଅବୁ ହୁରେରାହ୍ ର.ଅଙ୍କ ଏକ ବର୍ଣ୍ଣନା ରହିଛି ଯେ, ହୁଜୁର୍ ସ.ଅ କହିଲେ, ଦୁଇଟି ବାଣୀ ଏପରି ଅଟନ୍ତି ଯାହା ଅଲ୍ଲାଃତାଲାଙ୍କର ଅତି ପ୍ରିୟ ଅଟନ୍ତି । ସେହି ବାଣୀ ତୁଣ୍ଡରେ ତ' ଖୁବ ହାଲକା ବୋଲି ମନେ ହୁଅନ୍ତି । ଅର୍ଥାତ୍ ସେହି ବାଣୀ ଦ୍ୱୟକୁ ଉଚ୍ଚାରଣ କରିବା ଅତ୍ୟନ୍ତ ସହଜ ଅଟେ । କିନ୍ତୁ ପ୍ରଳୟ ଦିବସ ଦିନ କର୍ମ ନିକିତିରେ ଏହାର ଓଜନ ଅଧିକ ହେବ । ଅତଏବ୍ ସେହି ମହତ୍ ବାଣୀ ଏହିପରି ଅଟନ୍ତି ଯେ, سُبْحَانَ اللّٰہِ وَبِحَمْدِہٖ سُبْحَانَ اللّٰہِ الْعَظِیْمِ । **(ସହିହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବ୍- ଫଜଲୁତ୍ ତସ୍‌ବିହି)**

ହୁଜୁର ଅନୱର୍ ଅ.ବ କହିଲେ, ଏତଦ୍‌ଭିନ୍ନ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ମଧ୍ୟ ଐଶୀବାଣୀରେ ଏହି ଦୁଆର ଶିକ୍ଷା ଦିଆଯାଇଛି ଯାହା ସହିତ ଦୁରୁଦ୍ ଶରୀଫର ମଧ୍ୟ ଅଂଶ ଅନ୍ତର୍ଭୁକ୍ତ ରହିଛି । ସୁତରାଂ ହୁଜୁର ଅ.ସ କୁହନ୍ତି: "ଯେଭଳି ଭାବରେ ଈଶ୍ୱର ବିପତ୍ତିରୁ ମୁକ୍ତି ପ୍ରାପ୍ତ କରିବା ନିମନ୍ତେ ନିଜର କେତେକ ଅବତାରମାନଙ୍କୁ ଦୁଆ ଶିଖାଇଥିଲେ, ଠିକ୍ ସେହିପରି ମୋତେ ମଧ୍ୟ ଈଶ୍ୱର ଐଶୀବାଣୀ କରି ଏକ ଦୁଆ ଶିଖାଇଛନ୍ତି । ସେହି ଦୁଆ ଏହିପରି ଅଟେ, سُبْحَانَ اللّٰہِ وَبِحَمْدِہٖ سُبْحَانَ اللّٰہِ الْعَظِیْمِ اَللّٰھُمَّ صَلِّ عَلٰی مُحَمَّدٍ وَّاٰلِ مُحَمَّدٍ ।"

**(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-15, ପୃ-208, ବି.ଦ୍ର)**

ହୁଜୁର ଅନୱର୍ ଅ.ବ କହିଲେ, ଅନ୍ୟ ଯେଉଁ ମସ୍‌ନୁନ୍ (ପାରମ୍ପାରିକ) ଦୁଆର ପ୍ରସଙ୍ଗ ରହିଛି ସେହି ଦୁଆ ଆଁହଜରତ୍ ସ.ଅଙ୍କ ଅସ୍ତିତ୍ୱ ଉପରେ ଦୟାବତୀର୍ଣ୍ଣ ଏବଂ କଲ୍ୟାଣ ଅବତୀର୍ଣ୍ଣ ହେବା ସକାଶେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା ଓ କାମ୍ୟ ଅଟେ। ସେହି ଦୁଆ ସଂପର୍କରେ ପବିତ୍ର କୁରଆନ୍ କରୀମ୍ ଆମମାନଙ୍କୁ ଏହି ଶିକ୍ଷା ପ୍ରଦାନ କରିଛି । ଯେପରିକ୍ ପବିତ୍ର କୁରଆନ୍ କରୀମ୍ କହିଛି: اِنَّ اللّٰہَ وَمَلٰٓئِکَتَہٗ یُصَلُّوْنَ عَلَی النَّبِیِّ یٰۤاَیُّہَا الَّذِیْنَ اٰمَنُوْا صَلُّوْا عَلَیْہِ وَسَلِّمُوْا تَسْلِیْمًا **(ଅଲ୍ ଅହଜାବ୍: 57)** ବାସ୍ତବରେ ଅଲ୍ଲାଃତାଲା ଏହି ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତମାନେ ମଧ୍ୟ ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି । ତେଣୁ ହେ ବିଶ୍ୱାସକାରୀମାନେ ! ତୁମ୍ଭେମାନେ ମଧ୍ୟ ଏହି ମହା ନବୀଙ୍କ ପ୍ରତି ଅଲ୍ଲାଃତାଲାଙ୍କ ଆଶୀର୍ବାଦ ଭିକ୍ଷା କର । ଅର୍ଥାତ୍ ଦୁରୁଦ୍ ଶରୀଫ୍ ପାଠ କର ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନୋଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷାକର ।"

ହୁଜୁର ଅନୱର୍ ଅ.ବ କହିଲେ, ଉପରୋକ୍ତ ମସ୍‌ନୁନ୍ ଦୁରୁଦ୍ ଶରୀଫର ଅନୁବାଦ ଏହିପରି ଯେ, ହେ ଅଲ୍ଲାଃ ! ତୁମ୍ଭେ ମୁହମ୍ମଦ୍ ସ.ଅ ଏବଂ ତାହାଙ୍କ ପରିବାର (ବଂଶ) ଉପରେ ସେହିପରି ଦୟାବତୀର୍ଣ୍ଣ କର ଯେପରି ଦୟା ତୁମ୍ଭେ ହ. ଇବ୍ରାହିମ୍ ଅ.ସ ଏବଂ ତାହାଙ୍କ ପରିବବାର ବର୍ଗଙ୍କ ଉପରେ ଅବତୀର୍ଣ୍ଣ କରିଥିଲ । ନିଃସନ୍ଦେହ ରୂପେ ତୁମ୍ଭେ ଉଚ୍ଚ ପ୍ରଶଂସା ଯୋଗ୍ୟ ଏବଂ ମର୍ଯ୍ୟାଦାର ଅଧିକାରୀ ଅଟ । ଉକ୍ତ ଦୁରୁଦ୍‌ରେ اَللّٰھُمَّ صَلِّ عَلٰی مُحَمَّدٍ ଓ اَللّٰھُمَّ بَارِکْ عَلٰی مُحَمَّدٍ ପୃଥକ୍ ପୃଥକ୍ ଭାବରେ ଆସିଛି ତହାର ବ୍ୟାଖ୍ୟା ମୁଁ ବିଭିନ୍ନ ଖୁତ୍‌ବାତ୍‌ରେ କରି ସାରିଛି । ଏଠାରେ ସାରାଂଶ ତଥା ସଂକ୍ଷିପ୍ତ ବର୍ଣ୍ଣନା କରି ଦେଉଛି । اَللّٰھُمَّ بَارِکْ عَلٰی مُحَمَّدٍ ର ଦୁଆର ଏହି ଅର୍ଥ ହେବ ଯେ, ହେ ଅଲ୍ଲାଃ ତୁମ୍ଭେ ଯାହା କିଛି ସମ୍ମାନ, ମର୍ଯ୍ୟାଦା, ପ୍ରତିଷ୍ଠା ଓ ମହତ୍ତ୍ୱା ଆଁହଜରତ୍ ସ.ଅଙ୍କ ସକାଶେ ଉଦ୍ଦିଷ୍ଟ ରଖିଛ ତାହାକୁ ତାହାଙ୍କ ନିମନ୍ତେ ଜାରି କରିଦିଅ (ଲାଗୁ କରିଦିଅ) ଓ ତାହାଙ୍କୁ ସାର୍ବକାଳୀନତା ତଥା ନିରନ୍ତରତା ପ୍ରଦାନ କର । କାରଣ ତାହା ସର୍ବଦୈବ ଅକ୍ଷୁର୍ଣ୍ଣ ଓ ଅବ୍ୟାହତ ରହିବ ।

ହୁଜୁର ଅନୱର୍ ଅ.ବ କହିଲେ, ଅତଏବ୍ ସାରାଂଶ ଏହିକି ଯେ, اَللّٰھُمَّ صَلِّ عَلٰی مُحَمَّدٍ ରେ ଆପଣ ସ.ଅଙ୍କ ଧର୍ମବିଧାନର ବିଜୟ ଏବଂ ସାର୍ବକାଳୀନତା ଓ ମୁସଲମାନମାନଙ୍କ ସପକ୍ଷରେ ଆପଣ ସ.ଅଙ୍କ ସୁପାରିଶ୍ରୁ ଉପକୃତ ହେବାର ଦୁଆ (ପ୍ରାର୍ଥନା) ନିହିତ ରହିଛି । ସେହିପରି اَللّٰھُمَّ بَارِکْ عَلٰی مُحَمَّدٍ ରେ ଆପଣ ସ.ଅଙ୍କ ମର୍ଯ୍ୟାଦା, ଆପଣ ସ.ଅଙ୍କ, ସମ୍ମାନ ଓ ଆପଣ ସ.ଅଙ୍କ ମହତ୍‌ତା ସର୍ବଦୈବ ଅକ୍ଷୁର୍ଣ୍ଣ ରହିବାର ଦୁଆ ନିହିତ ରହିଛି ।

ହୁଜୁର ଅନୱର୍ ଅ.ବ କହିଲେ, ହୁଜୁର ଅନୱର୍ ଅ.ବ କହିଲେ, ଆହଦିସ୍‌ରେ ଦୁରୁଦ୍ ଶରୀଫର ଅତ୍ୟଧିକ ମାହାତ୍ମ୍ୟତା ବର୍ଣ୍ଣିତ ହୋଇଛି । ସୁତରାଂ ହ. ଉବେ ବିନ୍ କାଆବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହୁଜୁର୍ ସ.ଅଙ୍କ ସେବାରେ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣ ସ.ଅଙ୍କ ଉପରେ ସର୍ବାଧିକ ଦୁରୁଦ୍ ଶରୀଫ୍ ପ୍ରେରଣ କରେ । ତେଣୁ ମୁଁ ନିଜ ପ୍ରାର୍ଥନାର କେତେ ଭାଗ ହୁଜୁର ସ.ଅଙ୍କ **(ଅବଶିଷ୍ଟାଂଶ...ପୃ-10ରେ)**

(ଖୁତ୍‌ବା ଜୁମା)

## ବିନୀତତା ସଂପର୍କରେ ଆଁହଜରତ୍ ସ.ଅଙ୍କ ପବିତ୍ର ଉତ୍ତମ ଚରିତ୍ରବତ୍ତାର ହୃଦୟାକର୍ଷିତକାରୀ ଓ ମନମୁଗ୍ଧକର ଚର୍ଚ୍ଚା ।

**ଖୁତ୍‌ବା ଜୁମା 22 May 2026 ମସିହା ଅନୁଯାୟୀ ୨୨ ହିଜରତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ଜୀବନୀର ବିଭିନ୍ନ ପକ୍ଷ ଏବଂ ଦିଗ ସଂପର୍କରେ ଚର୍ଚ୍ଚା ଯଥା ବିନୀତତା ଏବଂ ବିନମ୍ରତାର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ଏହାର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ଆପଣ ସ.ଅଙ୍କ ବିନୀତତାର ସ୍ତର କେଉଁ ସ୍ତର ରହିଥିଲା ? ଅର୍ଥାତ୍ ଆପଣ ସ.ଅ ଛୋଟ ଛୋଟ କଥାର ଉଦାହରଣ ଦେଇ ନିଜ ଭାବବେଗକୁ ପରିପ୍ରକାଶ କରୁଥିଲେ । ସୁତରାଂ ହ. ୟହ୍ୟା ବିନ୍ ଅବି କସିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: "ହେ ସାହାବାମାନେ! ଯେପରି ଜଣେ ଦାସ ଭୋଜନ କରିଥାଏ, ଠିକ୍ ସେହିପରି ମୁଁ ମଧ୍ୟ ଭୋଜନ କରିଥାଏ ଏବଂ ଯେପରି ଜଣେ ଦାସ ବସେ, ଠିକ୍ ସେହିପରି ମୁଁ ମଧ୍ୟ ବସିଥାଏ । କାରଣ ମୁଁ ତ' ଜଣେ ଭକ୍ତ ଅଟେ ।" **(ଅଲ୍ ଯାମିଉ ଲିଶୋବିଲ୍ ଇମାନ୍ ଲିଲ୍ ବହିକି, ଭାଗ-8, ପୃ-116, ବର୍ଣ୍ଣନା ସଂଖ୍ୟା-5572, ମକ୍‌ତବତୁର୍ ରୁଶ୍‌ଦି, ରିୟାଜି-2003 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ଆଁହଜରତ୍ ସ.ଅ କହିଲେ, ମୋ ମଧ୍ୟରେ ଅଧିପତିମୂଳକ, ଧନାଢ୍ୟମୂଳକ ଅହଂକାର ନଥିଲା ଓ ନିଜକୁ ଦେଖାଇ ହେବା ନିମନ୍ତେ ତଥା ପ୍ରଦର୍ଶନୀମୂଳକ ଶୈଳୀ ନାହିଁ । ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅଙ୍କ ଏକ ଓଟ ଥିଲା । ସେହି ଓଟର ନାମ ଅସ୍‌ବା ଥିଲା ଏବଂ ସେ ଏତେ ଦ୍ରୁତଗାମୀ ଥିଲା ଯେ, ତା'କୁ ଅନ୍ୟ କୌଣସି ଓଟ ଅତିକ୍ରମ କରିପାରୁ ନଥିଲା । ଜଣେ ମଫ଼ସଲ ଆଦିବାସୀ ବ୍ୟକ୍ତି ନିଜର ଏକ ଯୁବ ଓଟ ଉପରେ ଆରୋହଣ ହୋଇ ଆସିଲା ଏବଂ ସେହି ପ୍ରତିଯୋଗୀତାରେ ଅସ୍‌ବା ଓଟ ଠାରୁ ଆଗକୁ ଅତିକ୍ରମ କରିଗଲା । ତେବେ ମୁସଲମାନମାନଙ୍କୁ ଏକଥା ଆଦୌ ଭଲ ଲାଗିଲା ନାହିଁ ଯେ, ଅସ୍‌ବା ପଛରେ ରହିଯାଇଛି ଏବଂ ଅନ୍ୟ ଓଟଟି ଆଗକୁ ଅତିକ୍ରମ କରିଯାଇଛି ଅବା ଅଗାକୁ ଅତିକ୍ରମ କରୁଅଛି ? ତେଣୁ ସେମାନେ କହିଲେ, ଚାଲ ଏହି ଓଟକୁ ଅଟକାଇ ଦେବା । କାରଣ ସେହି ଓଟଟି ନବୀ କରୀମ୍ ସ.ଅଙ୍କ ଓଟ ପଛାଇ ଯାଇଛି । ସେ ଯାହା ହେଉ ରସୁଲୁଲ୍ଲାଃ ସ.ଅ ସେମାନଙ୍କର ଏପରି ଆଚରଣକୁ ଦେଖି କହିଲେ, ହେ ସାହାବାମାନେ ଅଲ୍ଲାଃତାଲାଙ୍କର ଏହି ଅଧିକାର ରହିଛି ଯେ, ସେ ସଂସାରରେ ଯାହାକୁ ଚାହିଁବେ ତାହାକୁ ଉପରକୁ ଉଠାଇବେ ଅର୍ଥାତ୍ ସମ୍ମାନ ପ୍ରଦାନ କରିବେ ଓ ଯାହାକୁ ଚାହିଁବେ ସେ ତଳ ମୁହାଁ ମଧ୍ୟ କରିଦେବେ ଅର୍ଥାତ୍ ତିରସ୍କୃତ ମଧ୍ୟ କରିବେ ।

**(ସହିହୁଲ୍ ବୁଖାରୀ, କିତାବୁର୍ ରିକାକି, ବାବ୍-ଅତ୍ ତୱାଜିଇ, ହଦିସ୍ ନଂ-6501)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତହିଁରେ ରାଗିବାର କୌଣସି କଥା ନାହିଁ । ଏହା ତ' ଅଲ୍ଲାଃତାଲା ହିଁ କରିଥାଆନ୍ତି । ଅର୍ଥାତ୍ ଯେଉଁ ବସ୍ତୁର ଉତ୍ଥାନ ହୋଇଥାଏ ତାହାର ପତନ ମଧ୍ୟ ହୋଇଥାଏ । ସାଧାରଣ ଲୋକ ତ' ଏପରି କଥା ଯୋଗୁଁ ଈର୍ଷା କରିବାକୁ ଲାଗନ୍ତି। କିନ୍ତୁ ଆପଣ ସ.ଅଙ୍କ ସମ୍ମୁଖରେ ସର୍ବଦା ଈଶ୍ୱରଙ୍କ ଅସ୍ତିତ୍ୱ ହିଁ ରହିଥିଲା । ଆପଣ ସ.ଅ କେବଳ ଈଶ୍ୱରଙ୍କ ମର୍ଯ୍ୟାଦା, ଈଶ୍ୱରଙ୍କ ଶ୍ରେଷ୍ଠତା ଓ ଅନନ୍ୟତାକୁ ଦେଖାଇଇବାକୁ (ଦର୍ଶାଇବାକୁ) ଚାହୁଁଥିଲେ । ଆପଣ ସ.ଅ କୌଣସି ବିନୀତ ବ୍ୟକ୍ତିକୁ କହୁଛନ୍ତି ଯେ, ବତ୍ସ ! ତହିଁରେ ରାଗିବାର କିଛି କଥା ନାହିଁ ? ରାଗିବାର କୌଣସି ଆବଶ୍ୟକତା ନାହିଁ। ତହିଁରୁ ତ' ଅଲ୍ଲାଃତାଲାଙ୍କ ଅନନ୍ୟ ମର୍ଯ୍ୟାଦା ପରିପ୍ରକାଶିତ ହେଉଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ବିନୀତତାର ଆଉ ଏକ ଉଦାହରଣ ହ. ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, "ମୁଁ ନବୀ କରୀମ୍ ସ.ଅଙ୍କ ଠାରୁ ଉମ୍ରାହ୍ କରିବା ନିମନ୍ତେ ଅନୁମତି ଲୋଡ଼ିଲି । ଆପଣ ସ.ଅ ମୋତେ ଅନୁମତି ପ୍ରଦାନ କରିଦେଲେ ଏବଂ କହିଲେ, ହେ ଉମର୍ ! ମୋ ଭାଇ ! ତୁମେ ନିଜ ଦୁଆ (ପ୍ରାର୍ଥନା)ରେ ମୋତେ ଜମାଭୁଲିବ ନାହିଁ । ଅର୍ଥାତ୍ ନିଜର ଦୁଆରେ ମୋତେ ଅବଶ୍ୟ ମନେରଖିବ । ଆପଣ ର.ଅ କହିଲେ, ଆଁହଜରତ୍ ସ.ଅଙ୍କ ଉକ୍ତ କଥାଟି ଏପରି ଥିଲା ଯେ, ଏହି କଥା ବଦଳରେ ଯଦି ମୋତେ ସମଗ୍ର ସଂସାର ମିଳିଯାଏ ତେବେ ମଧ୍ୟ ମୁଁ ଖୁସି ହେବି ନାହିଁ।" **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ୱିତ୍‌ରି, ବାବୁଦ୍ ଦୁଆ, ବର୍ଣ୍ଣନା ସଂଖ୍ୟା-1498)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପାଠ (ପ୍ରେରଣ) କରିବାକୁ ଅଲ୍ଲାଃତାଲା ଜରୁରୀ ବୋଲି ବିବେଚିତ କରିଛନ୍ତି ଏବଂ ଦୁଆ ସ୍ୱୀକୃତ ହେବା ନିମନ୍ତେ ଏହା ଦୁରୁଦ୍ ଶରୀଫ୍ ପାଠ କରିବା ଜରୁରୀ ବୋଲି ଆପଣ ସ.ଅ ବିବେଚିତ କରିଛନ୍ତି । କିନ୍ତୁ ବିନୀତତାର ଶେଷ ସୀମା ଏହା ଥିଲା ଯେ, ଆପଣ ସ.ଅ ନିଜର ଏକ ଶିଷ୍ୟକୁ କହୁଛନ୍ତି ଯେ, ବତ୍ସ (ହେ ଉମର୍) ! ତୁମେ ମୋ ନିମନ୍ତେ ଦୁଆ (ପ୍ରାର୍ଥନା) କରିବ । ହୁଜୁର୍ ସ.ଅ କୌଣସି କାର୍ଯ୍ୟ କରିବାକୁ ଲଜ୍ଜା ଅନୁଭବ କରୁ ନଥିଲେ । ଛୋଟରୁ ଅତି ଛୋଟ କାମ ମଧ୍ୟ ଆପଣ ସ.ଅ ସ୍ୱୟଂ ସମ୍ପାଦନ କରି ଅନ୍ୟମାନଙ୍କୁ ଦେଖାଉଥିଲେ ତାହା ନୁହେଁ ବରଂ ଅନ୍ୟମାନଙ୍କୁ ମଧ୍ୟ ବୁଝାଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁତରାଂ ହ. ଅବୁ ସଇଦ୍ ଖୁଦରୀ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଜଣେ ବାଳକ ପାଖ ଦେଇ ଅତିକ୍ରମ କଲେ । ସେହି ବାଳକ ଜଣକ ଏକ ଛେଳୀର ଚମଡ଼ା ଛେଲୁଥିଲା । ତେବେ ଆପଣ ସ.ଅ ସେହି ବାଳକକୁ ସାଇଡ୍ କଲେ ଏବଂ କହିଲେ, ହେ ବାଳକ ପଛକୁ ଟିକେ ଘୁଞ୍ଚ ! ମୁଁ ତୁମକୁ ଛେଳୀର ଚମଡ଼ା କିପରି ଛେଲାଯାଏ ତାହାର ସଠିକ୍ ଶୈଳୀ ଶିଖାଇ ଦେଉଛି । କାରଣ ମୋତେ ଏପରି ଲାଗୁ ନାହିଁ ଯେ, ତୁମେ ଛେଳୀର ଚମଡ଼ା ଓହ୍ଲାଇବାରେ ଏତେ ଅଭିଜ୍ଞ ଅଟ । ସୁତରାଂ ଆପଣ ସ.ଅ ନିଜର ହାତ ଛେଳୀର ଚର୍ମ (ଚମଡ଼ା) ଓ ମାଂସ ମଝିରେ ପୂରାଇଲେ ଓ ହାତକୁ ପୂରା ଭିତର ପର୍ଯ୍ୟନ୍ତ ନେଇଗଲେ । ଏପର୍ଯ୍ୟନ୍ତକି ହାତ ପୂରା କାଖ ପର୍ଯ୍ୟନ୍ତ ଲୁଚିଗଲା । ପୁନଶ୍ଚ ଆପଣ ସ.ଅ କହିଲେ, ଦେଖ ହେ ବାଳକ ! ଏହିପରି ଚମଡ଼ା ଛେଲ । ଆପଣ ସ.ଅ ସେହି ବାଳକର ସମସ୍ତ କାମ ମଧ୍ୟ କରିଦେଲେ ଓ ତାକୁ ଚମଡ଼ା ଛେଲିବା ମଧ୍ୟ ଶିଖାଇ ଦେଲେ । **(ସୁନନ୍ ଅବୁ ଦାଉଦ୍, କିତାବୁତ୍ ତାହାରତା, ବାବ୍- ଅଲ୍ ୱୁଜୁଇ ମିନ୍ ମସ୍ସିଲ୍ ଲହ୍‌ମି.........ହଦିସ୍ ନଂ-185)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ବିନୀତତାର ସହିତ ଅନ୍ୟ ଲୋକର କାମ କରିବା ସଂପର୍କରେ ମଧ୍ୟ ଏକ ବର୍ଣ୍ଣନା ରହିଛି । ହ. ଖୁବ୍‌ବାବ୍ ର.ଅଙ୍କ ସପୁତ୍ର ଉକ୍ତ ବର୍ଣ୍ଣନାଟି ବର୍ଣ୍ଣନା କରିଛନ୍ତି । ସେ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଛେଳୀ କ୍ଷୀର ଦୁହିବା ନିମନ୍ତେ ଗଲେ ଅବା ଛେଳୀର କ୍ଷୀର ଦୁହାଇବା ନିମନ୍ତେ ଆପଣ ସ.ଅଙ୍କ ପାଖକୁ ଛେଳୀ ଧରି ଆସିଲେ । ଆପଣ ସ.ଅ ସେହି ଛେଳୀକୁ ବାନ୍ଧିଲେ ଏବଂ ଛେଳୀର କ୍ଷୀର ଦୁହିଲେ । ଆପଣ ସ.ଅ କହିଲେ, ମୋ ପାଖକୁ ତୁମେ ନିଜର ବାସନ ପାତ୍ର ଆଣ। ସେ ପାତ୍ର ନେଇ ଆସିଥିଲା । ଆପଣ ସ.ଅ କହିଲେ, ନା, ଏହାଠୁ ବି ବଡ଼ ପାତ୍ର ଆଣ । ତେଣୁ ମୁଁ ଏକ ବଡ଼ ପାତ୍ର ଯେତେବେଳେ ଆଣିଲି ସେତେବେଳେ ଆପଣ ସ.ଅ ତହିଁରେ କ୍ଷୀର ଦୁହିଦେଲେ । ଏପର୍ଯ୍ୟନ୍ତକି ତାହା କ୍ଷୀର ଦ୍ୱାରା ଭର୍ତ୍ତି ହୋଇଗଲା। ପୁନଶ୍ଚ ଆପଣ ସ.ଅ କହିଲେ, ନା ! ହେ ଝିଅ ତୁମେ ନିଜେ ଏହି କ୍ଷୀର ପାନ କର ଓ ନିଜର ପଡୋଶୀମାନଙ୍କୁ ମଧ୍ୟ ଉକ୍ତ କ୍ଷୀର ପାନ କରାଅ । **(ମସ୍‌ନଦ୍ ଅବି ଦାଉଦ୍, ଅତ୍ ତୟାଲିସ୍, ଗ୍ରନ୍ଥଖଣ୍ଡ-3, ପୃ-239-240, ହଦିସ୍ ନଂ-1768, ଦାରେ ହିଜର୍, ମିସର-1999 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନିଃସନ୍ଦେହ ରୂପେ ଆପଣ ସ.ଅଙ୍କ ମନରେ ଏହି ଧାରଣା ଥିବ ଯେ, ଆପଣ ସ.ଅଙ୍କ କଲ୍ୟାଣମୂଳକ ଦୁଆ ଯୋଗୁଁ ତହିଁରେ ଅସାଧାରଣ ଅଭିବୃଦ୍ଧ ହୋଇଛି । ତେଣୁ ଆପଣ ସ.ଅ ତାଙ୍କୁ (ହ. ଖୁବ୍‌ବାବ୍ ର.ଅଙ୍କ ପୁତ୍ରଙ୍କୁ) କହିଲେ, ବତ୍ସ ! ଏ ଯେଉଁ କଲ୍ୟାଣ ରହିଛି ତାହା ତୁମେ ଅନ୍ୟମାନଙ୍କୁ ମଧ୍ୟ ପ୍ରଦାନ କର । ସେତେବେଳେ ଛେଳୀ ଠାରୁ ଦୁଇଗୁଣା ଅଧିକ କ୍ଷୀର ଦୁହାଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସଲାମ୍ କରିବା ଏବଂ ମଜ୍‌ଲିସ୍‌ରେ ବସିବା ସଂପର୍କରେ ମଧ୍ୟ ଆପଣ ସ.ଅଙ୍କର ଏକ ବିନୀତତାମୂଳକ ଅବସ୍ଥା ଓ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାର ଉଦାହରଣ ମିଳିଥାଏ । ସୁତରାଂ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କଲେ, ଯେତେବେଳେ କୌଣସି ବ୍ୟକ୍ତି ନବୀ କରୀମ୍ ସ.ଅ ସମ୍ମୁଖକୁ ଆସିଥିଲା ସେତେବେଳେ ଆପଣ ସ.ଅ ସେହି ବ୍ୟକ୍ତି ସହିତ ହାତ ମିଳାଉଥିଲେ । ଯେପର୍ଯ୍ୟନ୍ତ ବ୍ୟକ୍ତି ନିଜର ହାତ ଆଁହଜରତ୍ ସ.ଅଙ୍କ ଠାରୁ ଟାଣି ନେଉ ନଥିଲା ଓ ନିଜର ମୁଖକୁ ଆପଣ ସ.ଅଙ୍କ ଆଡୁ (ଠାରୁ) ବୁଲାଇ ନେଉ ନଥିଲା ସେପର୍ଯ୍ୟନ୍ତ ଆପଣ ସ.ଅ ନିଜର ହାତକୁ ସେହି ବ୍ୟକ୍ତି ଠାରୁ ଟାଣୁ ନଥିଲେ। ସେହିପରି ଆମେମାନେ ଆପଣ ସ.ଅଙ୍କୁ କେବେ ବି ଦେଖି ନାହୁଁ ଯେ, ଆପଣ ସ.ଅ ସଭାରେ ଲୋକମାନଙ୍କର ସମ୍ମୁଖରେ ଆଣ୍ଠୁ ମେଲାଇ ଅର୍ଥାତ୍ ଗୋଡ଼ ଲମ୍ବାଇ ବସିଛନ୍ତି। **(ଯାମିଉତ୍ ତିର୍ମିଜି, କିତାବୁ ସିଫତିଲ୍ କିୟାମତି ୱର୍ ରକାଇକି, ବାବ୍-46, ହଦିସ୍ ନଂ-2490)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନା ରହିଛି । ସେହି ବର୍ଣ୍ଣନାଟି ହ. ଅବୁ ମୁସ୍‌ନା ଅମ୍‌ଲୁକି ର.ଅ ବର୍ଣ୍ଣନା କରିଛନ୍ତି । ସେ କହିଲେ, ରସୁଲୁଲ୍ଲାଃ ସ.ଅ ଏବଂ ଆପଣ ସ.ଅଙ୍କ ପୂର୍ବବର୍ତ୍ତୀ ଅବତାରମାନେ ଆଶାବାଡ଼ି ସାହାଯ୍ୟରେ ଚାଲୁଥିଲେ ଏବଂ ସେହି ଆଶାବାଡ଼ି ଉପରେ ସେମାନେ ଭରା ଦେଉଥିଲେ । ଆଉଜି ଯାଉଥିଲେ ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-7, ପୃ-32, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଆଶାବାଡ଼ି (ଲାଠି ବା ଠେଙ୍ଗା) ଏଇଥି ପାଇଁ ଉଦ୍ଦିଷ୍ଟ ନଥିଲା ଯେ, ଅନ୍ୟ ଉପରେ କୌଣସି ଭୟ ବା ପ୍ରଭାବ ସୃଷ୍ଟି କରାଯାଉ । ବରଂ ଏହା ଅଲ୍ଲାଃତାଲାଙ୍କ ସମମ୍ମୁଖରେ ବିନୀତତା ଏବଂ ବିନମ୍ରତା ସ୍ୱରୂପେ ଉଦ୍ଦିଷ୍ଟ ହେଉଥିଲା । ଆଁହଜରତ୍ ସ.ଅଙ୍କ ବିନୀତତା ତ' ସର୍ବାଧିକ ଥିଲା । ପୁନଶ୍ଚ ଆପଣ ସ.ଅ ବିନୀତତାର ଉପଦେଶ ମଧ୍ୟ ଅତ୍ୟନ୍ତ ତାତ୍ତ୍ୱିକପୂର୍ଣ୍ଣ ଢଙ୍ଗରେ ଦେଉଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଏକ ବର୍ଣ୍ଣନା ରହିଛି ଯେ, ଇବ୍‌ନେ ହଜନ୍ ବର୍ଣ୍ଣନା

କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ଓଟ ଏବଂ ଛେଳୀ ପାଳନକାରୀମାନଙ୍କ ମଧ୍ୟରେ ଗର୍ବ, ମର୍ଯ୍ୟାଦାଜନିତ ପ୍ରତିଯୋଗୀତା ହେଲା । ଯେଉଁ ଲୋକମାନଙ୍କ ପାଖରେ ଅଧିକ ଓଟ ରହିଥିଲା ବା ଯେଉଁମାନେ ଓଟର ମାଲିକ ଥିଲେ ସେମାନେ କହୁଥିଲେ ଯେ, ଆମେମାନେ ତୁମ ଠାରୁ (ଅପେକ୍ଷା) ବଡ଼ ଅଟୁ ଓ ଆମର ଆର୍ଥିକ ସ୍ଥିତି ତୁମ ଅପେକ୍ଷା ଅଧିକ ସ୍ୱଚ୍ଛଳ ଅଟେ । ଛେଳୀର ମାଲିକମାନେ କହୁଥିଲେ ଯେ, ନା ଆମେମାନେ ତୁମମାନଙ୍କ ଠାରୁ ବଡ଼ ଅଟୁ ଓ ଆମମାନଙ୍କ ଆର୍ଥିକ ଅବସ୍ଥା ତୁମମାନଙ୍କ ଅପେକ୍ଷା ସ୍ୱଚ୍ଛଳ ଅଟେ । ଯେତେବେଳେ ଏହି ମୁକାବିଲା ହେଉଥିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ସେଠାକୁ ଗଲେ ଏବଂ ଆପଣ ସ.ଅ କହିଲେ, ହେ ସାହାବାମାନେ ! ହ. ମୁସା ଅ.ସ ଅବାତର ହୋଇ ପ୍ରେରିତ ହୋଇଥିଲେ ଏବଂ ସେ ଛେଳୀ ଚରାଉଥିଲେ। ସେହିପର ହ. ଦାଉଦ୍ ଅ.ସ ମଧ୍ୟ ଅବତାର ହୋଇ (ରୂପେ) ପ୍ରେରିତ ହୋଇଥିଲେ ଏବଂ ସେ ମଧ୍ୟ ଛେଳୀ (ଚରାଳୀ) ଚରାଉଥିଲେ । ଆଉ ମୁଁ ମଧ୍ୟ ଅବଚତାର ହୋଇ ପ୍ରେରିତ ହେଲି ଏବଂ ମୁଁ ମଧ୍ୟ ନିଜର ପରିବାରର ଛେଳୀ ଅଜ୍‌ୟାଦ୍ ନାମକ ସ୍ଥାନରେ ଚରାଉଥିଲି । **(ଅସ୍ ସୁନନୁଲ୍ କୁବ୍ରା, ଲିନ୍ ନିସାଇ, କିତାବୁତ୍ ତଫସିରି, ସୁରାଃ ହାଜା, ହଦିସ୍ ନଂ-11262, ଗ୍ରନ୍ଥଖଣ୍ଡ-10, ପୃ-171-172, ମୁଓସ୍ସିସତୁର୍ ରୁସୁଲତା, ବୈରୁତ୍,-2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଗର୍ବ ଓ ଅହଂକାର ପ୍ରକାଶକାରୀମାନଙ୍କୁ ମଧ୍ୟ ହୁଜୁର ସ.ଅ ଉପଦେଶ ଦେଲେ ଏବଂ ଯେଉଁ ଓଟର ମାଲିକମାନେ ଛେଳୀର ମାଲିକମାନଙ୍କ ଉପରେ ନିଜର ଗର୍ବଭାବ ଜନିତ ମର୍ଯ୍ୟାଦା ଓ ଆର୍ଥିକ ସ୍ୱଚ୍ଛଳତା ଭାବ ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କୁ ଛୋଟ ଜାତି ବୋଲି ଅଭିହିତ କରୁଥିଲେ ସେହି ଛେଳୀ ପାଳନକାରୀ ମାଲିକମାନଙ୍କ ପ୍ରତି ଆପଣ ସ.ଅ ସହାନୁଭୂତି ପ୍ରଦର୍ଶନ କଲେ ଏବଂ ସେମାନଙ୍କର ମନ ରଖିନେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଯେଉଁ ଅଜ୍‌ୟାଦ ସ୍ଥାନର ଚର୍ଚ୍ଚା କଲେ ସେହି ଅଜ୍‌ୟାଦ ମକ୍କାରେ ସଫା ନାମକ ଏକ ସ୍ଥାନ ନିକଟବର୍ତ୍ତୀ ସ୍ଥାନ ଅଟେ । ସେହି ସ୍ଥାନକୁ ଜୟାଦ୍ ମଧ୍ୟ କୁହାଯାଏ ।

**(ମୁଜିମୁଲ୍ ବଲ୍‌ଦାନ୍, ଗ୍ରନ୍ଥଖଣ୍ଡ-01, ପୃ-130)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ମଧ୍ୟରେ କୌଣସି ଗର୍ବଭାବ ନଥିଲା । ଆପଣ ସ.ଅ ଯେତେବେଳେ କୌଣସି ଦୀନ ଦରିଦ୍ର (ଅଭାବି) ବ୍ୟକ୍ତି ସହିତ ସାକ୍ଷାତ୍ କରୁଥିଲେ ସେତେବେଳେ ଆପଣ ସ.ଅ ବିନୀତତାର ସହିତ ସାକ୍ଷାତ୍ କରୁଥିଲେ ଏବଂ ସେମାନଙ୍କର ମନ ରଖି ନେଉଥିଲେ ଓ ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ । ସୁତରାଂ ଏଥି ସଂକ୍ରାନ୍ତୀୟ ଏକ ହଦିସ୍ ମଧ୍ୟ ରହିଛି । ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ପୁରପଲ୍ଲୀ ନିପଟ ମଫସଲବାସୀ (ବା ଆଦିବାସୀମାନେ) ମାନଙ୍କ ମଧ୍ୟରେ ବାସ କରୁଥିବା ଯେଉଁ ଲୋକମାନେ ରହିଥିଲେ ସେମାନଙ୍କ ମଧ୍ୟରୁ ଜାହିର୍ ନାମକ ଜଣେ ବ୍ୟକ୍ତି ରହିଥିଲା । ସେ ଆଁହଜରତ୍ ସ.ଅଙ୍କ ସକାଶେ ଗାଁ ଗଣ୍ଡାର (ପୁର ପଲ୍ଲୀର) ଖବର ଘିନି ଆଣୁଥିଲା । ସେଠାରେ ଯେଉଁ ବିଭିନ୍ନ ଜିନିଷ ତଥା ପ୍ରସଙ୍ଗ ହେଉଥିଲା ଅର୍ଥାତ୍ ଗାଁ ଗଣ୍ଡାର ଖବର ଘିନି ଆଣୁଥିଲା ଏବଂ ଯେତେବେଳେ ସେ ଅର୍ଥାତ ଜାହିର୍ ଯିବାକୁ ଲାଗୁଥିଲା ସେତେବେଳେ ଆପଣ ସ.ଅ ଜାହିରଙ୍କୁ ବେଶ୍ ଅର୍ଥ ପ୍ରଦାନ କରି ପଠାଇ ଦେଉଥିଲେ ଆଁହଜରତ୍ ସ.ଅ କହିଲେ, ଜାହିର୍ ଆମର ଗାଁ ଗଣ୍ଡା (ପୁର୍ ପଲ୍ଲୀରେ) ବାସ କରୁଥିବା ଜଣେ ବନ୍ଧୁ ଅଟନ୍ତି ଏବଂ ଆମେମାନେ ତାଙ୍କର ସହରୀ ବନ୍ଧୁ ଅଟୁ । ଦିନେ ଏମିତି ହେଲା ଯେ, ଜାହିର୍ ବଜାରରେ ନିଜର କିଛି ଜିନିଷ ବିକ୍ରି କରୁଥିଲେ ଏବଂ ନବୀ କରୀମ୍ ସ.ଅ ତାଙ୍କ ପାଖକୁ ଆସିଲେ ଏବଂ ପଛପଟୁ ତାଙ୍କୁ ନିଜର ଛାତି ସହିତ ଆଲିଙ୍ଗନ (କୁଣ୍ଢାଇ) କରିନେଲେ । ହ. ଜାହିର୍ ର.ଅ ରସୁଲ୍ କରୀମ୍ ସ.ଅଙ୍କୁ ଦେଖିପାରୁ ନଥିଲେ । ସେ ପଚାରିଲେ କିଏ ? ମୋତେ ଛାଡ଼ିଦିଅ। କିନ୍ତୁ ଯେତେବେଳେ ସେ ଅର୍ଥାତ୍ ଜାହିର୍ ପଛକୁ ବୁଲିକି ଦେଖିଲେ ସେତେବେଳେ ସେ ଆଁହଜରତ୍ ସ.ଅଙ୍କୁ ଚିହ୍ନି ପକାଇଲେ ଏବଂ ନିଜର ଅଣ୍ଟାକୁ ଆଁହଜରତ୍ ସ.ଅଙ୍କ ଛାତି ସହିତ ଘଷିବାକୁ ଲାଗିଲା । ଆଁହଜରତ୍ ସ.ଅ କହିବାକୁ ଲାଗିଲେ ଯେ, ହେ ଲୋକମାନେ ଏହି ଦାସକୁ କିଏ କିଣିବ ? ହ. ଜାହିର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣ ସ.ଅ ମୋତେ ଅନ୍ୟକୁ ବିକ୍ରି କରିଦେବେ ତେବେ ଆପଣ ବ୍ୟାପାରରେ ବହୁତ କ୍ଷତି ସହ୍ୟ କରିବେ । ମୋତେ ବା କିଏ କିଣିବ ? ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ କହିଲେ, ହେ ଜାହିର୍ ! ଅଲ୍ଲାଃତାଲାଙ୍କ ନିକଟରେ ତୁମେ କ୍ଷତିର ଜିନିଷ (ବାଣିଜ୍ୟ) ନୁହେଁ ଅବା ଆପଣ ସ.ଅ କହିଲେ, ହେ ଜାହିର୍ ! ଅଲ୍ଲାଃତାଲାଙ୍କ ନିକଟରେ ତୁମର ବହୁତ ଅଧିକ ମୂଲ୍ୟ ରହିଛି । **(ସହି ଇବନେ ହବବାନ୍ କିତାବୁଲ୍ ଖତର୍ ୱଲ୍ ଅବାହତ୍, ବାବ୍- ଅଲ୍ ମଜାହା ୱଜ୍ ଜହିକି, ହଦିସ୍ ନଂ-5790, ପୃ-1543, ଦାରୁଲ୍ ମାଆରିଫା-2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ଅବସରରେ ଉପରୋକ୍ତ ଘଟଣାର ଚର୍ଚ୍ଚା କରି ହ. ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରି କୁହନ୍ତି: "ହୁଜୁର୍ ସ.ଅଙ୍କର ଜଣେ ସାହାବି ଥିଲେ । ସେ ଆଜନ୍ମ (ଜନ୍ମରୁ) ବିକୃତ ମୁଖ ଥିଲେ । ଅର୍ଥାତ୍ ନିଜର କୌଣସି ଶାରୀରୀକ ସମସ୍ୟା ଯୋଗୁଁ ବିକୃତ ମୁଖ ଥିଲେ । ତାଙ୍କର ମୁଖମଣ୍ଡଳ ସୁନ୍ଦର ନଥିଲା ଓ ସେ ବହୁତ ଗରିବ ବ୍ୟକ୍ତି ଥିଲେ । ଶରୀର ଏବଂ ବସ୍ତ୍ର ଧୂଳି ମାଟି ଲାଗିଥିଲା । ସେହି ଝାଳନାଳ ଅବସ୍ଥାରେ ସେ ବଜାରରେ କୌଣସି ଜିନିଷ ବିକ୍ରି କରୁଥିଲେ । କିନ୍ତୁ ସେହି ସାହାବି ଜଣକ ମଧ୍ୟରେ କିଛି ଖାସ୍ ଜିନିଷ ରହିଥିଲା ଯାହାର ମୂଲ୍ୟ ହୁଜୁର୍ ସ.ଅଙ୍କ ମନ ମଧ୍ୟରେ ରହିଥିଲା । ସେ ନିଜେ ଏହା ମନେ କରୁଥିଲେ ଯେ, ମୁଁ ଝାଳନାଳ ହୋଇଛି, ମାଟି ମୋ ଶରୀରରେ ଲାଗିଛି ଏବଂ ସମ୍ଭବତଃ ସେ ନିଜେ ମଧ୍ୟ ଘାବରେଇଥିବେ । ହୁଜୁର ସ.ଅ ସେତେବେଳେ ତାଙ୍କ ପଛ ପଟୁ ଆସି ତାଙ୍କର ଆଖି ବନ୍ଦ କରିଦେଲେ। ଅର୍ଥାତ୍ ଯେପରି ଛୋଟ ପିଲାମାନେ ଲୁଚକାଳି ଖେଳନ୍ତି ଓ ପରସ୍ପର ଆଖି ବନ୍ଦ କରିଦେଇ ଥାଆନ୍ତି ଠିକ୍ ସେହିପରି ହୁଜୁର୍ ସ.ଅ ତାଙ୍କର ଆଖି ବନ୍ଦ କରିଦେଲେ । ସେ ଉଣ୍ଡାଳି ଜାଣିବାକୁ ଚେଷ୍ଟା କଲେ ଯେ, କିଏ ତାଙ୍କ ଆଖି ବନ୍ଦ କଲା ? ତେଣୁ ସେହି ସାହାବି ଜଣକ କହିଲେ, ଏହି ହାତ ହେଉଛି ଆଁହଜରତ୍ ସ.ଅଙ୍କର । କାରଣ ହୁଜୁର୍ ସ.ଅଙ୍କ ଶରୀରରେ ଲୋମ ଆଦୌ ନଥିଲା କିମ୍ବା ଖୁବ୍ କମ୍ ଲୋମ ରହିଥିଲା ଓ ଶରୀର ମଧ୍ୟ ଅତ୍ୟନ୍ତ କୋମଳ ଥିଲା । ତେଣୁ ସେହି ସାହାବି ଜଣକ ଅତ୍ୟନ୍ତ ପ୍ରେମର ସହିତ ନିଜର ଶରୀରକୁ ଘଷିବାକୁ ଲାଗିଲେ । ଯଦ୍ଦ୍ୱାରାକି ହୁଜୁର୍ ସ.ଅଙ୍କ ଶରୀର ଏବଂ ବସ୍ତ୍ର ମଇଳା ହେବାକୁ ଲାଗିଲା । କିନ୍ତୁ ହୁଜୁର୍ ସ.ଅ ତିଳେ ମାତ୍ର ଖରାପ୍ ବୋଲି ମନେକଲେ ନାହିଁ। ହୁଜୁର ସ.ଅ ସେହି ସାହାବିଙ୍କ ଉପରେ ନିଜର ହାତ ରଖିଲେ ଏବଂ କହିଲେ, ହେ ଲୋକମାନେ ! ଏହି ବ୍ୟକ୍ତି ହେଉଛି ମୋର ଦାସ । ତେଣୁ କିଏ ମୋର ଏହି ଦାସକୁ କିଣିବ ? ଏକଥା ଶୁଣି ତାଙ୍କର ଆଖିରେ ଲୁହ ଆସିଗଲା । ଅର୍ଥାତ୍ ସେହି ସାହାବିଙ୍କ ଆଖି ଲୋତକାପ୍ଳୁତ (ଆଖିରେ ଲୁହ ଆସିଗଲା) ହୋଇଗଲା । ହୁଜୁର୍ ସ.ଅ କହିଲେ, ହେ ମୋର ପ୍ରିୟ ମୁନିବ ! ଏହି କିଣାବିକା ତ' ଏକ ନିରର୍ଥକ କିଣାବକା ହେବ ଓ ଏହା ମଧ୍ୟ ଅମୂଲ୍ୟ ସାବ୍ୟସ୍ତ ହେବ । ତେଣୁ ମୋତେ ଭଲା କିଏ କିଣିବ ? ହୁଜୁର୍ ସ.ଅ କହିଲେ, କଦାପି ନୁହଁ । ଅଲ୍ଲାଃତାଲାଙ୍କ ନିକଟରେ ଏହାର ବହୁତ ଅଧିକ ମୂଲ୍ୟ ରହିଛି।" **(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-3, ପୃ-663)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ହସନ୍ ବିନ୍ ଅଲୀ ର.ଅ ଆପଣ ସ.ଅଙ୍କ ସହିତ ବୀନୀତତା, ବିନମ୍ରତାପୂର୍ବକ ଭେଟ ହେବା ଓ ଆପଣ ସ.ଅଙ୍କ ଉଚ୍ଚ ମର୍ଯ୍ୟାଦାର ରୂପରେଖ ସଂପର୍କରେ ବର୍ଣ୍ଣନା କରି ଏକ ସ୍ଥାନରେ କୁହନ୍ତି ଯେ, ମୁଁ ନିଜର ମାମୁଁ ହିନ୍ଦ୍ ବିନ୍ତ୍ ଅବି ହାଲାଙ୍କୁ ଆଁହଜରତ୍ ସ.ଅଙ୍କ ପବିତ୍ର ରୂପ ସଂପର୍କରେ ପଚାରିଲି । ସେ ଅତ୍ୟନ୍ତ ସୁନ୍ଦର ଭାବରେ ନବୀ କରୀମ୍ ସ.ଅଙ୍କ ପବିତ୍ର ମୁଖମଣ୍ଡଳ ଏବଂ ଶାରୀରୀକ ଗଠନ ସଂପର୍କରେ ବର୍ଣ୍ଣନା କରୁଥିଲେ । ମୁଁ ଏହା ଚାହୁଁଥିଲି ଯେ, ସେ ମୋ ସମ୍ମୁଖରେ ଏହାର କିଛି ଚର୍ଚ୍ଚା କରନ୍ତୁ । ପ୍ରତ୍ୟୁତ୍ତରରେ ସେ କହିଲେ, ରସୁଲୁଲ୍ଲାଃ ସ.ଅ ପ୍ରଭାବଶାଳୀ ଏବଂ ମର୍ଯ୍ୟାଦା ସମ୍ପନ୍ନ ରୂପର ଅଧିକାରୀ ଥିଲେ । ଆପଣ ସ.ଅଙ୍କ ପବିତ୍ର ଚେହେରା ଏପରି ଆଲୋକିତ ହେଉଥିଲା ଯେପରି ଚତୁର୍ଦ୍ଦଶୀ ଚନ୍ଦ୍ର ଆଲୋକିତ ହେଉଥାଏ । ଏହାପରେ ସେ ସଂପୂର୍ଣ୍ଣ ହଦିସ୍ ବର୍ଣ୍ଣନା କଲେ । ସେ ସବିଶେଷ ବିବରଣୀ ପ୍ରଦାନ କଲେ । ହ. ହସନ୍ ର.ଅ କୁହନ୍ତି ଯେ, ହିନ୍ଦ୍ ବିନ୍ତ୍ ଅବି ହାଲା ଯେଉଁ ବର୍ଣ୍ଣନାଟି ମୋ ସମ୍ମୁଖରେ ବର୍ଣ୍ଣନା କରିଥିଲେ, ସେହି ବର୍ଣ୍ଣନାଟୁ ମୁଁ ହ. ହୁସୈନ୍ ର.ଅଙ୍କ ଠାରୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିଲି । ପୁନଶ୍ଚ ତାଙ୍କ ଆଗରେ ମୁଁ ଉକ୍ତ ବର୍ଣ୍ଣନାଟି ବର୍ଣ୍ଣନା କଲି। ତେବେ ଏହା ଜ୍ଞାତ ହେଲା ଯେ, ସେ ଏଥି ସଂକ୍ରାନ୍ତରେ ମୋ ପୂର୍ବରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଆଗେଇ ଯାଇଛନ୍ତି ଓ ମୋ ପୂର୍ବରୁ ହିଁ ସେ ଅବି ହାଲାଙ୍କୁ ସବୁ ପଚାରି ସାରିଛନ୍ତି ଯାହା ମୁଁ ତାଙ୍କୁ ଅର୍ଥାତ୍ ହିନ୍ଦ୍ ବିନ୍ତ୍ ଅବି ହାଲାଙ୍କୁ ଆଁହଜରତ୍ ସ.ଅଙ୍କ ସଂପର୍କରେ ପଚାରିଥିଲି । କେବେଳ ସେତିକି ନୁହେଁ ବରଂ ଏହା ମଧ୍ୟ ଜ୍ଞାତ ହେଲା ଯେ, ସେ ନିଜର ପିତାଶ୍ରୀଙ୍କୁ ମଧ୍ୟ ଆଁହଜରତ୍ ସ.ଅଙ୍କ ଘରେ ଯିବା ଆସିବା ଏବଂ ଆପଣ ସ.ଅଙ୍କ ଚେହେରା ସଂପର୍କରେ ପଚାରି ସାରିଛନ୍ତି ଏବଂ କୌଣସି କଥା ଆଉ ବାକି ଛାଡ଼ି ନାହାନ୍ତି । ହ. ଇମାମ୍ ହୁସୈନ୍ ର.ଅ କୁହନ୍ତି: "ମୁଁ ନିଜର ପିତାଶ୍ରୀଙ୍କ ଠାରୁ ରସୁଲ୍ କରୀମ୍ ସ.ଅଙ୍କ ଘରେ ପ୍ରବେଶ କରିବା ନିମନ୍ତେ ପଚାରିଲି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଇମାମ୍ ହୁସୈନ୍ ର.ଅ କୁହନ୍ତି ଯେ, ପୂର୍ବ କଥା ତ' ବାହାରର କଥା ଥିଲା । ଯେତେବେଳେ ମୁଁ (ହ. ଇମାମ୍ ହୁସୈନ୍ ର.ଅ) ପିତାଶ୍ରୀ ହ. ଅଲୀ ର.ଅଙ୍କୁ ପଚାରିଲି ସେତେବେଳେ ସେ କହିଲେ, ଯେତେବେଳେ ହୁଜୁର୍ ସ.ଅ ନିଜ ଘରକୁ ଆସୁଥିଲେ ସେତେବେଳେ ଘରର ସମୟକୁ ତିନି ଭାଗରେ ବିଭକ୍ତ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

କରୁଥିଲେ । 1- ଗୋଟିଏ ଭାଗ ଅଲ୍ଲାଃତାଲାଙ୍କ ସକାଶେ ଉତ୍ସର୍ଗ (ଧାର୍ଯ୍ୟ) କରୁଥିଲେ। 2- ଗୋଟିଏ ଭାଗ ନିଜର ପରିବାରବର୍ଗଙ୍କ ସକାଶେ ଧାର୍ଯ୍ୟ କରୁଥିଲେ ଏବଂ 3- ଗୋଟିଏ ଭାଗ ସ୍ୱୟଂ ନିଜ ନିମନ୍ତେ ଧାର୍ଯ୍ୟ ରଖୁଥିଲେ । ପୁନଶ୍ଚ ନିଜର ସମୟକୁ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ ଏବଂ ତହିଁରେ ବିଶେଷ ରୂପେ ସାହାବାମାନଙ୍କ ମାଧ୍ୟମରେ ସାଧାରଣ ଲୋକମାନଙ୍କ ପର୍ଯ୍ୟନ୍ତ ଧାର୍ମିକ କଥା ପହଞ୍ଚାଇବା ଏବଂ ଆପଣ ସ.ଅ ସେମାନଙ୍କ ଠାରୁ କୌଣସି କଥା ଲୁଚାଉ ନଥିଲେ । ଆପଣ ସ.ଅଙ୍କ ଜୀବନରେ ଧର୍ମାବଲମ୍ବୀମାନଙ୍କର ଭାଗକୁ ବାଣ୍ଟିବାର ଯେଉଁ ପନ୍ଥା ରହିଥିଲା ତାହା ଏହିପରି ଥିଲା ଯେ, ସାକ୍ଷାତ୍ ସକରିବା ନିମନ୍ତେ ଅର୍ଥାତ୍ ଆଁହଜରତ୍ ସ.ଅଙ୍କୁ ଯେଉଁ ଲୋକାମାନେ ଭେଟିବାକୁ ଆସୁଥିଲେ ଆଁହଜରତ୍ ସ.ଅ ଅନୁମତି ପ୍ରଦାନ କରିବାରେ ଧର୍ମାବଲମ୍ବୀମାନଙ୍କର ମଧ୍ୟରେ ବରିଷ୍ଠ ଏବଂ ସମ୍ମାନାସ୍ପଦ ଲୋକମାନଙ୍କୁ ପ୍ରାଧାନ୍ୟ ଦେଉଥିଲେ ଏବଂ ଧର୍ମର ଶ୍ରେଷ୍ଠତା ଦୃଷ୍ଟିରୁ ସେମାନଙ୍କୁ ବାଣ୍ଟି ଦିଆଯାଉଥିଲା । ସେହି ଲୋକମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିମାନଙ୍କୁ କିଛି ଆବଶ୍ୟକତା ପଡୁଥିଲା ଅବା ଆଉ କେତେକ ବ୍ୟକ୍ତିମାନଙ୍କୁ ଅନେକ ଆବଶ୍ୟକତା ପଡୁଥିଲା । ଆପଣ ସ.ଅ ସେମାନଙ୍କର ଆବଶ୍ୟକତା ପରିପୂରଣ କରିବାରେ ସେମାନଙ୍କ ସହିତ ବ୍ୟସ୍ତ ରହୁଥିଲେ ଏବଂ ସେମାନଙ୍କର ପ୍ରଶ୍ନ ସମୟରେ ଅର୍ଥାତ୍ ସେମାନେ ଯେତେବେଳେ ଆପଣ ସ.ଅଙ୍କୁ ପ୍ରଶ୍ନ କରୁଥିଲେ ସେତେବେଳେ ଆପଣ ସ.ଅ ସେମାନଙ୍କୁ କାର୍ଯ୍ୟବ୍ୟସ୍ତ କରି ଦେଉଥିଲେ ଯାହା ସେମାନଙ୍କର ଏବଂ ମୁସଲମାନ ଧର୍ମାବଲମ୍ବୀମାନଙ୍କର ସଂଶୋଧନ କରିପାରିବ ତଥା ଏପରି କଥା ଦ୍ୱାରା ସେମାନଙ୍କୁ ଅବଗତ କରାଇ ପାରିବ ଯାହା ସେମାନଙ୍କ ନିମନ୍ତେ ଲାଭଦାୟକ ହେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ କହିଲେ, ତୁମମାନଙ୍କ ମଧ୍ୟରୁ ଯେଉଁମାନେ ଏଠାରେ ଉପସ୍ଥିତ ଅଛନ୍ତି ସେମାନେ ଅନୁପସ୍ଥିତ ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ ମୋର ଏହି କଥାକୁ ପହଞ୍ଚାଇ ଦିଅନ୍ତୁ । ସେହିପରି ମୋତେ ସେହି ଲୋକମାନଙ୍କର ଆବଶ୍ୟକତା ଏବଂ ଅଭାବ ଅସୁବିଧା ସଂପର୍କରେ ଅବଗତ କର ଯେଉଁମାନେ ନିଜର ଆବଶ୍ୟକତା, ଅଭାବ ଅସୁବିଧାକୁ ଦୂର ତଥା ପୂରଣ କରିପାରୁ ନାହାନ୍ତି । କାରଣ ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ଆବଶ୍ୟକତା, ଅଭାବ ଅସୁବିଧାକୁ ନିଜେ ଦୂର କରି ନପାରି ଏସଂପର୍କରେ ଶାସକଙ୍କୁ ଅବଗତ କରେ ତେବେ ପ୍ରଳୟ ଦିବସ ଦିନ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଅବିଚଳତା ପ୍ରଦାନ କରିବେ ।

ହୁଜୁର ଅନୱର୍ ଅ.ବ କହିଲେ, ଅତଏବ୍ ତହିଁରେ ଜମାଅତ୍‌ର ପଦାଧିକାରୀମାନଙ୍କ ନିମନ୍ତେ ମଧ୍ୟ ଏକ ନୀତି ଶିକ୍ଷା ରହିଛି ଯେଉଁମାନେ ନାନା ପଦ ପଦବୀରେ ଅଧିଷ୍ଠିତ ଓ ନିଯୁକ୍ତ ହୋଇଛନ୍ତି । ତେଣୁ ଜମାଅତ୍‌ରେ ଥିବା ପଦାଧିକାରୀ ଏବଂ ଅନ୍ୟ ଲୋକମାନେ ଅଭାବ, ଅସୁବିଧା ଏବଂ ଅନଟନ ବ୍ୟକ୍ତିମାନଙ୍କର ଅବସ୍ଥା ସଂପର୍କରେ ଜମାଅତ୍‌କୁ ସେମାନଙ୍କ ସଂପର୍କରେ ଅବଗତ କରନ୍ତୁ । ଆପଣ ସ.ଅଙ୍କ ସମ୍ମୁଖରେ ଏପରି କଥାର ଚର୍ଚ୍ଚା ହେଉଥିଲା ଯେ, ଆପଣ ସ.ଅ ସେହି ଲୋକମାନଙ୍କ କଥା ବ୍ୟତୀତ ଅନ୍ୟ କୌଣସି କଥାକୁ ଶୁଣୁ ନଥିଲେ । ଲୋକମାନେ ଆପଣ ସ.ଅଙ୍କ ପାଖକୁ ଭିକ୍ଷାର୍ଥୀ, ପ୍ରଶ୍ନକର୍ତ୍ତା ହୋଇ ଆସୁଥିଲେ ଏବଂ ସେମାନଙ୍କୁ କିଛି ନମିଳିବା ପର୍ଯ୍ୟନ୍ତ ସେମାନେ ଆପଣ ସ.ଅଙ୍କ ପାଖରୁ ଫେରୁ ନଥିଲେ । ସେହି ଲୋକମାନେ ପୁଣ୍ୟ ଆଡ଼କୁ ମାର୍ଗଦର୍ଶନକାରୀ ବ୍ୟକ୍ତି ହୋଇ ଫେରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଅର୍ଥାତ୍ ଇମାମ୍ ହୁସୈନ୍ ର.ଅ କୁହନ୍ତି, ପୁନଶ୍ଚ ମୁଁ ନିଜର ପିତାଶ୍ରୀଙ୍କୁ ଆଁହଜରତ୍ ସ.ଅଙ୍କ ଘରୁ ବାହାରିବା ସଂପର୍କରେ ପଚାରିଲି ଯେ, ପିତାଶ୍ରୀ ! ଇତି ମଧ୍ୟରେ ଆଁହଜରତ୍ ସ.ଅ କ'ଣ କରୁଥିଲେ ? ସେ ଅର୍ଥାତ୍ ହ. ଅଲୀ ର.ଅ କହିଲେ, ଆଁହଜରତ୍ ସ.ଅଙ୍କ ଅଭିପ୍ରାୟପୂର୍ଣ୍ଣ କଥା ବ୍ୟତୀତ ଅନ୍ୟ କୌଣସି କଥା କହୁ ନଥିଲେ । ଆପଣ ସ.ଅ ସାହାବାମାନଙ୍କ ମନ ରଖୁଥିଲେ ଏବଂ ସେମାନଙ୍କୁ ବିରକ୍ତ ହେବାକୁ ଦେଉ ନଥିଲେ । ଆପଣ ସ.ଅ ପ୍ରତ୍ୟେକ ଜାତିର ସମ୍ମାନାସ୍ପଦ ବ୍ୟକ୍ତିକୁ ସମ୍ମାନ ଜଣାଉଥିଲେ ଏବଂ ଉକ୍ତ ବ୍ୟକ୍ତିକୁ ତା' ଜାତିର ଶାସକ କରି ଦେଉଥିଲେ । ଆପଣ ସ.ଅ ଲୋକମାନଙ୍କୁ ହୁଶିୟାର୍ (ସତର୍କ) କରାଇ ଦେଉଥିଲେ ଏବଂ ସେମାନଙ୍କ ଠାରୁ ସତର୍କ ରହୁଥିଲେ ଏବଂ ସେମାନଙ୍କ ପ୍ରତି ସ୍ମିତହାସ୍ୟ ପ୍ରଦର୍ଶନ କରୁଥିଲେ ଏବଂ ସ୍ୱୟଂ ଉତ୍ତମ ଆଚରଣ ପ୍ରଦର୍ଶନ କରିବାରେ କୌଣସି ତାରତମ୍ୟ (ପାର୍ଥକ୍ୟ) କରୁ ନଥିଲେ। ଅର୍ଥାତ୍ କୌଣସି ବ୍ୟକ୍ତି ସଂପର୍କରେ ଆଁହଜରତ୍ ସ.ଅଙ୍କୁ ଯଦି କୌଣସି ସନ୍ଦେହ ହେଉଥିଲା ସେତେବେଳେ ଆପଣ ସ.ଅ ସେହି ବ୍ୟକ୍ତିକୁ ସତର୍କ ଏବଂ ସାବଧାନ କରାଇ ଦେଉଥିଲେ । କେବଳ ସେତିକି ନୁହେଁ ବରଂ ଆପଣ ସ.ଅ ପ୍ରତ୍ୟେକ ବ୍ୟକ୍ତି ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ । ହଁ ସତର୍କତାର ଯେଉଁଠି ଆବଶ୍ୟକତା ପଡୁଥିଲା ସେଠାରେ ଆପଣ ଲୋକମାନଙ୍କ ସହିତ ଏବଂ ସାକ୍ଷାତ୍‌କାରୀ ବ୍ୟକ୍ତି ସହିତ ସାକ୍ଷାତ୍ କରିବାରେ ଖୁବ୍ ସତର୍କତା ଅବଲମ୍ବନ କରୁଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କେତେକ ବ୍ୟକ୍ତିମାନେ ସନ୍ଦିଗ୍ଧ ମଧ୍ୟ ହୋଇଥାଆନ୍ତି । ଆପଣ ସ.ଅ ନିଜର ସାହାବାମାନଙ୍କ ଉପରେ ନଜର ରଖୁଥିଲେ ଏବଂ ଲୋକମାନଙ୍କର ଅବସ୍ଥା ପଚାରି ବୁଝୁଥିଲେ । ଆପଣ ସ.ଅ ଭଲ କଥାର ପ୍ରଶଂସା କରୁଥିଲେ ଏବଂ ସେଥି ନିମନ୍ତେ ଉତ୍ସାହିତ ମଧ୍ୟ କରୁଥିଲେ । ସେହିପରି ଆପଣ ସ.ଅ ପ୍ରତ୍ୟେକ ଖରାପ କଥାର ଉପଚାର ଏବଂ ପ୍ରତିକାର ମଧ୍ୟ କରୁଥିଲେ । ଆପଣ ସ.ଅ ପ୍ରତ୍ୟେକ କାର୍ଯ୍ୟରେ ମଧ୍ୟମ ପନ୍ଥା ଅବଲମ୍ବନ କରୁଥିଲେ । ଆପଣ ସ.ଅ ମତଭେଦ ଠାରୁ ପବିତ୍ର ଥିଲେ । ଲୋକମାନେ ଅବଚେତନ ହୋଇଯାଉଥିଲେ କିନ୍ତୁ ଆପଣ ସ.ଅ ଅବଚେତନ ହେଉ ନଥିଲେ । ସେହିପରି ଲୋକମାନେ ଥକି (କ୍ଳାନ୍ତ) ଯାଉଥିଲେ କିନ୍ତୁ ଆପଣ ସ.ଅ ଥକୁ (କ୍ଳାନ୍ତ) ନଥିଲେ । ଆପଣ ସ.ଅ ପ୍ରତ୍ୟେକ ପ୍ରକାରର ପରିସ୍ଥିତି ନିମନ୍ତେ ପ୍ରସ୍ତୁତ ରହୁଥିଲେ । ଆପଣ ସ.ଅ ନା ସତ୍ୟତା ଠାରୁ ପଛରେ ରହୁଥିଲେ ଓ ନା ହିଁ ସତ୍ୟ ଠାରୁ ଆପଣ ସୀମା ଲଂଘନ କରୁଥିଲେ । ଯାହା କର୍ତ୍ତବ୍ୟ ଓ ଅଧିକାର ଥିଲା ଆପଣ ସ.ଅ ସେତିକି ହିଁ କାମ କରୁଥିଲେ । ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ସର୍ବୋତ୍କୃଷ୍ଟ ବ୍ୟକ୍ତି ହେଉଥିଲେ ସେହିମାନେ ହିଁ ଆପଣ ସ.ଅଙ୍କ ପାଖରେ ରହୁଥିଲେ । ଆପଣ ସ.ଅଙ୍କ ପାଖରେ ସର୍ବଶ୍ରେଷ୍ଠ ସେହି ବ୍ୟକ୍ତି ବିବେଚିତ ହେଉଥିଲା ଯିଏ ସର୍ବାଧିକ ରୂପେ ପରର ମଙ୍ଗଳ କାମନା କରି ଆଗେଇ ଯାଉଥିଲା । ଆପଣ ସ.ଅଙ୍କ ନିକଟରେ ସ୍ତରରେ ସର୍ବାଧିକ ରୂପେ ସେହି ବ୍ୟକ୍ତି ଶ୍ରେଷ୍ଠ ବିବେଚିତ ହେଉଥିଲା ଯିଏ ଅନ୍ୟମାନଙ୍କ ପ୍ରତି ସହାନୁଭୂତି କରୁଥିଲା ଓ ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲା । ଯିଏ ମର୍ଯ୍ୟାଦାରେ ସବୁଠୁ ବଡ଼ ହେଉଥିଲା ସେହି ବ୍ୟକ୍ତି ହିଁ ଆପଣ ସ.ଅଙ୍କ ପାଖରେ ରହୁଥିଲା ଏବଂ ଆପଣ ସ.ଅ ସେହି ବ୍ୟକ୍ତିକୁ ହିଁ ପସନ୍ଦ କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଇମାମ୍ ହୁସୈନ୍ ର.ଅ କୁହନ୍ତି: "ପୁନଶ୍ଚ ମୁଁ ଆଁହଜରତ୍ ସ.ଅଙ୍କ ସଭା ସଂପର୍କରେ ଯେତେବେଳେ ପଚାରିଲି ସେତେବେଳେ ସେ କହିଲେ, ଆପଣ ସ.ଅ ଉଠିବା ବସିବା ସମୟରେ ଈଶ୍ୱର ଚର୍ଚ୍ଚା କରୁଥିଲେ । ଯେତେବେଳେ ଆପଣ ସ.ଅ କୌଣସି ଜାତି ପାଖକୁ ଯାଉଥିଲେ ସେତେବେଳେ ଯେଉଁଠି ସଭା ସମାପ୍ତ ହେଉଥିଲା ସେହି ଠାରେ ହିଁ ଆପଣ ସ.ଅ ବସୁଥିଲେ ଓ ଆପଣ ସ.ଅ କହୁଥିଲେ ଯେ: "ଆପଣ ସ.ଅ ସଭାରେ ବସିଥିବା ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକାର ପ୍ରଦାନ କରୁଥିଲେ । କୌଣସି ବ୍ୟକ୍ତି ନିଜକୁ ଅନ୍ୟ ଠାରୁ ସମ୍ମାନାସ୍ପଦ ବୋଲି ମନେ କରୁ ନଥିଲା । ଯେଉଁ ବ୍ୟକ୍ତି ଆପଣ ସ.ଅଙ୍କ ପାଖରେ ବସୁଥିଲା ଏବଂ ଆପଣ ସ.ଅଙ୍କ ସମ୍ମୁଖରେ ନିଜର ଅଭାବ ଅସୁବିଧା ତଥା ଆବଶ୍ୟକତା ସଂପର୍କରେ ବର୍ଣ୍ଣନା କରୁଥିଲା ତେବେ ଆପଣ ସ.ଅ ସମସ୍ତଙ୍କ ସହିତ ସମାନ ଆଚରଣ ଓ ନ୍ୟାୟ ବିଚାର ପ୍ରଦର୍ଶନ କରୁଥିଲେ । ଏପର୍ଯ୍ୟନ୍ତକି ଯେଉଁ ବ୍ୟକ୍ତି ନିଜର ଅଭାବ ତଥା ଆବଶ୍ୟକତା ସଂପର୍କରେ ଆପଣ ସ.ଅଙ୍କ ସମ୍ମୁଖରେ ପ୍ରସଙ୍ଗ ଉପସ୍ଥାପିତ କରୁଥିଲା ସେତେବେଳେ ଆପଣ ସ.ଅ ସେହି ବ୍ୟକ୍ତିକୁ କିଛି ନଦେଇ ଫେରାଉ ନଥିଲେ ଏବଂ ତା'କୁ କିଛି ନକହି ଫେରାଉ ନଥିଲେ । ଅର୍ଥାତ୍ ଯଦି କୌଣସି ବ୍ୟକ୍ତି ଆପଣ ସ.ଅଙ୍କ ପାଖକୁ କିଛି ମାଗିବାକୁ ଆସୁଥିଲା ତେବେ ଆପଣ ସ.ଅ ତାକୁ ଖାଲି ହାତରେ ଫେରାଉ ନଥିଲେ ବରଂ କିଛି ନା କିଛି ଜିନିଷ ଦେଇ ପଠାଇ ଦେଉଥିଲେ । ଆପଣ ସ.ଅଙ୍କ ସଦ୍‌ବ୍ୟବହାର, ଉଦାରତା ଏବଂ ଉତ୍ତମ ଆଚରଣ ସମସ୍ତଙ୍କ ପାଇଁ ସମାନ ଥିଲା । ଆପଣ ସ.ଅ ସେମାନଙ୍କ ନିମନ୍ତେ ପିତା ହୋଇ ଯାଇଥିଲେ । ଅଧିକାର ଦୃଷ୍ଟିରୁ ଆପଣ ସ.ଅଙ୍କ ଦୃଷ୍ଟିରେ ସମସ୍ତେ ସମାନ ଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ସଭା, ଜ୍ଞାନ, ଲଜ୍ଜା, ଧୈର୍ଯ୍ୟ ଏବଂ ବିଶ୍ୱସ୍ତତାମୂଳକ ସଭା ହେଉଥିଲା । ସେହି ସଭାରେ ସ୍ୱର ନା ଉଚ୍ଚ ହେଉଥିଲା, ନା ହିଁ ସମ୍ମାନାସ୍ପଦ ଜିନିଷର ମର୍ଯ୍ୟାଦା ହାନୀ ହେଉଥିଲା ଓ ନା ହିଁ କୌଣସି ବ୍ୟକ୍ତିର ଦୁର୍ବଳତା ଏବଂ ଦୋଷ ତ୍ରୁଟିର ଚର୍ଚ୍ଚା କରାଯାଉଥିଲା । ସମସ୍ତେ ପରସ୍ପର ମଧ୍ୟରେ ସମାନ ହେଉଥିଲେ ଏବଂ ଧର୍ମପରାୟଣତା ଯୋଗୁଁ ସେମାନେ ପରସ୍ପର ତୁଳନାରେ ଶ୍ରେଷ୍ଠ ଥିଲେ । କିନ୍ତୁ ଆଜି ପରସ୍ପରର ଦୋଷ ଦୁର୍ବଳତା ବର୍ଣ୍ଣନା କରାଯାଇଥାଏ । କିନ୍ତୁ ଆଁହଜରତ୍ ସ.ଅଙ୍କ ସଭାରେ ଏପରି କେବେ ହେଉ ନଥିଲା । ସମସ୍ତେ ପରସ୍ପର ପ୍ରତି ବିନୀତତତା ପ୍ରଦର୍ଶନ କରୁଥିଲେ ଏବଂ ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ଛୋଟ ପିଲା ବା ଲୋକ ଉପରେ ବଡ଼ (ମୁରବି) ଲୋକମାନେ ଦୟା କରୁଥିଲେ ଏବଂ ଅଭାବିମାନଙ୍କୁ ଅଗ୍ରାଧିକାର ଦେଉଥିଲେ ଏବଂ ଅଜ୍ଞାତମାନଙ୍କର ଧ୍ୟାନ ରଖୁଥିଲେ । ଏହା ନୁହେଁ ଯେ, କୌଣସି ଅଜ୍ଞାତ ଓ ଅପିରିଚିତ ବ୍ୟକ୍ତି ଯେତେବେଳେ ଆସୁଥିଲା ସେତେବେଳେ ଆପଣ ସ.ଅ ଧ୍ୟାନ ଦେଉ ନଥିଲେ ତାହା ନୁହେଁ । ବରଂ ଏଥିପ୍ରତି ମଧ୍ୟ ଆପଣ ଯତ୍ନବାନ୍ ଥିଲେ । **(ଶମାଇଲୁନ୍ ନବୀ ସ.ଅ, ବାବ୍- ମା ଯାଆ ଫି**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

**ତଓ୍ୱାଜିଇର୍ ରସୁଲୁଲ୍ଲାଃହି ସ.ଅ, ବର୍ଣ୍ଣନା ସଂଖ୍ୟା-321, ପୃ-137-140, ପ୍ରକାଶକ-ନୁର୍ ଫଉଣ୍ଡେସନ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ନିଜକୁ ହଜାଇ ଦେଉଥିବା ଲୋକମାନେ ଏହା ଚାହୁଁ ନାହାନ୍ତି ଯେ, ତାଙ୍କୁ କୌଣସି ମର୍ଯ୍ୟାଦା ଏବଂ ଧର୍ମାଧ୍ୟକ୍ଷତ୍ୱ ପଦବୀ ପ୍ରଦାନ କରାଯାଉ । ସେମାନେ ଏହି ମର୍ଯ୍ୟାଦା ତଥା ସ୍ତର ଅପେକ୍ଷା ଏକାନ୍ତବାସ ଏବଂ ଏକାନ୍ତ ଉପାସନାର ସ୍ୱାଦକୁ ଆସ୍ୱାଦନ କରିବାକୁ ଅଧିକ ଶ୍ରେୟସ୍କର ବୋଲି ମନେକରିଥାଆନ୍ତି। କିନ୍ତୁ ଈଶ୍ୱର ସେମାନଙ୍କୁ ନାନା ପ୍ରକାରର ମାନବ ଜାତିର କଲ୍ୟାଣ ସାଧାନ କରିବା ନିମନ୍ତେ ଆବିର୍ଭୂତ ଓ ଅବତୀର୍ଣ୍ଣ କରିଥାଆନ୍ତି । ଆମର ପ୍ରିୟ ମୁନିବ ସ.ଅ ମଧ ଗୁମ୍ଫା ମଧ୍ୟରେ ରହୁଥିଲେ ଏବଂ ଆପଣ ସ.ଅ ଏହା ଚାହୁଁ ନଥିଲେ ଯେ, ଆପଣ ସ.ଅଙ୍କ ସଂପର୍କରେ କେହି ଜାଣନ୍ତୁ । ପରିଶେଷରେ ଈଶ୍ୱର ଆଁହଜରତ୍ ସ.ଅଙ୍କୁ ସେହି ଗୁମ୍ଫା ମଧ୍ୟରୁ ବାହାରକୁ ବାହାର କଲେ ଏବଂ ସଂସାରର ମାର୍ଗଦର୍ଶନର ମଙ୍ଗ ଆପଣ ସ.ଅଙ୍କ ହାତରେ ଧରାଇଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆଁହଜରତ୍ ସ.ଅଙ୍କ ନିକଟରେ ସହସ୍ର ସହସ୍ର କବିମାନେ ଆସୁଥିଲେ ଏବଂ ଆପଣ ସ.ଅଙ୍କ ପ୍ରଶଂସାରେ କବିତାମାନ କହୁଥିଲେ । କିନ୍ତୁ ଅଭିଶପ୍ତ ହେଉଛି ସେହି ହୃଦୟ ଯେଉଁ ହୃଦୟ ଏହା ମନେକରେ ଯେ, ଆଁହଜରତ୍ ସ.ଅ ସେହି ପ୍ରଶଂସା ଯୋଗୁଁ ଆନନ୍ଦିତ ଓ ଉତ୍ଫୁଲ୍ଲିତ ହେଉଥିଲେ । ଆଁହଜରତ୍ ସ.ଅ ସେମାନଙ୍କୁ ମୃତ କୀଟ ଏବଂ ପୋକ ବୋଲି ମନେକରୁଥିଲେ । ପ୍ରଶଂସା ତ' ତାହା ହିଁ ହୋଇଥାଏ ଯାହା ଆକାଶରୁ କରାଯାଇଥାଏ। ଏହି ଲୋକମାନେ ଅର୍ଥାତ୍ ଈଶ୍ୱରଙ୍କର ପ୍ରିୟ ଭକ୍ତମାନେ (ଅବତାରମାନେ) ବ୍ୟକ୍ତିଗତ ପ୍ରେମରେ ନିମଜ୍ଜିତ ହୋଇଥାଆନ୍ତି । ଏମାନେ ସାଂସାରିକ ପ୍ରଶଂସା ଓ ତାରିଫ ପ୍ରତି ଭୃକ୍ଷେପ କରନ୍ତି ନାହିଁ । ସୁତରାଂ ଏହା ହେଉଛି ସେହି ମର୍ଯ୍ୟାଦା ଯେଉଁ ମର୍ଯ୍ୟାଦାର ଅଧିକାରୀ ବ୍ୟକ୍ତି ନିମନ୍ତେ ଈଶ୍ୱର ଆକାଶଲୋକରୁ ସେମାନଙ୍କର ପ୍ରଶଂସା କରିଥାଆନ୍ତି।"

**(ମଲ୍ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-338-339, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ଜଣେ ଖ୍ରୀଷ୍ଟ ବ୍ୟକ୍ତି ଆମର ପ୍ରିୟ ମହାମହିମ ଅବତାର ଆଁହଜରତ୍ ସ.ଅଙ୍କ ପାଖକୁ ଆସିଲା । ଆପଣ ସ.ଅ ସେହି ବ୍ୟକ୍ତିର ଅତିଥି ସତ୍କାର କଲେ । ସେ ବହୁତ ଭୋକିଲା ଥିଲା । ଆଁହଜରତ୍ ସ.ଅ ସେହି ବ୍ୟକ୍ତିକୁ ଭଲ ଭାବରେ ଆହାର ଖୁଆଇଲେ। କାରଣ ତା'ର ପେଟ ପୂରିଯାଉ । ଅତଏବ୍ ସେହି ବ୍ୟକ୍ତିର ପେଟ ପୂରିହଲା । ଆପଣ ସ.ଅ ରାତିରେ ସେହି ବ୍ୟକ୍ତିକୁ ଏକ ରେଜେଇ କମ୍ବଳ ଦେଲେ । ଯେତେବେଳେ ସେହି ବ୍ୟକ୍ତି ଶୋଇଗଲା ସେତେବେଳେ ତାକୁ ଜୋରରେ ଝାଡ଼ା ଲାଗିଲା । ସେହି ବ୍ୟକ୍ତି ଝାଡ଼ାକୁ ଆଉ ଅଟକାଇ ପାରିଲା ନାହିଁ । ଫଳତଃ ସେ ସେହି ଶେଯରେ ହିଁ ଝାଡ଼ା କରିଦେଲା । ଯେତେବେଳେ ସକାଳ ହେଲା ସେତେବେଳେ ସେ ଏହା ଭାବିଲା ଯେ, ମୋ ଅବସ୍ଥାକୁ ଦେଖି ଆପଣ ସ.ଅ ଘୃଣା କରିବେ ଏବଂ ଦୂର ଦୂର ଛି ଛି କରିବେ। ତେଣୁ ସେ ଲଜ୍ଜା ଅନୁଭବ କରି ସେଠାରୁ ବାହାରି ଚାଲିଗଲା । ଯେତେବେଳେ ଲୋକମାନେ ଦେଖିଲେ ସେତେବେଳେ ସେମାନେ ଆଁହଜରତ୍ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ରାତ୍ରରେ ଯେଉଁ ଅତିଥିକୁ ଆଶ୍ରୟ ଦେଇଥିଲେ ଏବଂ ଅତିଥି ସତ୍କାରେ କରିଥିଲେ ସେହି ବ୍ୟକ୍ତି ଖ୍ରୀଷ୍ଟ ବ୍ୟକ୍ତି ଥିଲା । ସେ ଶେଯରେ ଝାଡ଼ା କରିଦେଇ କୁଆଡ଼େ ପଳାଇ ଯାଇଛି ଏବଂ ଶେଯକୁ ଅସନା କରି ଦେଇଛି । ହୁଜୁର୍ ସ.ଅ କହିଲେ, ହେ ସାହାବାମାନେ ସେହି ଶେଯକୁ ମୋତେ ଦିଅ ! ମୁଁ ସେହି ଶେଯକୁ ସଫା କରିଦେବି । ଲୋକମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ କାହିଁକି କଷ୍ଟ କରୁଛନ୍ତି? ଆମେ ପରା ଉପସ୍ଥିତ ଅଛୁ ଆମେ ସଫା କରିଦେବୁ । ହୁଜୁର ସ.ଅ କହିଲେ, ସେହି ବ୍ୟକ୍ତି ମୋର ଅତିଥି ଥିଲା । ତେଣୁ ମୋର ଏହି କର୍ତ୍ତବ୍ୟ ରହିଛି ଯେ ମୁଁ ତା'ର ଶେଯକୁ ସଫା କରିଦେବି । ଅତଏବ୍ ଆପଣ ସ.ଅ ଉଠି ପାଣି ବରାଦ କଲେ ଏବଂ ନିଜେ ସେହି ଅତିଥି ଅସନା କରିଥିବା ଶେଯକୁ ସଫା କରିବାକୁ ଲାଗିଲେ। ହୁଜୁର୍ ସ.ଅ ଅତ୍ୟନ୍ତ ବିନୀତତାର ସହିତ ଅତିଥିର ଅସନା ଶେଯକୁ ନିଜେ ସଫା କଲେ । ସେହି ଖ୍ରୀଷ୍ଟ ବ୍ୟକ୍ତି ଯେତେବେଳେ ଅନେକ ଦୂର ବାଟ ପର୍ଯ୍ୟନ୍ତ ଚାଲିଗଲା ସେତେବେଳେ ତାକୁ ମନେ ପଡ଼ିଲା ଯେ, ତା' ପାଖରେ ଯେଉଁ ସ୍ୱର୍ଣ୍ଣ ଶୂଳୀ ରହିଥିଲା ସେହି ଶୂଳୀକୁ ସେ ଖଟରେ ଭୁଲି ଯାଇଛି । ତେଣୁ ସେହି ଖ୍ରୀଷ୍ଟ ବ୍ୟକ୍ତି ପୁଣି ଆଁହଜରତ୍ ସ.ଅଙ୍କ ପାଖକୁ ଫେରିଲା ଏବଂ ସେ ଯେତେବେଳେ ନିଜେ ଦେଖିଲା ଯେ, ଆଁହଜରତ୍ ସ.ଅ ସ୍ୱୟଂ ସେହି ଅସନା ଶେଯକୁ ଧୋଉଛନ୍ତି ସେତେବେଳେ ସେ ଅନୁତପ୍ତ ଏବଂ ଲଜ୍ଜିତ ହେଲା ଓ ନିଜକୁ ନିଜେ କହିଲା ଯେ, ଯଦି ଏହି ଶେଯ ମୋ ପାଖରେ ଥାଆନ୍ତା ତେବେ ମୁଁ ଏହି ଶେଯକୁ କଦାପି ଧୋଇ ନଥାଆନ୍ତି ।" ହୁଜୁର ଅନ୍ୱର୍ ଅ.ବ କହିଲେ, ତହିଁରୁ ଏହା ଜ୍ଞାତ ହୁଏ ଯେ, ସେହି ବ୍ୟକ୍ତି ଏହା ଭାବିଲା ଯେ, ଏପରି ବ୍ୟକ୍ତି ଯାହା ମଧ୍ୟରେ ନିଃସ୍ୱାର୍ଥପର ଭାବ ବିଦ୍ୟମାନ ରହିଛି, ଏତେ ବିନୀତତା ରହିଛି ସେ ନିଶ୍ଚିତ ରୂପେ ଈଶ୍ୱରଙ୍କ ତରଫରୁ ଅବତାର ଅଟେ । ଅତଏବ ଏହାପରେ ସେହି ବ୍ୟକ୍ତି ଆପଣ ସ.ଅଙ୍କ ଉକ୍ତ କୃତ୍ୟ ଏବଂ ଆପଣ ସ.ଅଙ୍କର ଉକ୍ତ ଆଚରଣକୁ ଦେଖି ସ୍ୱତଃ ମୁସଲମାନ ହୋଇଗଲା ।

**(ମଲ୍ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-205-206, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କୁ ଯେଉଁ ପ୍ରଥମ ଐଶୀବାଣୀ ହୋଇଥିଲା ସେତେବେଳେ ମଧ ଆପଣ ସ.ଅଙ୍କ ବିନୀତତା ଏବଂ ବିନମ୍ରତାର ପରିପ୍ରକାଶ ହୋଇଥାଏ । ହ. ମୁସ୍ଲେହ୍ ମଉଦ୍ ର.ଅ ହିରା ଗୁମ୍ଫାର ଘଟଣାବଳୀ ବର୍ଣ୍ଣନା କରି କୁହନ୍ତି: "ଆଁହଜରତ୍ ସ.ଅଙ୍କ ଉପରେ ସର୍ବ ପ୍ରଥମ ୱହି (ଐଶୀବାଣୀ) ହିରା ଗୁମ୍ଫା ଠାରେ ଅବତୀର୍ଣ୍ଣ ହୋଇଥିଲା । ଯେତେବେଳେ ଆପଣ ସ.ଅଙ୍କୁ ହ. ଜିବ୍ରାଇଲ୍ ଅ.ସ ଦେବଦୂତ ଦୃଶ୍ୟମାନେ ହେଲେ ଏବଂ ସେ ଯେତେବେଳେ ଆପଣ ସ.ଅଙ୍କୁ اِقْرَأْ କହିଲେ ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ପାଠ କର, ସେତେବେଳେ ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, مَا أَنَا بِقَارِئٍ ଅର୍ଥାତ୍ ହେ ଜିବ୍ରାଇଲ୍ ଅ.ସ ! ମୁଁ ପଢିବା ଜାଣି ନାହିଁ (ପାଠ କରିବା ଜାଣି ନାହିଁ) । କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ଏହି ବୋଝ ଅର୍ଥାତ୍ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରା ନଯାଉ । କାରଣ ସେତେବେଳେ ଆପଣ ସ.ଅଙ୍କ ସମ୍ମୁଖରେ କୌଣସି ଗ୍ରନ୍ଥ ରଖା ଯାଇ ନଥିଲା ଯାହାକୁ ଆପଣ ସ.ଅ ପାଠ କରିଥାଆନ୍ତେ । ବରଂ ହ. ଜିବ୍ରାଇଲ୍ ଅ.ସ ଯାହା କିଛି ଆଁହଜରତ୍ ସ.ଅଙ୍କୁ କହୁଥିଲେ ତାହା ଆପଣ ସ.ଅ ମୌଖିକ ଉଚ୍ଚାରଣ କରିବାର ଥିଲା ଏବଂ ଏହା ଆପଣ ସ.ଅ କହିପାରି ଥାଆନ୍ତେ । କିନ୍ତୁ ଆପଣ ସ.ଅ ବିନୀତତାର ପରିପ୍ରକାଶ କଲେ । କାରଣ ଅଲ୍ଲାଃତାଲା ଉକ୍ତ କାର୍ଯ୍ୟ ସକାଶେ ଆପଣ ସ.ଅଙ୍କୁ ହିଁ ମନୋନୀତ କରିଥିଲେ । ତେଣୁ ହ. ଜିବ୍ରାଇଲ୍ ଅ.ସ ଆପଣ ସ.ଅଙ୍କୁ ବାରମ୍ବାର ପାଠ କରିବା ପାଇଁ କହୁଥିଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ପାଠ କର । ପରିଶେଷରେ ତୃତୀୟ ଥର ଯେତେବେଳେ ହ. ଜିବ୍ରାଇଲ୍ ଅ.ସ ଆପଣ ସ.ଅଙ୍କୁ ଇକ୍ରା ବିସ୍ମି ରବ୍ବିକଲ୍ ଲଜି ଖଲକ୍ ପାଠ କରିବାକୁ କହିଲେ ସେତେବେଳେ ଆପଣ ସ.ଅ ପାଠ କଲେ ଅର୍ଥାତ୍ اِقْرَأْ بِاسْمِ رَبِّكَ الَّذِيْ خَلَقَ ର ଆୟତ୍ ।" **(ଫଜାଇଲୁଲ୍ କୁରଆନ୍, ସଂଖ୍ୟା-2, ଅନ୍ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-11, ପୃ-109)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଉକ୍ତ ଘଟଣା ସଂପର୍କରେ ଅନ୍ୟ ଏକ ସ୍ଥାନରେ ହ. ମୁସ୍ଲେହ୍ ମଉଦ୍ ର.ଅ ସମ୍ଭବତଃ ତଫ୍‌ସିର କବିରରେ ସୁରାଃ କୌସରର ତଫ୍‌ସିର୍‌ରେ ଏହିପରି ଉଲ୍ଲେଖ କରିଛନ୍ତି ଯେ: "ଯେତେବେଳେ ଆଁହଜରତ୍ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଲା ସେତେବେଳେ ଆପଣ ସ.ଅ ଅସାଧାରଣ ବିନୀତତାର ପ୍ରମାଣ ଦେଇଥିଲେ । ଆମେମାନେ ଦେଖୁ ଯେ, ଅନ୍ୟ ଲୋକମାନଙ୍କୁ ଯଦି କୌଣସି ଐଶୀବାଣୀ ହୁଏ କିମ୍ବା କୌଣସି ସ୍ୱପ୍ନ ଆସେ ସେତେବେଳେ ସେମାନେ ଅପ୍ରତ୍ୟାଶିତ ଭାବରେ ଅନ୍ୟ ଲୋକମାନଙ୍କ ଆଡ଼କୁ ଧାଇଁ ଥାଆନ୍ତି ଏବଂ ଅନ୍ୟ ଲୋକଙ୍କୁ କହିଥାଆନ୍ତି ଯେ, ଆମକୁ ଅମକ ଐଶୀବାଣୀ ହୋଇଛି ଏବଂ ଅମକ ସ୍ୱପ୍ନ ଆମକୁ ଆସିଛି । କିନ୍ତୁ ଆପଣ ସ.ଅଙ୍କ ପାଖକୁ ହ. ଜିବ୍ରାଇଲ୍ ଅ.ସ ଯେତେବେଳେ ଆସୁଥିଲେ ସେତେବେଳେ ସେ ଆଁହଜରତ୍ ସ.ଅଙ୍କୁ ଏହା କହୁଥିଲେ ଯେ, اِقْرَأْ ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ପାଠ କର । ସେତେବେଳେ ଆପଣ ସ.ଅ ଏହା କହୁଥିଲେ ଯେ, مَا أَنَا بِقَارِئٍ ଅର୍ଥାତ୍ ହେ ଜିବ୍ରାଇଲ୍ ଅ.ସ ! ମୁଁ ପଢିବା ଜାଣି ନାହିଁ (ପାଠ କରିବା ଜାଣି ନାହିଁ) । ଆଁହଜରତ୍ ସ.ଅ 3 ଥର ଏହିପରି କହିଲେ ଯେ, ଆଜ୍ଞା ମୁଁ ପଢିବା ଜାଣି ନାହିଁ । କିନ୍ତୁ ଯେତେବେଳେ ଆପଣ ସ.ଅ ଦେଖିଲେ ଯେ, ଈଶ୍ୱରଙ୍କ ପକ୍ଷରୁ ଉକ୍ତ କଥା ନିମନ୍ତେ ତାଗିଦ୍ କରାଯାଉଛି ସେତେବେଳେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଆଦେଶ ପାଳନ କଲେ ଏବଂ ଏପରି ସାହସିକତା ପ୍ରଦର୍ଶନ କଲେ ଯେ, ଆପଣ ସ.ଅ ହ. ମୁସା ଅ.ସଙ୍କ ପରି କହିଲେ ନାହିଁ ଯେ, ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ କୌଣସି ବନ୍ଧୁ ବା ମିତ୍ର ପ୍ରଦାନ କର । ବରଂ ଆପଣ ସ.ଅ ଏକୁଟିଆ ହିଁ ଉକ୍ତ ବୋଝକୁ ଉଠାଇଲେ ଏବଂ ସାହାଯ୍ୟ ନିମନ୍ତେ କୌଣସି ସାଥି ଅର୍ଥାତ୍ କୌଣସି ମିତ୍ରର ସାହାଯ୍ୟ ମଧ ଲୋଡ଼ିଲେ ନାହିଁ ।" **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-15, ପୃ-138-139, ସଂସ୍କରଣ ବର୍ଷ-2023 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମୁସ୍ଲେହ୍ ମଉଦ୍ ର.ଅ ପୁନଶ୍ଚ କୁହନ୍ତି: "ଆଁହଜରତ୍ ସ.ଅଙ୍କ ବିନୀତତାର ଆଉ ଏକ ଉଦାହରଣ ରହିଛି । ତାହା ଏହିପରି ଯେ, ଦିନେ ଜଣେ ଅନ୍‌ସାରୀ ବ୍ୟକ୍ତି ବା ସାହାବି ଜଣକ ଅସୁସ୍ଥ ହୋଇଗଲେ । ଆପଣ ସ.ଅ


### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)



### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan
Khan, Jamat Ahmadiya Nargaon,
Dist- Cuttack, (Odisha)

ସେହି ଅନ୍‌ସାରୀ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ନିମନ୍ତେ ତା ପାଖକୁ ଗଲେ। ଫେରିବା ବେଳେ ସେହି ଅନ୍‌ସାରୀ ବ୍ୟକ୍ତି ଜଣକ ଆପଣ ସ.ଅଙ୍କୁ ଯିବା ନିମନ୍ତେ ଏକ ଅଶ୍ୱ ବାହନ ପ୍ରଦାନ କଲେ ଏବଂ ନିଜର ପୁତ୍ରକୁ କହିଲେ, ପୁତ୍ର ! ତୁମେ ରସୁଲ୍ କରୀମ୍ ସ.ଅଙ୍କ ସହିତ ଯାଅ । ସମ୍ଭବତଃ ଆପଣ ସ.ଅଙ୍କୁ ଅନ୍ୟ ଲୋକମାନେ ମଧ୍ୟ ଖୋଜୁଥିବେ । ଅର୍ଥାତ୍ ଅନ୍ୟ କୌଣସି ସାଥି ଯାତ୍ରା ନିମନ୍ତେ ନମିଳୁ ଏବଂ ଫେରିଲା ବେଳେ ଘୋଡ଼ା ନେଇ ଆସିବ । କିଛି ସମୟ ପରେ ତାଙ୍କର ପୁତ୍ର ଫେରି ଆସିଲା । ପିତା ପୁତ୍ରଙ୍କୁ ପଚାରିଲା ଯେ, ପୁତ୍ର ! ମୁଁ ତ' ତୁମକୁ ରସୁଲ୍ କରୀମ୍ ସ.ଅଙ୍କ ସହିତ ପଠାଇଥିଲି । କାରଣ ତୁମେ ବାଟରେ ରସୁଲ୍ କରୀମ୍ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରିବ ଏବଂ ଘୋଡ଼ ହୁଡ଼୍‌ରି ନଯାଉ, ହେଲେ ତୁମେ ଫେରି ଆସିଲ ? ପୁତ୍ର ନିଜର ପିତାଙ୍କୁ ଏହି ଉତ୍ତର ପ୍ରଦାନ କଲା ଯେ, ପିତାଶ୍ରୀ ! ମୁଁ ବାଧ୍ୟ ଥିଲି । ଯେତେବେଳେ ରସୁଲ୍ କରୀମ୍ ସ.ଅ ବାହାରକୁ ବାହାରିଗଲେ ସେତେବେଳେ ଆପଣ ସ.ଅ ମୋତେ କହିଲେ, ବସ! ତୁମେ ମୋ ପଛରେ ବସିଯାଅ । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ଦ୍ୱାରା ଘୃଷ୍ଟତା ହୋଇପାରିବ ନାହିଁ ମୁଁ ଆପଣ ସ.ଅଙ୍କ ପଛରେ ବସିଯିବି । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ ମଧ୍ୟ କହିଲେ, ବସ ମୁଁ ମଧ୍ୟ ଏହା ସହ୍ୟ କରିପାରିବ ନାହିଁ ଯେ, ତୁମେ ପାଦରେ ଚାଲି ଚାଲି ଯିବ ଆଉ ମୁଁ ଘୋଡ଼ା ଉପରେ ବସିଥିବି । ତେଣୁ ତୁମେ ମୋ ସହିତ ଘୋଡ଼ା ଉପରେ ଆରୋହଣ ହୋଇଯାଅ ଅବା ଘରକୁ ଫେରିଯାଅ । ସୁତରାଂ ସେହି ଅନ୍‌ସାରୀଙ୍କ ପୁତ୍ର କହିଲା, ପିତାଶ୍ରୀ ! ତେଣୁ ମୁଁ ଫେରି ଆସିଲି । ମୁଁ ଫେରି ଆସିବାକୁ ଅଧିକ ଶ୍ରେୟସ୍କର ବୋଲି ମନେକଲି ଏବଂ ଆଁହଜରତ୍ ସ.ଅ ଏକୁଟିଆ ଘୋଡ଼ା ଉପରେ ଚାଲିଗଲେ ।"

**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-15, ପୃ-158, ସଂସ୍କରଣ ବର୍ଷ-2023 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ହ. ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଏକ ଚଟେଇ (ମଶିଣା) ଉପରେ ଶୋଇଥିଲେ । ଆପଣ ସ.ଅ ଯେତେବେଳେ ଉଠିଲେ ସେତେବେଳେ ଆପଣ ସ.ଅଙ୍କ ବାହୁର ମାଂଶପେଶୀ ଉପରେ ଚିହ୍ନ ରହିଥିଲା । ଆପଣ ର.ଅ (ହ. ଅବଦୁଲ୍ଲାଃ) କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କ ନିମନ୍ତେ ଶେଯ ପ୍ରସ୍ତୁତ କରି ଦେଉଛୁ । ଅର୍ଥାତ୍ ଆପଣ ସ.ଅଙ୍କ ଲାଗି ଏକ କୋମଳ  ଶେଯ ପ୍ରସ୍ତୁତ କରି ଦେଉଛି । ଆପଣ ସ.ଅ କହିଲେ, ମୋର ସାଂସାରିକତା ସହିତ କୌଣସି ସଂପର୍କ ନାହିଁ । ଅର୍ଥାତ୍ ମୋର ସଂସାର ସହିତ କି ସଂପର୍କ ? ମୁଁ ତ' କେବଳ ଜଣେ ବାହନ ଉପରେ ଆରୋହଣ ହୋଇଥିବା ଯାତ୍ରୀ ପରି ଅଟେ ଯିଏ କ୍ଲାନ୍ତ ଅନୁଭବ କରି ଏକ ବୃକ୍ଷର ଛାୟୀ ତଳେ କିଛି ସମୟ ପାଇଁ ବିଶ୍ରାମ ନେଲା ପୁଣ୍ୟ ନିଜର ଗନ୍ତବ୍ୟ ପଥ ଆଡ଼କୁ ଅଗ୍ରସର ହୋଇଗଲା ଏବଂ ସେହି ସ୍ଥାନ ତଥା ବୃକ୍ଷର ଛାୟୀକୁ ପରିତ୍ୟାଗ କରିଦେଲା ।

**(ଯାମିଉତ୍ ତିର୍ମିଜି, କିତାବୁଜ୍ ଜୁହୋଦ୍, ହଦିସ୍ ନଂ-2377)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସହି ବୁଖାରୀରେ ହ. ଉମର୍ ର.ଅଙ୍କ ଏକ ବର୍ଣ୍ଣନା ଉଲ୍ଲିଖିତ ହୋଇଛି । ଆପଣ ର.ଅ କୁହନ୍ତି: "ଏକଦା ମୁଁ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲି । ଆପଣ ସ.ଅ ନିଜର ଉପର  ମହଲାର କୋଠରୀରେ ବିରାଜମାନ ଥିଲେ ଏବଂ ସେତେବେଳେ ଆପଣ ସ.ଅ ଏକ ଅଖା ବସ୍ତା ଉପରେ ବସିଥିଲେ । ଆପଣ ସ.ଅଙ୍କ ମଧ୍ୟରେ ଏବଂ ସେହି ବସ୍ତା ମଧ୍ୟରେ କୌଣସି ବସ୍ତୁ ନଥିଲା । ଆପଣ ସ.ଅ ମୁଣ୍ଡ ତଳେ ଏକ ତକିୟା ଥିଲା ଯହିଁରେ ଖଜୁରୀ କୋଳି ଗଛର ଛାଲ ଭର୍ତ୍ତି ହୋଇଥିଲା ଏବଂ ଆପଣ ସ.ଅଙ୍କ ପାଦ ପାଖରେ କିକର ବୃକ୍ଷର ପତ୍ର ଗଦା ହୋଇଥିଲା । ଆପଣ ସ.ଅଙ୍କ ମୁଣ୍ଡ ପାଖରେ କଞ୍ଚା ଚମଡ଼ା ଓହଳିଥିଲା । ମୁଁ ଆପଣ ସ.ଅଙ୍କ କାନ୍ଧ ପାଖ ହାତରେ ସେ୍‌ହି ବସ୍ତାର ଚିହ୍ନ ମଧ୍ୟ ଦେଖିଲି । ଅର୍ଥାତ୍ ମ୍ୟାଟ୍ ବା ମଶିଣାର ଚିହ୍ନ ଦେଖି କି ମୁଁ କାନ୍ଦି ପକାଇଲି । ଆପଣ ସ.ଅ କହିଲେ, ହେ ଉମର୍ ! ତୁମକୁ କେଉ କଥା କନ୍ଦାଉଛି ? ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କୈସର୍ ଓ କିସ୍ରା ସମ୍ରାଟ୍ ତ' ସୁଖ ସ୍ୱାଚ୍ଛନ୍ଦ୍ୟରେ (ଆରମ୍‌ରେ) ଜୀବନ ଯାପନ କରୁଛନ୍ତି ଆଉ ଆପଣ ସ.ଅ ତ' ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । ଆପଣ ଏହି ଅଖା ବସ୍ତା ଏବଂ ମଶିଣା ଉପରେ ବିଶ୍ରାମ କରୁଛନ୍ତି ? ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ କହିଲେ, ହେ ଉମର୍ ! କ'ଣ ତୁମେ ଏକଥା ଉପରେ ପ୍ରସନ୍ନ ନାହଁ ଯେ, ସେମାନଙ୍କ ନିମନ୍ତେ ସାଂସାରିକତା ରହିଛି ଏବଂ ମୋ ନିମନ୍ତେ ପରକାଳ ରହିଛି ।"**(ସହିହୁଲ୍ ବୁଖାରୀ, କିତାବୁତ୍ ତଫସିରିଲ୍ କୁରଆନ୍, ବାବ୍-ତବତଗି ମରଜାତନ୍ ଅଜୱାଯିକା, ହଦିସ୍ ନଂ-4913, ଅନୁବାଦକ-12, ପୃ-264-267, ପ୍ରକାଶକ-ନଜାରତ୍ ନଶ୍ରୋ ଇଶାଅତ୍)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଉକ୍ତ ଘଟଣାକୁ ବର୍ଣ୍ଣନା କରି ଏହିପରି  କୁହନ୍ତି: "ଆଁହଜରତ୍ ସ.ଅଙ୍କ ସାଂସାରିକ ବସ୍ତୁର ଏହି ଅବସ୍ଥା ରହିଥିଲା ଯେ, ଏକଦା ଆପଣ ସ.ଅଙ୍କୁ ହ. ଉମର୍ ର.ଅ ସାକ୍ଷାତ୍ କରିବାକୁ ଆସିଲେ ଏବଂ ସେ ଗୋଟିଏ ବାଳକକୁ ଆଁହଜରତ୍ ସ.ଅଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଅନୁମତି ନିମନ୍ତେ ପ୍ରେରଣ କଲେ । ଆଁହଜରତ୍ ସ.ଅ ଏକ ଖଜୁରୀ କୋଳି ବୃକ୍ଷର ଚଟେଇ (ମଶିଣା) ଉପରେ ଶୋଇଥିଲେ ଏବଂ ଆପଣ ସ.ଅଙ୍କ ପିଠି ଉପରେ ସେହି ମଶିଣାର ଚିହ୍ନ ହୋଇଯାଇଥିଲା । ହ. ଉମର୍ ର.ଅ ଆଁହଜରତ୍ ସ.ଅଙ୍କୁ ଦେଖି କାନ୍ଦି ପକାଇଲେ। ଆପଣ ସ.ଅ ହ. ଉମର୍ ର.ଅଙ୍କୁ ପଚାରିଲେ ଯେ, ହେ ଉମର୍ ! ତୁମକୁ କେଉଁ କଥା କନ୍ଦାଇ ଦେଲା ? ହ. ଉମର୍ ର.ଅ କହିଲେ, କିସ୍ରା ଏବଂ କୈସର୍‌ର ସମ୍ରାଟ୍ ସୁଖ ସ୍ୱାଚ୍ଛନ୍ଦ୍ୟର ଅଧିକାରୀ ହୋଇଥିବେ ଆଉ ଆପଣ ସ.ଅ ଯିଏ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି ଏବଂ ସମଗ୍ର ବିଶ୍ୱ ପାଇଁ କରୁଣା ଅଟନ୍ତି ଆପଣ ଏପରି ଦୁରାବସ୍ଥାରେ କାଳାତିପାତ କରିବେ ? ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ, ହେ ଉମର୍ ! ସାଂସାରିକତା ସହିତ ମୋର କୌଣସି ସଂପର୍କ ନାହିଁ । ମୁଁ ସେହି ଯାତ୍ରୀ ପରି ଏହି ସଂସାରରେ ନିଜର ଜୀବନ ଅତିବାହିତ କରିଥାଏ । ଅର୍ଥାତ୍ ଯାତ୍ରୀ ଯେପରି ଓଟ ଉପରେ ଆରୋହଣ ହୋଇ ନିଜର ଲକ୍ଷ୍ୟ ସ୍ଥଳ (ଗନ୍ତବ୍ୟ ସ୍ଥଳ)କୁ ଅଗ୍ରସର ହୋଇଥାଏ । ମରୁଭୂମିର ମାର୍ଗ ହେଉ ଅବା ଗ୍ରୀଷ୍ମର ଉତ୍ତାପ ଯୋଗୁଁ କୌଣସି ବୃକ୍ଷକୁ ଦେଖି ତା' ଛାୟୀ ତଳେ ଯାତ୍ରୀ ବିଶ୍ରାମ ନେଇଥାଏ ଏବଂ ଯେତେବେଳେ ଯାତ୍ରୀର ଝାଳ ଶୁଖିଯାଏ ସେତେବେଳେ ସେ ପୁଣି ନିଜର ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ପଡ଼େ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-6, ପୃ-228-229, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ଲୋକ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସି ନିଜର ଅଧିକାର ଦାବି କଲା (ମାଗିବାକୁ ଲାଗିଲା) ଏବଂ ଅତ୍ୟନ୍ତ କଠୋର ଭାଷା ଶୈଳୀ ପ୍ରୟୋଗ କଲା । ସାହାବାମାନେ ତା'ର ଏଭଳିଆ ଆଚରଣକୁ ଦେଖି ଅସନ୍ତୋଷ ଓ କ୍ଷୁବ୍ଧ ଭାବ ପ୍ରକାଶ କଲେ । କିନ୍ତୁ ରସୁଲ୍ କରୀମ୍ ସ.ଅ କହିଲେ, ହେ ସାହାବାମାନେ ସେହି ବ୍ୟକ୍ତିକୁ ଛାଡ଼ିଦିଅ । କାରଣ ଯେଉଁ ବ୍ୟକ୍ତିର ଅଧିକାର ରହିଛି ବା ଯେଉଁ ବ୍ୟକ୍ତି ନିଜ ଜିନିଷର ଅଧିକାରୀ ଅଟେ ସେହି ବ୍ୟକ୍ତିକୁ ନିଜ କଥା କହିବାର ମଧ୍ୟ ଅଧିକାର ରିହଛି । ତେଣୁ ହେ ସାହାବାମାନେ! ତୁମେମାନେ ଏହି ବ୍ୟକ୍ତିକୁ ଗୋଟିଏ ଓଟ କିଣି ଦେଇଦିଅ । ଅର୍ଥାତ୍ ସେହି ବ୍ୟକ୍ତି ଜଣକ ତା'ର ଋଣ ଆଁହଜରତ୍ ସ.ଅଙ୍କ ଠାରୁ ଆଦାୟ କରିବାକୁ ଆସିଥିଲା । ତେଣୁ ଆଁହଜରତ୍ ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ତୁମେମାନେ ଉକ୍ତ ବ୍ୟକ୍ତିକୁ ତା'ର ଋଣ ଅର୍ଥାତ୍ ଗୋଟିଏ ଓଟ ଦେଇଦିଅ । ସାହାବାମାନେ  କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆମମାନଙ୍କୁ ତତ୍ତୁଲ୍ୟ ଓଟ ମିଳିଲା ନାହିଁ । ଅର୍ଥାତ ଯେତିକି ଋଣ ରହିଛି ଓଟର ମୂଲ୍ୟ ତା' ଠାରୁ ଅଧିକ ହେବ ଏବଂ କେବଳ ଋଣ ଠାରୁ ଭଲ ଓ ଓଟମାନେ ମିଳୁଛନ୍ତି । ସୁତରାଂ ରସୁଲ୍ କରୀମ୍ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ସେହି ବ୍ୟକ୍ତିକୁ ଗୋଟିଏ ଓଟ କିଣିକି ଦେଇ ଦିଅ । କାରଣ ତୁମମାନଙ୍କ ମଧ୍ୟରୁ ସର୍ବୋତ୍ତମ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ଋଣ ପୈଠ କରିବାରେ ଋଣ ଗ୍ରହିତାକୁ ଅଧିକ ଗୁଣା କରି ଋଣର ଅର୍ଥ ଫେରସ୍ତ କରିଥାଏ ।" **(ମିଶ୍‌କାତୁଲ୍ ମସାବିହି, କିତାବୁଲ୍ ବୁୟୁ, ବାବୁଲ୍ ଅଫ୍‌ଲାସି ୱଲ୍ ଅନ୍‌ଜାରିଲ୍ ଫଜ୍‌ଲିଲ୍ ଅୱଲି, ବର୍ଣ୍ଣନା ସଂଖ୍ୟା-2906, ଗ୍ରନ୍ଥଖଣ୍ଡ-1, ପୃ-537, ମକତବା ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଏଠାରେ ଯେଉଁ କେତେକ କଳହ ହେଉଛି ତାହା ଋଣ ଯୋଗୁଁ ହୋଇଥାଏ । ଋଣ ନେଇଥିବା ବ୍ୟକ୍ତି ଋଣ ଦାତାଙ୍କ ଠାରୁ ଯେଉଁ ଟଙ୍କା ଅର୍ଥାତ୍ ମୂଳଧନ ନେଇଥାଆନ୍ତି ତାହା ମଧ୍ୟ ସେମାନେ ଫେରସ୍ତ କରନ୍ତି ନାହିଁ ଏବଂ ଋଣ ଦାତାଙ୍କ ସହିତ ଝଗଡ଼ା କରିଥାଆନ୍ତି ଏବଂ କୁହନ୍ତି ଯେ, ଋଣ ଟିକେ କମ୍ କର । ଯଦି ଏହି ସବୁ କଥା ଆମମାନେ ବୁଝିନେଉ ତେବେ ଆମମାନଙ୍କର ଅନେକ କଳହ ସମାପ୍ତ ହୋଇଯିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆପଣ ସ.ଅଙ୍କ ବିନୀତତାର ଏକ ଘଟଣା ଏହିପରି ମିଳେ ଯେ, ମକ୍କା ବିଜୟ ସମୟରେ ରସୁଲ୍ କରୀମ୍ ଯେତେବେଳେ ମସ୍‌ଜିଦେ ହରାମ୍ ଠାରେ ପହଞ୍ଚିଲେ ସେତେବେଳେ ହ. ଅବୁ ବକ୍କର୍ ର.ଅ ନିଜର ପିତାଶ୍ରୀଙ୍କୁ ଧରି ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଯେତେବେଳେ ନବୀ କରୀମ୍ ସ.ଅ ତାଙ୍କୁ ଅର୍ଥାତ୍ ହ. ଅବୁ ବକ୍କର ର.ଅଙ୍କ ପିତାଶ୍ରୀଙ୍କୁ ଦେଖିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଅବୁ ବକ୍କର ! ତୁମେ ଏହି ବୃଦ୍ଧ  ବ୍ୟକ୍ତିଙ୍କୁ କାହିଁକି ଆଣିଲ ? ତାଙ୍କୁ ଘରେ ରହିବାକୁ ଦେଇଥାଆନ୍ତ । ମୁଁ ସ୍ୱୟଂ ତାଙ୍କ ପାଖକୁ ଚାଲି ଆସିଥାଆନ୍ତେ । ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ଡାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ଡାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ବାର୍ତ୍ତାବହ ! ସେ ଅର୍ଥାତ୍ ମୋ ପିତାଶ୍ରୀ ଉକ୍ତ କଥାର ସର୍ବାଧିକ ଅଧିକାରୀ ଅଟନ୍ତି ଯେ, ଆପଣ ସ.ଅଙ୍କ ସେବାରେ ସେ ସ୍ୱୟଂ ଉପସ୍ଥିତ ହୋଇଥାଆନ୍ତେ । ନା କି ଆପଣ ସ.ଅ ତାଙ୍କ ପାଖକୁ ଆସିଥାଆନ୍ତେ ଅର୍ଥାତ୍ ପିତାଶ୍ରୀଙ୍କ ପାଖକୁ ଆସିଥାଆନ୍ତେ । ହ. ଅବୁ ବକ୍କର ର.ଅ ତାଙ୍କୁ ଅର୍ଥାତ୍ ନିଜର ପିତାଶ୍ରୀଙ୍କୁ ରସୁଲ୍ କରୀମ୍ ସ.ଅଙ୍କ ସମ୍ମୁଖରେ ଯେତେବେଳେ ବସାଇଲେ ସେତେବେଳେ ଆପଣ ସ.ଅ ତାଙ୍କ ଛାତି ଉପରେ ହାତ ବୁଲାଇଲେ (ସ୍ପର୍ଶ କଲେ) ଏବଂ କହିଲେ, ହ ଅବୁ କାହାଫା ! ଆପଣ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନିଅନ୍ତୁ । ସୁତରାଂ ଅବୁ କାହାଫା ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । **(ଅଲ୍ ଇସାବତା, ଫି ତମିଜିସ୍ ସାହାବାତା, ଗ୍ରନ୍ଥଖଣ୍ଡ-4, ପୃ-375, ମକତବା, ଦାରୁଲୁ କୁତୁବୁଲ ଇଲମିୟାହ୍, 1995 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଘରେ ସାଧାରଣ ଜୀବନ ଶୈଳୀ ଅତିବାହିତ କରିବା ସଂକ୍ରାନ୍ତରେ ଏକ ବର୍ଣ୍ଣନା ରହିଛି । ସେହି ବର୍ଣ୍ଣନାଟି ହ. ହସନ୍ ର.ଅଙ୍କର ଅଟେ । ଅତଏବ୍ ହ. ହସନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅଙ୍କ ଦୁଆର ସମସ୍ତଙ୍କ ପାଇଁ ଖୋଲା ରହିଥିଲା । ଆପଣ ସ.ଅ ଦୁଆର ସମ୍ମୁଖରେ କୌଣସି ଦୁଆର ପାଳ ଛିଡ଼ା ହୋଇଥିଲା ଓ ନା ହିଁ ଆପଣ ସ.ଅଙ୍କ ସକଶେ ସକାଳେ ସନ୍ଧ୍ୟା ସମୟରେ ବଡ଼ ବଡ଼ ପାତ୍ରରେ ଖାଦ୍ୟ ଉପସ୍ଥାପିତ କରାଯାଉଥିଲା । ଅର୍ଥାତ୍ ଅତ୍ୟନ୍ତ ଉଚ୍ଚ ମାନର ଆହାର ଉପସ୍ଥାପିତ ହେଉ ନଥିଲା । ରସୁଲ୍ କରୀମ୍ ସ.ଅଙ୍କ ସହିତ ଯେକେହି ସାକ୍ଷାତ୍ କରିବାକୁ ଚାହୁଁଥିଲା ସେ ଅତି ସହଜରେ ଆପଣ ସ.ଅଙ୍କୁ ସାକ୍ଷାତ୍ କରିପାରୁ ଥିଲା । ଆପଣ ସ.ଅ ଭୂମି ଉପରେ ବସୁଥିଲେ ଏବଂ ଭୂମି ଉପରେ ନିଜର ଆହାର ରଖି ଖାଉଥିଲେ (ଅର୍ଥାତ୍ ତଳେ ବସି ଖାଉଥିଲେ) । ଆପଣ ସ.ଅ ସରଳ ଏବଂ ମୋଟା କପଡ଼ା ପିନ୍ଧୁଥିଲେ । ଆପଣ ସ.ଅ ଗଧ ଉପରେ ଆରୋହଣ ହେଉଥିଲେ ଏବଂ ଲୋକମାନଙ୍କୁ ନିଜ ବାହନର ପଛ ପଟେ ବସାଉଥିଲେ ଏବଂ ଖାଇବା ପରେ ନିଜର ଆଙ୍ଗୁଠିକୁ ଚାଟୁଥିଲେ । ଅର୍ଥାତ୍ ହାତ ଧୋଇବା ପୂର୍ବରୁ ନିଜର ଆଙ୍ଗୁଠିକୁ ଚାଟୁଥିଲେ । ତେଣୁ ଆମମାନଙ୍କୁ ମଧ୍ୟ ହାତ ଧୋଇବା ପୂର୍ବରୁ ନିଜର ଆଙ୍ଗୁଠିକୁ ଚାଟିନେବା ଉଚିତ୍ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଅତ୍‌ଇମତି, ବାବ୍-ଲଇକଲ୍ ଅସାବିଇ ୱ ମୁସ୍ସିହା...........ହଦିସ୍ ନଂ-5456)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଙ୍ଗୁଠି ଚାଟିବା ସଂପର୍କରେ ବୁଖାରୀର ବ୍ୟାଖ୍ୟାରେ ହ. ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ର.ଅ ଉଲ୍ଲେଖ କରିଛନ୍ତି । ତାଙ୍କର ଏକ ନୋଟ୍ (ଲେଖା) ରହିଛି ସେହି ନୋଟ୍‌ଟି ଏହିପରି ଯେ, ହ. ସୟେଦ୍ ଡାକ୍ତର ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅ କୁହନ୍ତି: ''ଉକ୍ତ କଥା ସମସ୍ତ ଶାସକମାନେ ଅନୁଭବ କରିଛନ୍ତି ଏବଂ ସମସ୍ତ ଚିକିତ୍ସକମାନେ ଏହା ଉପରେ ଏକମତ ଅଟନ୍ତି ଯେ, ମନୁଷ୍ୟ ହସ୍ତରେ ଏକ ପ୍ରକାରର ବିଶେଷ ସ୍ପର୍ଶଜନିତ ଶକ୍ତି ରହିଛି । ଉଦାହରଣ ସ୍ୱରୂପ ଆମେମାନେ ଯେତେବେଳେ କୌଣସି ବସ୍ତ୍ରର କୋମଳତାକୁ ଚେକ୍ କରିବାକୁ ଚାହୁଁ ସେତେବେଳେ କେବଳ ହାତର ଆଙ୍ଗୁଠି ବ୍ୟତୀତ ଆମେ ସେହି କପଡ଼ାର କୋମଳତାକୁ ଆକଳନ କରିପାରିବା ନାହିଁ । କିନ୍ତୁ ସମସ୍ତ ଶରୀରରେ ସ୍ପର୍ଶେନ୍ଦ୍ରୀୟ ଶକ୍ତି ବିଦ୍ୟମାନ ରହିଛି ଏବଂ ସମ୍ବେଦନଶୀଳତା ରହିଛି । କିନ୍ତୁ ହାତ ବ୍ୟତୀତ ଯଦି ପାଦରେ କୋମଳତାର ଆକଳନ କରିବାକୁ ହୁଏ ତେବେ ଆମେମାନେ ତହିଁରେ ସଂପୂର୍ଣ୍ଣ ରୂପେ ସଫଳ ହୋଇପାରିବା ନାହିଁ । ହିଁ ଏକ ବିଶେଷ ପ୍ରକାରର ବିଦ୍ୟୁତ୍ ତରଙ୍ଗର ପ୍ରଭାବ ରହିଛି ଯାହା କେବଳ ଓ କେବଳ ହାତ ପର୍ଯ୍ୟନ୍ତ ନୁହେଁ ବରଂ ହାତର ଆଙ୍ଗୁଠି ପର୍ଯ୍ୟନ୍ତ ହିଁ ସୀମିତ ରହିଛି ଏବଂ ହାତର ଆଙ୍ଗୁଠି ଠାରୁ ଆଖିର ଯେଉଁ ଧ୍ୟାନର ଯେଉଁ ଯନ୍ତ୍ର ରହିଛି ତାହା ସହିତ ବିଶେଷ ସଂପର୍କ ରହିଛି । ସେଇଥି ପାଇଁ ଧ୍ୟାନ କେନ୍ଦ୍ରିତ କରୁଥିବା କର୍ମଚାରୀମାନେ ମଧ୍ୟ ଯାହା ଉପରେ କାର୍ଯ୍ୟାନୁସରଣ କରୁଛନ୍ତି ସେମାନେ ଆଙ୍ଗୁଠି ଆଡ଼କୁ ଆଖି ଅଧିକ ଅନାଇ ଥାଆନ୍ତି ଏବଂ ଏହିପରି ଭାବରେ ଧ୍ୟାନ କେନ୍ଦ୍ରିତ କରାଯାଇଥିବା ବ୍ୟକ୍ତି ଉପରେ ଆଙ୍ଗୁଠି ମାଧ୍ୟମରେ ନିଜର ଆଖିର ପ୍ରଭାବ ଅର୍ଥାତ୍ ସମ୍ମୋହନ (ଏକ ପ୍ରକାରର ମାନସିକ ସ୍ଥିତ ଦ୍ୱାରା ଯେଉଁଠି କୌଣସି ବ୍ୟକ୍ତିକୁ ସମ୍ମୋହନ କରି ବ୍ୟକ୍ତିର ଚିନ୍ତାଧାରା କିମ୍ବା ଇଚ୍ଛାଶକ୍ତିକୁ ନିଜର ଆୟତ୍ତ ତଥା ନିୟନ୍ତ୍ରଣାଧୀନ କରି ଦିଆଯାଇଥାଏ) ବିଦ୍ୟା ପ୍ରୟୋଗ କରିଥାଆନ୍ତି ସେମାନଙ୍କର ହାତ ଆଡ଼କୁ ଅଧିକ ଧ୍ୟାନ ହୋଇଥାଏ । ମନୋବାଞ୍ଛିତ ରୂପେ ସେମାନେ ବ୍ୟକ୍ତିକୁ ତହିଁରେ ସମ୍ମୋହନ ବିଦ୍ୟାରେ ଆସକ୍ତ କରାଇ ନିଜର ଉଦ୍ଦେଶ୍ୟରେ ସଫଳ ମଧ୍ୟ ହୋଇଥାଆନ୍ତି । ସେହିପରି ହାତରୁ ଯେଉଁ ଔଷଧ ପ୍ରସ୍ତୁତ କରାଯାଇଥାଏ ତାହା ଅଧିକ ଲାଭଦାୟକ ହୋଇଥାଏ । ବର୍ତ୍ତମାନ ତ' ଆଜିକାଲି ସାଂପ୍ରତିକ କାଳରେ ପ୍ରତ୍ୟେକଟି ଜିନିଷ ମେସିନ୍ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ସେହି କାଳରେ ଡାକ୍ତରମାନେ ମଧ୍ୟ ଏହା ହିଁ କହୁଥିଲେ ଯାହା ଉପରୋକ୍ତରେ ବର୍ଣ୍ଣନା କରାଯାଇଛି । ସେ ଯାହା ହେଉ ସେ କହିଲେ, ଯେଉଁ ଔଷଧ ମେସିନ୍ ଦ୍ୱାରା ପ୍ରସ୍ତୁତ ହୋଇଥାଏ ସେହି ମେସିନ୍ ପ୍ରସ୍ତୁତ ଔଷଧ ବଦଳରେ ହାତ ଦ୍ୱାରା ପ୍ରସ୍ତୁତ ଔଷଧ ଅଧିକ ଲାଭ ପ୍ରଦାନ କରିଥାଏ । ତେଣୁ ଏହି ନିୟମାନୁଯାୟୀ ଖାଦ୍ୟ ଖାଇବା ସମୟରେ ଯେତେବେଳେ ବ୍ୟକ୍ତି ହାତର ଆଙ୍ଗୁଠି ଦ୍ୱାରା ଖାଦ୍ୟ ଗୁଳା ଉଠାଏ ସେତେବେଳେ ତା'ର ଆଖି ପ୍ରତ୍ୟେକ ଥର ଗୁଳା ନେଉଥିବା ସମୟରେ ଆଙ୍ଗୁଠିର ଶେଷ ଭାଗ ଆଡ଼କୁ ପଡ଼ିବ ଏବଂ ଆଙ୍ଗୁଠି ହିଁ ହେବ । ତେଣୁ ଯେତେବେଳେ ବ୍ୟକ୍ତି ଖାଦ୍ୟ ଖାଇବା ପରେ ପାଣି ଦ୍ୱାରା ଧୋଇବା କିମ୍ବା କପଡ଼ା ଦ୍ୱାରା ମୁହଁ ପୋଛିବା ପରିବର୍ତ୍ତେ ଆଙ୍ଗୁଠିକୁ ଚାଟିନିଏ ତେବେ ସ୍ପଷ୍ଟ ଭାବରେ ସେହି ପ୍ରଭାବ ମନୁଷ୍ୟର ପାକସ୍ଥଳୀ ମଧ୍ୟରେ ସେହି ତୈଳାକ୍ତ ମାଧ୍ୟମରେ ଯାହା ଆଙ୍ଗୁଠିରେ ଲାଗିଥାଏ ତାହା ପେଟ ମଧ୍ୟକୁ ପହଞ୍ଚିଯିବ ଏବଂ ପେଟରେ ଥିବା ସେହି କାର୍ଯ୍ୟ ଅର୍ଥାତ୍ ପାଚନଶକ୍ତି (ହଜମ ଶକ୍ତି)କୁ ବୃଦ୍ଧି କରିବ । ଏହିପରି ଭାବରେ ଖାଦ୍ୟ ଶୀଘ୍ର ହଜମ୍ ହେବ । ଉକ୍ତ ଦୃଷ୍ଟିକୋଣଟି ସେତେବେଳେ ଡାକ୍ତରମାନଙ୍କର ଏବଂ ବୈଦ୍ୟମାନଙ୍କର ରହିଥିଲା । ଆଜି ଜଣା ନାହିଁ ଡାକ୍ତରମାନେ ସେହି ଦୃଷ୍ଟିକୋଣ ବିରୁଦ୍ଧରେ ହେବେ । କିନ୍ତୁ ସେ ଯାହା ହେଉ ଆଁହଜରତ୍ ସ.ଅ କହିଲେ, ଖାଦ୍ୟ ଖାଇବା ପରେ ଯେଉଁ ଖାଦ୍ୟ ହାତରେ ଲାଗିଥାଏ ତାହାକୁ ଚାଟିନେବା ହିଁ ଲାଭ ରହିଛି ।''

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁଖାରୀର ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, فَلَا يَمْسَحْ يَدَهُ حَتّٰى يَلْعَقَهَا أَوْ يُلْعِقَهَا ହେ ସାହାବାମାନେ ଯେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ନିଜର ହାତକୁ ଚାଟିନେଇ ଅବା ଚଟାଇ ଦେଇ ନାହିଁ ସେପର୍ଯ୍ୟନ୍ତ ସେ ନିଜର ହାତକୁ ନପୋଛୁ । ବ୍ୟାଖ୍ୟାକାରମାନେ କୌଣସି ବ୍ୟକ୍ତି ଦ୍ୱାରା ଚଟାଇଦେବା ସଂପର୍କରେ ଯେଉଁ କଥା ଉଲ୍ଲେଖ କରିଛନ୍ତି ତହିଁରୁ ଏହା ଯଥାର୍ଥ ଯେ, ଯେଉଁ ବ୍ୟକ୍ତି ନିଜେ ଖାଦ୍ୟ ଖାଉଛି ଅବା ନିଜର ପିଲାମାନଙ୍କୁ ଖାଦ୍ୟ ଖୁଆଉଛି ଅବା ନିଜର ସେବକ ଠାରୁ ଆଙ୍ଗୁଠି ଚଟାଉଛି ତେବେ ସେହି ବ୍ୟକ୍ତି ଯିଏ ଖାଦ୍ୟ ଖୁଆଉଥିବା ବ୍ୟକ୍ତିର ଆଙ୍ଗୁଠିକୁ ଚାଟିବାରେ ଅପ୍ରୀତିକର ଅନୁଭବ ହେଉ ନାହିଁ ତେବେ ସେ ଖାଦ୍ୟ ଖୁଆଉଥିବା ବ୍ୟକ୍ତିର ଆଙ୍ଗୁଠିକୁ ଚାଟିନେଉ । ବର୍ତ୍ତମାନ ଯେଉଁ ବ୍ୟକ୍ତି ଖାଦ୍ୟ ଖାଇବ ତା'କୁ କ'ଣ ବା ଆବଶ୍ୟକ ରହିଛି ଯେ, ସେ ଅନ୍ୟ ବ୍ୟକ୍ତିକୁ ହାତ ଚାଟିବା ପାଇଁ କହିବ ବରଂ ସେ ତ' ନିଜେ ନିଜର ହାତର ଆଙ୍ଗୁଠିକୁ ଚାଟି ପାରିବ । ଅତଏବ୍ ବ୍ୟାଖ୍ୟାକାରମାନେ ବେଳେବେଳେ ବ୍ୟାଖ୍ୟା କରିବାକୁ ଯାଉ କୁଆଡୁ କୁଆଡ଼େ ପହଞ୍ଚି ଯାଇଥାଆନ୍ତି । କିନ୍ତୁ ଉକ୍ତ କଥାଟି ଅନୁଚିତ ଏବଂ ଶିଷ୍ଟାଚାର ବିରୁଦ୍ଧୀୟ ବୋଲି ଦୃଶ୍ୟମାନ ହୋଇଥାଏ । ଅର୍ଥାତ୍ ଅନ୍ୟ କୌଣସି ବ୍ୟକ୍ତିକୁ ଯଦି କୁହାଯାଏ ଯେ, ତୁମେ ମୋର ଆଙ୍ଗୁଠିକୁ ଚାଟ ତେବେ ଏହାର ଅର୍ଥ ଏହିକି ଯେ, ସମ୍ଭବତଃ ମନୁଷ୍ୟ ଖାଦ୍ୟ ଖାଇବା ପରେ ନିଜର ଆଙ୍ଗୁଠିକୁ ନିଜେ ଚାଟି ସଫା କରୁ ଏବଂ ନିଜର ଲାଳନ ପାଳନ ତଥା ସଂସ୍କାର ଅଧୀନରେ ଥିବା ସଦସ୍ୟମାନଙ୍କୁ ମଧ୍ୟ ଉକ୍ତ କଥା କହୁ ଯେ, ସେମାନେ ନିଜର ଆଙ୍ଗୁଠିକୁ ନିଜେ ଚାଟି ସଫା କରି ନିଅନ୍ତୁ । କାରଣ ସେମାନେ ସେହି ଔଷଧୀୟ ଲାଭ ତଥା ଅନ୍ୟାନ୍ୟ ଅଭିପ୍ରାୟକୁ ପ୍ରାପ୍ତକାରୀ ବ୍ୟକ୍ତିରେ ପରିଗଣିତ ହୁଅନ୍ତୁ ଯେଉଁ ଲାଭ ଆଁହଜରତ୍ ସ.ଅଙ୍କ ଉକ୍ତ ଆଦେଶାବଳୀ ମଧ୍ୟରେ ନିହିତ ରହିଛି ।'' **(ସହିହୁଲ୍ ବୁଖାରୀ, ଅନୁବାଦକ, ଗ୍ରନ୍ଥଖଣ୍ଡ-13, ପୃ-398-400, କିତାବୁଲ୍ ଅତ୍‌ଇମତି, ବାବ୍-ଲଇକଲ୍ ଅସାବିଇ ୱ ମୁସ୍ସିହା...........ହଦିସ୍ ନଂ-5456)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ମସ୍‌ଜିଦରେ ଝାଡୁ ମାରିବା ଏବଂ ସଫା କରିବାକୁ ମଧ୍ୟ ଖରାପ ବୋଲି ମନେକରୁ ନଥିଲେ । ଅତଏବ୍ ଏଥି ସଂକ୍ରାନ୍ତରେ ହ. ୟାକୁବ୍ ବିନ୍ ଜୈଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ମସ୍‌ଜିଦରେ ଯେଉଁ ଧୂଳି ବାଲି ଉଡ଼ି ଚାଲି ଆସୁଥିଲା ତାହାକୁ ଆପଣ ସ.ଅ ଏକା ବାଡ଼ି ଦ୍ୱାରା ସଫା କରୁଥିଲେ । ତହିଁରୁ ଏହା ହିଁ ଯଥାର୍ଥ ହୋଇପାରେ ଯେ, ବାଡ଼ି ଆଗରେ କିଛି ଜିନିଷ ଅର୍ଥାତ୍ କପଡ଼ା ଇତ୍ୟାଦି ଲାଗିଥିବ ଯାହା ସାହାଯ୍ୟରେ ଆଁହଜରତ୍ ସ.ଅ କୌଣସି ବସ୍ତୁ ପରିଷ୍କାର ତଥା ସଫାସଫି କରୁଥିଲେ । **(ଅଲ୍‌ମୁସନିଫ୍ ଲିଇବ୍‌ନି ଅବି ଶୈବା, ଗ୍ରନ୍ଥଖଣ୍ଡ-2, ପୃ-321, ହଦିସ୍ ନଂ-4044, ଅଲ୍ ଫାରୁକୁଲ୍ ହଦିସିୟାହ୍ ଲିତ୍ ତବାଅତି ୱନ୍ ନଶ୍ରି, 2008 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଜିବ୍ରାଇଲ୍ ଅ.ସ ନବୀ କରୀମ୍ ସ.ଅଙ୍କ ପାଖରେ ବସିଥିଲେ । ଆପଣ ସ.ଅ ଆକାଶ ଆଡ଼କୁ ଯେତେବେଳେ ଦେଖିଲେ ସେତେବେଳେ ଜଣେ ଦେବଦୂତ ଅବତୀର୍ଣ୍ଣ ହେଉଥିବାର ଦୃଶ୍ୟମାନ ହେଲା । ହ. ଜିବ୍ରାଇଲ୍ ଅ.ସ କହିଲେ, ଏ ହେଉଛି ସେହି ଦେବଦୂତ ଯିଏ ନିଜର ଜନ୍ମ ହେବା ଦିନ ଠାରୁ ଆରମ୍ଭ କରି ଏହି ମୁହୂର୍ତ୍ତ ପର୍ଯ୍ୟନ୍ତ ପୂର୍ବେ କେବେ ଅବତୀର୍ଣ୍ଣ ହୋଇ ନାହିଁ । ଯେତେବେଳେ ସେହି ଦେବଦୂତ ଅବତୀର୍ଣ୍ଣ ହେଲା ସେତେବେଳେ ସେ କହିଲା, ହେ ମୁହମ୍ମଦ ସ.ଅ ! ଆପଣ ସ.ଅଙ୍କ ପାଳନକର୍ତ୍ତା ମୋତେ ଆପଣ ସ.ଅଙ୍କ ପାଖକୁ ପଠାଇଛନ୍ତି । ଅଲ୍ଲାଃତାଲା କୁହନ୍ତି ଯେ, ସେ ଆପଣ ସ.ଅଙ୍କୁ ସମ୍ରାଟ୍ କରିବେ ନା ଆପଣ ସ.ଅଙ୍କୁ ତାଙ୍କର ଭକ୍ତ କରିବେ ? ହ. ଜିବ୍ରାଇଲ୍

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି: وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُوْنَ**

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family, B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି: وَذَكِّرْ فَإِنَّ الذِّكْرٰى تَنْفَعُ الْمُؤْمِنِيْنَ**

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ଅ.ସ କହିଲେ, ହେ ମୁହମ୍ମଦ୍ ସ.ଅ ଆପଣ  ନିଜର ପାଳନକର୍ତ୍ତାଙ୍କ ସକାଶେ ବିନୀତତା ଅବଲମ୍ବନ କରନ୍ତୁ । ତେବେ ନବୀ କରୀମ୍ ସ.ଅ କହିଲେ, ହେ ଦେବଦୂତ! ଅଲ୍ଲାଃତାଲା ମୋତେ ଭକ୍ତ ଏବଂ ବାର୍ତ୍ତାବହ କରି ଅବତୀର୍ଣ୍ଣ କରନ୍ତୁ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-3, ପୃ-13, ମସ୍‌ନଦ୍ ଅବି ହୁରୈରାହ୍ ର.ଅ ହଦିସ୍-7160, ଆଲିମୁଲ୍ କୁତୁବ୍-1998 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ତ' ଆପଣ ସ.ଅଙ୍କର ସ୍ୱଭାବ ଥିଲା । ଯଦି ହ. ଜିବ୍ରାଇଲ୍ ଅ.ସ ନ କହିଥାଆନ୍ତେ ତେବେ ମଧ୍ୟ ଆପଣ ସ.ଅ ଏହା କହିଥାଆନ୍ତେ ଯେ, ଅଲ୍ଲାଃତାଲା ମୋତେ ଭକ୍ତ ଏବଂ ବାର୍ତ୍ତାବହ କରି ଅବତୀର୍ଣ୍ଣ କରନ୍ତୁ । ଉପରୋକ୍ତ କଥା ପ୍ରତି ଆପଣ ସ.ଅ ନିଜର ଅନୁଗାମୀମାନଙ୍କୁ ମଧ୍ୟ ଅନୁପ୍ରାଣିତ କରିଛନ୍ତି ଯେ, ମୁଁ ତ' ଜଣେ ମଣିଷ ଅଟେ । ସେ ଯାହା ହେଉ ଉକ୍ତ ବର୍ଣ୍ଣନାର ଯେଉଁ ଅର୍ଥ ରହିଛି ତାହା ଏହିକି ଯେ, ଯଦି ସେହି ସମୟ ଆସେ ତେବେ ବିନୀତତାପୂର୍ବକ ଏହା ହିଁ କହିଲେ ଯେ, ମୁଁ ଅବତାରମାନଙ୍କର ସମ୍ରାଟ୍ ହେବାକୁ ଚାହୁଁ ନାହିଁ । ମୁଁ ତ' କେବଳ ଅଲ୍ଲାଃତାଲାଙ୍କ ଭକ୍ତ, ବିନୀତ ବ୍ୟକ୍ତି ଓ ତାହାଙ୍କର ବାର୍ତ୍ତାବହ ହେବାକୁ ଚାହୁଁଛି । ଏହା ହିଁ ଆମମାନଙ୍କର କଲ୍‌ମାରେ (ଆଦର୍ଶ ଉକ୍ତି ବା ବାଣୀ)ରେ ବର୍ଣ୍ଣିତ ହୋଇଛି । ଜଣେ ପ୍ରକୃତ ମୁସଲମାନ ବ୍ୟକ୍ତିକୁ କିପରି ବିନୀତ ହେବା ଉଚିତ୍ ସେଥି ସଂକ୍ରାନ୍ତରେ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଇହାଜ୍ ବିନ୍ ହିମାର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: "ନିଃସନ୍ଦେହ ରୂପେ ଅଲ୍ଲାଃତାଲା ମୋ ଆଡ଼କୁ ଏକ ଐଶୀବାଣୀ ଅବତୀର୍ଣ୍ଣ କରିଛନ୍ତି ଯେ, ତୁମେମାନେ ବିନୀତତା ଅବଲମ୍ବନ କର ଏପର୍ଯ୍ୟନ୍ତକି କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତି ଉପରେ ଅତ୍ୟାଚାର ନକରୁ ଓ ନା ହିଁ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତି ଉପରେ ଗର୍ବ ଓ ଅହଂକାର ପ୍ରଦର୍ଶ କରୁ ।"

**(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଅଦବ୍, ବାବ୍- ଫି ତୱାଜିଇ, ହଦିସ୍ ନଂ-4895)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଉପଦେଶ ଦେଇ କୁହନ୍ତି: "ଆମମାନଙ୍କୁ ବୀନୀତତା ଅବଲମ୍ବନ କରିବା ଉଚିତ୍ । ବିନୀତତା ଶିଖିବା କୌଣସି କଠିନ କାର୍ଯ୍ୟ ନୁହେଁ । ବିନୀତତା କିପରି ଶିଖିବା ? ବିନୀତତା ଏହିପରି ଶିଖାବା ଉଚିତ୍ ଯେ ,ମନୁଷ୍ୟ ସ୍ୱୟଂ ବିନୀତ ହେଉ କାରଣ ସେ ବିନୀତତା ନିମନ୍ତେ ସୃଷ୍ଟି ହୋଇଛି । ଅତଏବ୍ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା କୁହନ୍ତି: "وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ" ଅର୍ଥାତ୍ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ହିଁ ସୃଷ୍ଟି କିରିଅଛୁ । ଗର୍ବ ଓ ଅହଂକାର କୃତ୍ରିମତା ଏବଂ ଆଡ଼ମ୍ବରତା ଅଟେ । ଯଦି ମନୁଷ୍ୟ ସେହି କୃତ୍ରିମତା ଏବଂ ଆଡମ୍ବରତାର ବସ୍ତ୍ରକୁ ଓହ୍ଲାଇ ଦିଏ ତେବେ ତା'ର ସ୍ୱଭାବରେ ବିନୀତତା ହିଁ ବିନୀତତା ଦୃଶ୍ୟମାନ ହେବ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-38, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ମର୍ଯ୍ୟାଦା ଓ ଆପଣ ସ.ଙ୍କ ବିନୀତତା ସଂପର୍କରେ ଆମମାନଙ୍କୁ ଉପଦେଶ ଦେଇ ହ. ମସିହ୍ ମ ଉଦ୍ ଅ.ସ ଆମମାନଙ୍କୁ ଏକ ସ୍ଥାନରେ କୁହନ୍ତି: "ଅଲ୍ଲାଃତାଲା ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଅଟନ୍ତି । ସେ ପ୍ରତ୍ୟେକ ଦୃଷ୍ଟିରୁ ଏବଂ ପ୍ରତ୍ୟେକ ପ୍ରକାରରୁ ମନୁଷ୍ୟର ଲାଳନ ପାଳନ କରିଥାଆନ୍ତି । ମନୁଷ୍ୟ ଉପରେ ଦୟାବତୀର୍ଣ୍ଣ କରିଥାଆନ୍ତି ଓ ସେହି ଦୟା ଯୋଗୁଁ ସେ ଅର୍ଥାତ୍ ଅଲ୍ଲାଃତାଲା ନିଜର ମନୋନୀତ ନିଯୁକ୍ତ ବାର୍ତ୍ତାବହମାନଙ୍କୁ ପ୍ରେରଣ କରିଥାଆନ୍ତି । କାରଣ ସେ ସଂସାରବାସୀଙ୍କୁ ପାପ ତଥା ପଙ୍କଜନିତ ଅପମିଶ୍ରମଣ ଠାରୁ ମୁକ୍ତି ପ୍ରଦାନ କରିବେ । କିନ୍ତୁ ଗର୍ବ ଅତ୍ୟନ୍ତ ଭୟଙ୍କର ବ୍ୟାଧି (ରୋଗ) ଅଟେ । ଏହି ରୋଗ ଯେଉଁ ବ୍ୟକ୍ତି ମଧ୍ୟରେ ସୃଷ୍ଟି ହୋଇଯାଏ ତେବେ ସେହି ବ୍ୟକ୍ତି ନିମନ୍ତେ ଏହା କାଳ ଅର୍ଥାତ ସେହି ବ୍ୟକ୍ତିର ଆଧ୍ୟାତ୍ମିକ ମୃତ୍ୟୁ ଘଟିଥାଏ । ନିଃସନ୍ଦେହ ରୂପେ ଏହା ମନେକରେ ଯେ, ଏହି ରୋଗ ହତ୍ୟା ଠାରୁ ମଧ୍ୟ ଭୟଙ୍କର ଅଟେ । ଅହଂକାରୀ ବ୍ୟକ୍ତି ସଇତାନର ଭାଇ ହୋଇଯାଇଥାଏ । ତେଣୁ ଅହଂକାର ହିଁ ସଇତାନକୁ ତିରସ୍କୃତ କରିଛି। ତେଣୁ ବିଶ୍ୱାସକାରୀ ବ୍ୟକ୍ତି ହେବା ନିମନ୍ତେ ଏହି ସର୍ତ୍ତ ରହିଛି ଯେ, ବିଶ୍ୱାସକାରୀ ବ୍ୟକ୍ତି ମଧ୍ୟରେ ଗର୍ବ ଓ ଅହଂକାର ଭାବ ଯେପରି ନରହୁ । ବରଂ ବିଶ୍ୱାସକାରୀ ବ୍ୟକ୍ତି ମଧ୍ୟରେ ବିନୀତତା, ବିନମ୍ରତା ଏବଂ ସୌଜନ୍ୟତାମୂଳକ ଆଚରଣ ବିଦ୍ୟମାନ ରହିବା ଉଚିତ୍ । ଏହି ସମସ୍ତ ଗୁଣାବଳୀ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତିମାନଙ୍କର ଅନନ୍ୟ ବୈଶିଷ୍ଟ୍ୟତା ଅଟେ । ସେମାନଙ୍କ ମଧ୍ୟରେ ଅସୀମ ବିନୀତତା ଓ ବିନମ୍ରତା ହୋଇଥାଏ । ଏହି ବୈଶିଷ୍ଟ୍ୟତା ଆଁହଜରତ୍ ସ.ଅଙ୍କ ମଧ୍ୟରେ ସର୍ବାଧିକ ରହିଥିଲା । ଅତଏବ୍ ଆଁହଜରତ୍ ସ.ଅଙ୍କର ସେବକକୁ ଯେତେବେଳେ ପଚରାଗଲା କି ଆଁହଜରତ୍ ସ.ଅ ସେହି ବ୍ୟକ୍ତି ସହିତ କିପରି ଆଚରଣ ପ୍ରଦର୍ଶନ କରିଛନ୍ତି ? ସେତେବେଳେ ସେ ଏହି ଉତ୍ତର ଦେଲା ଯେ, ସତ୍ୟତା ଏହିକି ଯେ, ମୁଁ କ'ଣ ଆଁହଜରତ୍ ସ.ଅଙ୍କର ସେବା କରିବି, ବରଂ ସେ ମୋର ସବୁଠୁ ବେଶୀ ସେବା କରନ୍ତି । اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ وَّبَارِكْ وَسَلِّمْ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ହେଛି ଆଁହଜରତ୍ ସ.ଅଙ୍କ ବିନୀତତା ଏବଂ ବିନମ୍ରତାର ସର୍ବୋଚ୍ଚ ଉଦାହରଣ । ଏକଥା ସତ୍ୟ ଯେ, ଅନେକ ପ୍ରିୟଜନଙ୍କ ମଧ୍ୟରେ ସେବକ ହୋଇଥାଆନ୍ତି ଯେଉଁମାନେ ସର୍ବଦା ଆଖପାଖରେ ଉପସ୍ଥିତ ରହିଥାଆନ୍ତି। ତେଣୁ ଯଦି କୌଣସି ବ୍ୟକ୍ତି ବିନୀତତା ଏବଂ ବିନମ୍ରତା ଓ ଧୈର୍ଯ୍ୟତା ଉଦାହରଣ ଦେଖିବାକୁ ଚାହୁଁଛି ତେବେ ସେ ଖୁଦ୍ଦାମ୍‌ମାନଙ୍କ ଠାରୁ ଏହି ଗୁଣାବଳୀ ସଂପର୍କରେ ଜାଣି ପାରିବ । କେତେକ ମହିଳା କିମ୍ବା ପୁରୁଷମାନେ ଏପରି ଥାଆନ୍ତି ଯେ, ସେମାନେ ସେବକଙ୍କ ଦ୍ୱାରା ଯଦି କୌଣସି ତ୍ରୁଟି ହୋଇଗଲା ଯଥା ତାହା କୌଣସି ଜିନିଷର ଅଭାବ କିମ୍ବା ତ୍ରୁଟି ହୋଇଗଲା ତେବେ ସେମାନେ ତୁରନ୍ତି ଗାଳି ଗୁଲଚ କରିବା ଆରମ୍ଭ କରି ଦିଅନ୍ତି କିମ୍ବା ବ୍ୟଙ୍ଗ ବିଦ୍ରୂପ କରିବା ଆରମ୍ଭ କରି ଦିଅନ୍ତି । ତରକାରୀରେ ଯଦି ଲୁଣ ଟିକିଏ ଅଧିକ ହୋଇଗଲା ତେବେ ବେଚରା ସେବା ଯୋଗାଉଥିବା କର୍ମୀମାନଙ୍କ ଉପରେ ବିପତ୍ତି ଯେପରି ଅବତୀର୍ଣ୍ଣ ହୋଇଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ କଥା ଏହା ଯେ, ଅଭାବିମାନଙ୍କ ହାବୁଡ଼ରେ ଯେତେବେଳେ ସେବକମାନେ ପଡ଼ନ୍ତି ସେତେବେଳେ ସମ୍ମୁଖୀନ ଅତି ଭୋକିଲା ହୋଇଥାଆନ୍ତି ଏବଂ ଶୁଖିଲା ରୁଟି ଖଣ୍ଡ ଖାଇ ଗୁଜୁରାଣ ମେଣ୍ଟାଇ ଥାଆନ୍ତି । କିନ୍ତୁ ସେମାନେ ଏହା ଜାଣିବା ସତ୍ତ୍ୱେ ଅର୍ଥାତ୍ ରୁଟି ସରି ଯାଇଛି କିମ୍ବା ତରକାରୀ ନାହିଁ ତେବେ ସେମାନେ ଏଥିପ୍ରତି ଭ୍ରୁକ୍ଷେପ କରନ୍ତି ନାହିଁ । ସେମାନେ (ଗରିବ ଓ ଅଭାବି ବ୍ୟକ୍ତି) ଏମାନଙ୍କୁ (ଧନୀ ବ୍ୟକ୍ତିମାନଙ୍କୁ) ପରୀକ୍ଷାରେ ପକାନ୍ତି ଯେତେବେଳେ ଅଭାବି ତଥା ମାଗିଲାବାଲା ରୂପେ ଆସନ୍ତି । ଅର୍ଥାତ୍ ଯେତେବେଳେ ଗରିବ ଲୋକ ଧନୀକ ଲୋକମାନଙ୍କ ପାଖକୁ ଖାଦ୍ୟ କିମ୍ବା ଅନ୍ୟ କୌଣସି ଜିନିଷ ଭିକ୍ଷା ମାଗନ୍ତି ସେତେବେଳେ ସେମାନେ ଧନୀକ ବ୍ୟକ୍ତିମାନଙ୍କୁ ଧର୍ମ ସଂକଟରେ ପକାଇ ଥାଆନ୍ତି। ପ୍ରକୃତ ପୁଣ୍ୟ ତ' ସେତେବେଳେ ହିଁ ହୋଇଥାଏ ଯେତେବେଳେ ଧନୀ ବ୍ୟକ୍ତି ସେମାନଙ୍କର ଆବଶ୍ୟକତା ତଥା ସେମାନଙ୍କର ଅଭାବ ଓ ଅସୁବିଧାକୁ ଦୂର କରିଥାଏ । ତେଣୁ ପ୍ରକୃତ ପୁଣ୍ୟ ପ୍ରାପ୍ତ କରିବାକୁ ହେଲେ ସେମାନଙ୍କର ଅଭାବ, ଅସୁବିଧା ଓ ଆବଶ୍ୟକତାକୁ ପୂରଣ କରିବା ଉଚିତ୍ । ଈଶ୍ୱର ତ' ପ୍ରତିଟି କଣିକାର ସୃଷ୍ଟିକର୍ତ୍ତା ଅଟନ୍ତି । କେହି ବି ତାହାଙ୍କର ମୁକାବିଲା କରି ପାରିବ ନାହିଁ । ତେଣୁ ଧନୀ ବ୍ୟକ୍ତି ଅଭାବି ତଥା ଗରିବ ଲୋକମାନଙ୍କ ସହିତ ଏପରି ଆଚରଣ ପ୍ରଦର୍ଶନ କରି ଏହା ମନେକରିବାକୁ ଲାଗେ ଯେ, କିପରି ଈଶ୍ୱରଭୀରୁତା ପ୍ରଦର୍ଶନ କରିବା ଉଚିତ୍ ଅବା ଈଶ୍ୱରଭୀରୁତାରେ କିପରି ଭାଗ ନେବା ଉଚିତ୍ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-313-312, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜଣେ ବ୍ୟକ୍ତି ମଧ୍ୟରେ ଈଶ୍ୱର ଭୀରୁତା କେତେ ରହିଛି ତାହା ଗରିବ ତଥା ଅଭାବିମାନଙ୍କ ସହିତ ଆଚରଣ ପ୍ରଦର୍ଶନରୁ ହିଁ ଜଣା ପଡ଼ିଯାଇଥାଏ । ଧନୀ ତଥା ବଡ଼ ଲୋକଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଦ୍ୱାରା ଜଣେ ବ୍ୟକ୍ତି ମଧ୍ୟରେ ଈଶ୍ୱର ଭୀରୁତା ରହିଛି ବୋଲି ପ୍ରମାଣିତ ହୁଏ ନାହିଁ (ଜଣାପଡ଼ି ନଥାଏ) । ଅଲ୍ଲାଃତାଲା ଆମମାନଙ୍କୁ ଆଁହଜରତ୍ ସ.ଅଙ୍କ ଶିକ୍ଷା ଓ ଆପଣ ସ.ଅଙ୍କ ସୁନ୍ନତ୍ (ଆଁହଜରତ୍ ସ.ଅଙ୍କ  ଅନୁସୃତ ରୀତି) ଉପରେ ପରିଚାଳିତ ହେବା ସଙ୍ଗେସଙ୍ଗେ ବିନୀତତାର ମାର୍ଗକୁ ମଧ୍ୟ ଅବଲମ୍ବନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନୱର୍ ଅ.ବ କହିଲେ, ନମାଜ୍ ପରେ ମୁଁ ଏକ ନମାଜ୍ ଯନାଜାଃ ଗାଏବ୍ ମଧ୍ୟ ପାଠ କରାଇବି । ସେହି ଯନାଜାଃଟି ହେଲା ଓ୍ୱହାଡ଼ି କରାଚୀର ଶ୍ରୀଯୁକ୍ତ ମୁହମ୍ମଦ୍ ଇସ୍‌ହାକ ସାହେବଙ୍କର ସୁପୁତ୍ର ସ୍ୱର୍ଗତ ମଲକ୍ ଦାଉଦ୍ ମୁହମ୍ମଦ୍ ସାହେବଙ୍କର । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଛି ।انا للہ وانا الیہ راجعون । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମହୋଦୟ ଓସିୟତ୍ କରିଥିଲେ । ତାଙ୍କର  ଦଦା ମୁହମ୍ମଦ୍ ଦୀନ୍ ସାହେବ ସିୟାଲକୋଟ୍ ଜିଲ୍ଲାର ବଢ଼ତାଓ୍ୱାଲା ଗ୍ରାମର ଅଧିବାସୀ ଥିଲେ । 1914 ମସିହାରେ ସେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ମଲକ୍ ଦାଉଦ୍ ସାହେବଙ୍କୁ ସ୍ଥାନୀୟ ଜମାଅତ୍‌ର ସଭାପତି, ସେକ୍ରେଟାରୀ ମାଲ୍ ଏବଂ ସେକ୍ରେଟାରୀ ଅନ୍‌ସାରୁଲ୍ଲାଃରେ ମଧ୍ୟ ସେବା କରିବାରା ସାମର୍ଥ୍ୟତା ପ୍ରାପ୍ତ ହୋଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ 3ଟି କନ୍ୟା ସନ୍ତାନ ଏବଂ 4ଟି ପୁତ୍ର ସନ୍ତାନ ଅଛନ୍ତି । ସ୍ୱର୍ଗତଙ୍କ ଗୋଟିଏ ପୁତ୍ର ମୁହମ୍ମଦ ଅକ୍‌ମଲ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେ ବର୍ତ୍ତମାନ ଗ୍ୟାମ୍ବିୟାରେ ମୁବଲଲ୍ଲିଗ ଅଛନ୍ତି ଏବଂ ସେଠାରେ ସେବା କରିବାର ସାମର୍ଥ୍ୟ ଲାଭ ପାଉଛନ୍ତି । କର୍ମଭୂମିରେ ଥିବା ହେତୁ ନିଜ ପିତାଶ୍ରୀଙ୍କ ଯନାଜାଃରେ ସାମିଲ୍ ହୋଇପାରି ନାହାନ୍ତି । ସ୍ୱର୍ଗତ ମହୋଦୟଙ୍କର ଏହି ପୁତ୍ର ଅକମଲ୍ ସାହେବ ଯିଏ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ସେ ଉଲ୍ଲେଖ କରନ୍ତି ଯେ, ପିତାଶ୍ରୀ ଅତ୍ୟନ୍ତ ସ୍ମିତହାସ୍ୟ ସ୍ୱଭାବର ବ୍ୟକ୍ତି ଓ ଜୀବନ୍ତ ହୃଦୟ ଥିବା ବ୍ୟକ୍ତି ଥିଲେ । ପିତାଶ୍ରୀଙ୍କୁ ତବ୍‌ଲିଗ୍ କରିବାର ବେଶ୍ ଆଗ୍ରହ ଓ ରୁଚି ରହିଥିଲା । ପିତାଶ୍ରୀ ଯେତେବେଳେ ନିଜର ସିନ୍ଧ୍ ଠାରେ ଅବସ୍ଥିତ ଜମିକୁ ଯାଉଥିଲେ ସେତେବେଳେ ସେଠାରେ ଯାଇ ମଧ୍ୟ ତବ୍‌ଲିଗ୍ କରିବାର ବାହାନା ଖୋଜୁଥିଲେ । ପାକିସ୍ତାନରେ ଯେପର୍ଯ୍ୟନ୍ତ ଅହମଦିମାନଙ୍କ ଉପରେ କଟକଟଣା ଲାଗୁ ହୋଇ ନଥିଲା ସେପର୍ଯ୍ୟନ୍ତ ସେ ନିଜ ସହିତ ପାମ୍ଫ୍ଲେଟ୍ ମଧ୍ୟ ରଖୁଥିଲେ ଏବଂ ସର୍ବଦା ତବ୍‌ଲିଗ୍ ମଧ୍ୟ କରୁଥିଲେ । ଏହି ତବ୍‌ଲିଗ୍ ଯୋଗୁଁ ସେ ଲୋକମାନଙ୍କ ଉପରେ ସକାରାତ୍ମକ ପ୍ରଭାବ୍ ମଧ୍ୟ ପକାଇଥିଲେ । ପିତାଶ୍ରୀ ଜଣେ ଉତ୍ତମ ଅତିଥି ସତ୍କାରକ ବ୍ୟକ୍ତି ଥିଲେ । ଯେଉଁ ଅତିଥି ବି ଆସୁଥିଲା କିମ୍ବା ମର୍କଜ୍‌ର ଅତିଥି ମଧ୍ୟ ହେଉଥିଲା ପିତାଶ୍ରୀ ତା'ର ସେବା ଏବଂ ଅତିଥି ସତ୍କାର ଅବଶ୍ୟ କରୁଥିଲେ । ଯେପର୍ଯ୍ୟନ୍ତ ନମାଜ୍ ସେଣ୍ଟର ନିର୍ମାଣ ହୋଇ ନଥିଲା ସେପର୍ଯ୍ୟନ୍ତ ସେ ନିଜର ଘରେ ନମାଜ୍ ସେଣ୍ଟର ତିଆରି କରିଥିଲେ ଏବଂ ସେଠାରେ ବାଜମାଅତ୍ ନମାଜ୍‌ର ବ୍ୟବସ୍ଥା କରିଥିଲେ । ଫଜର୍ ନମାଜ୍ ପରେ ପିତାଶ୍ରୀ ଉଚ୍ଚ ସ୍ୱରରେ ତିଲାଓ୍ୱତ୍ କୁର୍‌ଆନ୍ କରୀମ୍ ମଧ୍ୟ କରୁଥିଲେ । ପିତାଶ୍ରୀଙ୍କ ନମାଜ୍ ସେଣ୍ଟର୍‌ରେ ମଧ୍ୟ ଅନ୍ୟ ଜମାଅତ୍‌ରୁ ଲୋକମାନେ ନମାଜ୍ ଜୁମା ପାଠ କରିବା ନିମନ୍ତେ ଆସୁଥିଲେ । ପୁନଶ୍ଚ ପିତାଶ୍ରୀ ଯେତେବେଳେ ନିଜର ବିଲ ବାଡ଼ିକୁ ଯାଉଥିଲେ ସେତେବେଳେ କହୁଥିଲେ ଯେ, ମୁଁ ନିଜର କ୍ଷେତ (ବିଲ)ରେ ଯାଇ କ୍ଷେତର ପ୍ରତ୍ୟେକଟି

କୋଣରେ ନଫିଲ୍ ନମାଜ୍ ପାଠ କରିଥାଏ । କାରଣ ଏହି ନଫିଲ୍ ନମାଜ୍ ଯୋଗୁଁ ଅଲ୍ଲାଃତାଲା ମୋର ଫସଲରେ ଅନ୍ୟମାନଙ୍କ ତୁଳନାରେ ଅଜସ୍ର କଲ୍ୟାଣ ସୃଷ୍ଟି କରିବେ (ପ୍ରଦାନ କରିବେ) । ତେଣୁ ଅଲ୍ଲାଃତାଲା ମୋର ଫସଲରେ ଅଜସ୍ର କଲ୍ୟାଣ ପ୍ରଦାନ କରିଥାଆନ୍ତି ଏବଂ ମୋର ଫସଲ୍ ଦୁଇଗୁଣା ହୋଇଯାଇଥାଏ । ସେହିପରି ଆପଣ ସ.ଅ ଗ୍ରାମରେ ଯେଉଁ ଘର ନିର୍ମାଣ କରିଥିଲେ ତା' ସଂପର୍କରେ ନିଜର ସନ୍ତାନମାନଙ୍କୁ କହୁଥିଲେ ଯେ, ହେ ମୋର ସନ୍ତାନମାନେ ! ମୁଁ ଚାହୁଁଛି ଯେ, ମୁଁ ଏହି ଘରକୁ ସବୁଦିନ ପାଇଁ ଜମାଅତ୍‌କୁ ଦେଇଦେବି । ଏହି ଘର ଜମାଅତ୍‌ର କେନ୍ଦ୍ର ହୋଇଯାଉ । ଅତଏବ୍ ସ୍ୱର୍ଗତ ମହୋଦୟ ଏହି ଘରକୁ ଜମାଅତ୍‌କୁ ୱକଫ୍ ମଧ୍ୟ କରିଦେଲେ । ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ସ୍ୱର୍ଗତଙ୍କ ମଧ୍ୟରେ ଯେଉଁ ଅନନ୍ୟ ଗୁଣ ରହିଥିଲା ତାହା ଥିଲା ଅତିଥିମାନଙ୍କର ସେବା କରିବା ଏବଂ ଜମାଅତ୍ ପ୍ରତି ପୂର୍ଣ୍ଣ ଆଜ୍ଞାବହତ୍ୱ ପ୍ରକାଶ କରିବା ଓ ଉପସ୍ଥିତ ଖଲିଫାଙ୍କର ଖୁତ୍‌ବା ଶୁଣିବା । ଏହା ତାଙ୍କର ବିଶିଷ୍ଟ ଗୁଣ ରହିଥିଲା । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ସ୍ୱର୍ଗତଙ୍କର ପଦାଙ୍କ ଅନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଆମିନ୍ ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 12 ଜୁନ୍ 2026 ମସିହା, ପୃ-2-8)**

☆☆☆

## ସିରତୁଲ୍ ମେହଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

(41) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ବର୍ଣ୍ଣନା କରନ୍ତି ଯେ, ମାତାଶ୍ରୀ ମୋତେ କହିଲେ, "ହ. ମସିହ୍ ମଉଦ୍ ଅ.ସଙ୍କୁ ଆରମ୍ଭରୁ ହିଁ ମିର୍ଜା ଫଜଲ୍ ଅହମଦ ସାହେବଙ୍କ ମାତାଶ୍ରୀ ଯାହାଙ୍କୁ ଲୋକମାନେ ସାଧାରଣତଃ "ଫଜ୍ଜେ ଦି ମା" ବୋଲି କହୁଥିଲେ ତାଙ୍କ ସହିତ କୌଣସି ସଂପର୍କ ନଥିଲା । ଏହାର କାରଣ ଏହା ରହିଥିଲା ଯେ, ମିର୍ଜା ସାହେବଙ୍କ ସଂପର୍କୀୟମାନଙ୍କୁ ଧର୍ମ ଠାରୁ ଅତ୍ୟନ୍ତ ଅନାସକ୍ତ ଭାବ ରହିଥିଲା । ତେଣୁ ଫଜଲ୍ ଅହମଦ ସାହେବଙ୍କ ମାତାଶ୍ରୀ ଏହି ଆଡ଼କୁ ଅଧିକ ଆକୃଷ୍ଟ ଥିଲେ ଏବଂ ସେମାନଙ୍କ ସହିତ ଫଜଲ୍ ଅହମଦଙ୍କ ମାତାଶ୍ରୀଙ୍କ ସ୍ୱଭାବ ମେଳ ଖାଉଥିଲା । ସେ ଏମାନଙ୍କର ରଙ୍ଗରେ ରଙ୍ଗୀନ୍ ଥିଲେ । ତେଣୁ ହ. ମସିହ୍ ମଉଦ୍ ଅ.ସ ତାଙ୍କ ସହିତ ଶାରୀରୀକ ସଂପର୍କ ପରିତ୍ୟାଗ କରି ଦେଇଥିଲେ । କିନ୍ତୁ ଆପଣ ସ.ଅ ତାଙ୍କୁ ନିୟମିତ ଖର୍ଚ୍ଚ ବର୍ଚ୍ଚ ଦେଉଥିଲେ । ମାତାଶ୍ରୀ କହିଲେ, ମୋର ବିବାହ ପରେ ହ. ସାହେବ ତାଙ୍କୁ ଡକାଇ କହିଲେ, ଆଜି ପର୍ଯ୍ୟନ୍ତ ଯାହାକିଛି ହୋଇ ଆସୁଥିଲା ତାହା ହୋଇ ଆସୁଥିଲା । ବର୍ତ୍ତମାନ ମୁଁ ବିବାହ କରି ନେଇଛି । ତେଣୁ ବର୍ତ୍ତମାନ ଯଦି ଉଭୟ ପତ୍ନିଙ୍କ ମଧ୍ୟରେ ସମାନତା ବଜାୟ ନରଖିବି ତେବେ ମୁଁ ଦୋଷୀ ସାବ୍ୟସ୍ତ ହେବି । ତେଣୁ ବର୍ତ୍ତମାନ ଦୁଇଟି କଥା ରହିଛି । 1- ତୁମେ ମୋ ଠାରୁ ଛାଡ଼ପତ୍ର ନେଇନିଅ । ଅବା 2- ମୋର ଯେଉଁ ପତିବ୍ରତାର ଅଧିକାର ରହିଛି ତାହା ଛାଡ଼ିଦିଅ । ମୁଁ କିନ୍ତୁ ତୁମକୁ ତୁମର ଖର୍ଚ୍ଚ ବର୍ଚ୍ଚ ଦେଇ ଚାଲିବି । ସେ କହିଲେ, ମହୋଦୟ ! ବର୍ତ୍ତମାନ ମୁଁ ବୃଦ୍ଧା (ବୁଢୀ) ବୟସରେ ଛାଡ଼ପତ୍ର କ'ଣ ନେବି, ମୋତେ ବାସ୍ ଖର୍ଚ୍ଚ ସେହିପରି ମିଳୁଥାଉ, ମୁଁ ନିଜର ଅନ୍ୟ ଅଧିକାର ମଧ୍ୟ ପରିତ୍ୟାଗ କରି ଦେଉଛି । ମାତାଶ୍ରୀ କୁହନ୍ତି ସୁତରାଂ ଏହିପରି ହିଁ ହେଲା । ଏପର୍ଯ୍ୟନ୍ତକି ମୁହମ୍ମଦି ବେଗମ୍‌ର ପ୍ରଶ୍ନ ଯେତେବେଳେ ଉଠିଲା ଏବଂ ଆପଣଙ୍କ ସଂପର୍କୀୟମାନେ ବିରୋଧ କରି ମୁହମ୍ମଦି ବେଗମ୍‌ର ନିକାହ୍ ଅନ୍ୟତ୍ର କରାଇଦେଲେ ଏବଂ ଫଜଲ୍ ଅହମଦଙ୍କ ମାତାଶ୍ରୀ ସେହି ସଂପର୍କୀୟମାନଙ୍କ ସହିତ ନିଜର ସଂପର୍କକୁ ଛିନ୍ନ କଲେ ନାହିଁ ବରଂ ସେମାନଙ୍କ ସହିତ ହିଁ ରହିଲେ । ତେବେ ହ. ମସିହ୍ ମଉଦ୍ ଅ.ସ ତାଙ୍କୁ ତଲାକ୍ (ଛାଡ଼ପତ୍ର) ଦେଇଦେଲେ । ବିନୀତ କହି ଦେଉଛି ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଛାଡ଼ପତ୍ର ଦେବା ଆପଣ ଅ.ସଙ୍କ ସେହି ଇସ୍ତହାର ଅନୁଯାୟୀ ଥିଲା ଯେଉଁ ଇସ୍ତହାର ଆପଣ ଅ.ସ 1891 ମସିହା ମେ ମାସ 2 ତାରିଖ ଦିନ ପ୍ରକାଶିତ କରିଥିଲେ ଏବଂ ଯାହାର ମୁଖ୍ୟାଂଶ ଏହା ଥିଲା ଯେ, "**ଇସ୍ତହାରେ ନୁସ୍‌ରତ୍ ଦିନ୍ ଓ କତା ତାଆଲ୍ଲୁକ୍ ଅଜ୍ କାରିବ୍ ମୁଖାଲିଫେ ଦିନ୍**" । ଅର୍ଥାତ୍ ଉକ୍ତ ଇସ୍ତହାରରେ ଆପଣ ଅ.ସ ବର୍ଣ୍ଣନା କରିଥିଲେ ଯେ, ଯଦି ମିର୍ଜା ସୁଲତାନ୍ ଅହମଦ୍ ଏବଂ ତାଙ୍କର ମାତାଶ୍ରୀ ଉକ୍ତ ପ୍ରସଙ୍ଗରେ ନିଜର ବିରୋଧାତ୍ମକ ଉଦ୍ୟମରୁ କ୍ଷାନ୍ତ ଏବଂ ନିବୃତ୍ତ ନହୁଅନ୍ତି ତେବେ ଆପଣ ଅ.ସଙ୍କ ତରଫରୁ ମିର୍ଜା ସୁଲତାନ୍ ଅହମଦଙ୍କୁ ଉତ୍ତରାଧିକାରରୁ ବଞ୍ଚିତ କରାଯିବ ଏବଂ ତାଙ୍କ ମାଆଙ୍କୁ ଆପଣ ଅ.ସଙ୍କ ତରଫରୁ ଛାଡ଼ପତ୍ର ଦିଆଯିବ । ମାତାଶ୍ରୀ କହୁଥିଲେ ଯେ, ମିର୍ଜା ଫଜଲ୍ ଅହମଦ ସେତେବେଳେ ନିଜକୁ ଉତ୍ତରାଧିକାରୀରୁ ବଞ୍ଚିତ ହେବାରୁ ରକ୍ଷା (ବର୍ତ୍ତାଇ ନେଲେ) କରିନେଲେ । ସେହିପରି ମାତାଶ୍ରୀ କହିଲେ, ଉକ୍ତ ଘଟଣା ପରେ ଏକଦା ସୁଲତାନ୍ ଅହମଦ ସାହେବଙ୍କ ମାତାଶ୍ରୀ ଯେତେବେଳେ ଅସୁସ୍ଥ ହେଲେ ସେତେବେଳେ ଯେହେତୁ ମୋତେ (ମାତାଶ୍ରୀ ନୁସ୍‌ରତ୍ ଯାହାଁ ବେଗମ୍ ସାହେବା) ମସିହ୍ ମଉଦ୍ ଅ.ସଙ୍କ ପକ୍ଷରୁ ଅନୁମତି ଥିଲା । ତେଣୁ ମୁଁ ତାଙ୍କୁ ଦେଖିବା ନିମନ୍ତେ ଗଲି । ଘରକୁ ଫେରିବା ପରେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସମ୍ମୁଖରେ ଉକ୍ତ କଥାର ଚର୍ଚ୍ଚା କଲି ଯେ, ହେ ସ୍ୱାମୀ ମହୋଦୟ ! ଫଜ୍ଜେ କି ମାଁ ଅସୁସ୍ଥ ଅଛନ୍ତି ଏବଂ ଅମକ ସମସ୍ୟା ରହିଛି ତାଙ୍କୁ । ଆପଣ ଅ.ସ ନିରବ ରହିଲେ। ମୁଁ ଦ୍ୱିତୀୟ ଥର ଯେତେବେଳେ କହିଲି, ସେତେବେଳେ ଆପଣ ଅ.ସ କହିଲେ, ହେ ପତ୍ନୀ ମହୋଦୟା ! ମୁଁ ଆପଣ ଅ.ସଙ୍କୁ ଦୁଇଟି ବଟିକା ଦେଇ ଦେଉଛି । ଆପଣ ଏହି ବଟିକା ତାଙ୍କୁ ଦେଇ ଆସନ୍ତୁ । କିନ୍ତୁ ଆପଣ ନିଜ ତରଫରୁ ଏହି ବଟିକା ଦେବେ ମୋ ନାଁ ଧରିବେ ନାହିଁ । ମାତାଶ୍ରୀ କହୁଥିଲେ ଯେ, ଆହୁରି ଅନେକ ସମୟରେ ହ. ସାହେବ ଇଙ୍ଗିତ କ୍ରମେ ଏବଂ ପରୋକ୍ଷ ରୂପେ ମୋ ଆଗରେ ପରିପ୍ରକାଶ କଲେ ଯେ, ମୁଁ ଏପରି ପନ୍ଥା ଅବଲମ୍ବନ କରିବି ଯେ, ଏହା ଦ୍ୱାରା ହ. ମସିହ୍ ମଉଦ୍ ଅ.ସଙ୍କ ନାମ ଯେପରି ମଝିରେ ନଆସୁ ଓ ମୁଁ ନିଜ ତରଫରୁ କେବେ କେବେ କିଛି ତାଙ୍କୁ ସାହାଯ୍ୟ କରିଦେବି । ଅତଏବ୍ ମୁଁ ଫଜଲ୍ ଅହମଦ ସାହେବଙ୍କ ମାତାଶ୍ରୀଙ୍କୁ କିଛି ସାହାଯ୍ୟ କରି ଦେଉଥିଲି।"

**(ଅବଶିଷ୍ଟାଂଶ.......ପରବର୍ତ୍ତୀ ସଂଖ୍ୟାରେ)**

## ସିରତ୍ ଖାତମୁନ୍ ନବୀୟିନ୍ ସ.ଅ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

**ପ୍ରାରମ୍ଭିକ ଜୀବନ:**

**ପବିତ୍ର ଜନ୍ମ:** ଆମିନାଙ୍କ ଆଲୋକର ପ୍ରାଦୁର୍ଭୂତ ହେବାର **(ଅବଶିଷ୍ଟାଂଶ..ପୃ-16ରେ)**

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ ମସିହ୍ ମଉଦ[ଅ.ସ]ର ଅବଶିଷ୍ଟାଂଶ...

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ମନୁଷ୍ୟର ଜନ୍ମରେ (ସୃଷ୍ଟିରେ) ଦୁଇ ପ୍ରକାରର ସୌନ୍ଦର୍ଯ୍ୟ ନିହିତ ରହିଛି । 1- ମନୁଷ୍ୟ ଈଶ୍ୱରଙ୍କ ସମସ୍ତ ଅମାନତ୍ (ନ୍ୟାସରକ୍ଷାକାରୀତ୍ୱ)ର କର୍ତ୍ତବ୍ୟ ନିର୍ବାହ (ସମ୍ପାଦନ) କରିବାରେ ଏହି ରିହାତି ରଖୁ ଯେ, ଈଶ୍ୱରଙ୍କ ଅମାନତ୍ ଏବଂ ଲୋକମାନଙ୍କର କର୍ତ୍ତବ୍ୟ ସମ୍ପାଦନର କୌଣସି ପ୍ରସଙ୍ଗକୁ ଯେପରି ସେ ଭୁଲି ନଯାଉ । ଯେପରିକି ଅଲ୍ଲାଃତାଲାଙ୍କ ବାଣୀରେ رَاعُوۡنَ ଶବ୍ଦରେ ଏହି ଆଡ଼କୁ ଇଙ୍ଗିତ ରହିଛି । 2- ଠିକ୍ ସେହିପରି ଏହା ମଧ୍ୟ ଅନିର୍ବାର୍ଯ୍ୟ ଯେ, ମନୁଷ୍ୟ ପ୍ରାଣୀମାନଙ୍କର (ଅର୍ଥାତ୍ ଲୋକମାନଙ୍କର) ଅମାନତ୍ ତଥା ଅଙ୍ଗୀକାର ସଂପର୍କରେ ଏହା ମନେରଖୁ ଯେ, ଅଲ୍ଲାଃତାଲାଙ୍କର ଅଧିକାର ଓ ତାହାଙ୍କ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବାରେ ବ୍ୟକ୍ତି ଧର୍ମପରାୟଣତାକୁ ବିନିଯୋଗ କରୁ । ଏହା ହେଉଛି ସୌନ୍ଦର୍ଯ୍ୟାତ୍ମକ ପ୍ରସଙ୍ଗ ଅବା ଏହା କୁହ ଯେ, ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ।"

**(ଜମିମା ବରାହିନେ ଅହମଦିୟା, ଭାଗ-5, ପୃ-218)**

☆☆☆

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ ମୁସ୍‌ଲେହ୍ ମଉଦ[ର.ଅ]ର ଅବଶିଷ୍ଟାଂଶ...

ହେଉଛି ଅନ୍ୟ ପାଖରେ ଅମାନତ (ନ୍ୟାସ) ରଖିବା । ତୁମେମାନେ କେବଳ ଋଣ ପ୍ରସଙ୍ଗରେ ଧର୍ମପରାୟଣତା ଅବଲମ୍ବନ କର ନାହିଁ ବରଂ ଅମାନତ୍ ପ୍ରସଙ୍ଗରେ ମଧ୍ୟ ଅଲ୍ଲାଃତାଲାଙ୍କ ଧର୍ମପରାୟଣତାକୁ ଅବଲମ୍ବନ କରିବା ଉଚିତ୍ । ଏପରି ନ ହେଉ ଯେ, ଅମାନତ୍ ଗ୍ରହଣକାରୀ ଆସିବା ଏବଂ ତୁମେ ତାକୁ ତା'ର ଅମାନତ୍ ବା ଜିନିଷ ଫେରାଇବା ସମୟରେ ଟାଳଟୁଳ ନୀତି ଅବଲମ୍ବନ କରିବ ।"

**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-2, ପୃ-648-649)**

☆☆☆

## ପୃ-02 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ସକାଶେ ନିର୍ଦ୍ଦିଷ୍ଟ (ଧାର୍ଯ୍ୟ) କରିଦେବି ? ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ, ଯେତେ ଇଚ୍ଛା ସେତେ ସ୍ଥିର (ଧାର୍ଯ୍ୟ) କରିନିଅ । ମୁଁ କହିଲି ଏକ ଚତୁର୍ଥାଂଶ ଧାର୍ଯ୍ୟ କରିବି କି? ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ, ଯେତେ ଇଚ୍ଛା ସେତେ ସ୍ଥିର (ଧାର୍ଯ୍ୟ) କରିନିଅ। କିନ୍ତୁ ଯଦି ପାରୁଛ ତେବେ ଏହାଠୁ ବି ଅଧିକ ଧାର୍ଯ୍ୟ କରିନିଅ । କାରଣ ଏହା ତୁମ ସକାଶେ ସର୍ବୋତ୍ତମ ହେବ । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଅଧା ଧାର୍ଯ୍ୟ କରିନେବି ? ଦୁଇ ତୃତୀୟାଂଶ ଧାର୍ଯ୍ୟ କରିନେବି ? ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ, ଯେତେ ଇଚ୍ଛା ସେତେ ଧାର୍ଯ୍ୟ କରିନିଅ । କିନ୍ତୁ ଯଦି ପାରୁଛ ତେବେ ଏହାଠୁ ବି ଅଧିକ ଧାର୍ଯ୍ୟ କରିନିଅ । କାରଣ ଏହା **(ଅବଶିଷ୍ଟାଂଶ........ପୃ-16ରେ)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ କୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

(ଖୁତ୍‌ବା ଜୁମା)

**ଆଁହଜରତ୍ ସ.ଅଙ୍କ ଦାସତ୍ୱରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିନୀତତା ଓ ବିନମ୍ରତା ସଂପର୍କିତ ଘଟଣାବଳୀର ହୃଦୟାକର୍ଷିତ ଓ ମନମୁଗ୍ଧକର ଚର୍ଚ୍ଚା । ସେହିପରି ନିଜ ଜମାଅତର ସଦସ୍ୟବୃନ୍ଦଙ୍କୁ ବିନୀତତା ଏବଂ ବିନମ୍ରତା ଅବଲମ୍ବନ କରିବା ନିମନ୍ତେ ହ. ମସିହ୍ ମଉଦ୍ ଅ.ସଙ୍କ ଆହ୍ୱାନ ।**

**ଖୁତ୍‌ବା ଜୁମା 29 May 2026 ମସିହା ଅନୁଯାୟୀ ୨୯ ହିଜରତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ନିଜର ପ୍ରିୟ ମୁନିବ ତଥା ମହାମାନ୍ୟ ହ. ମୁହମ୍ମଦ୍ ସ.ଅଙ୍କ ଶିକ୍ଷା ଏବଂ ସୁନ୍ନତ (ଆଁହଜରତ୍ ସ.ଅଙ୍କ ଦ୍ୱାରା ଅନୁସୃତ ପ୍ରଥା ଏବଂ ରୀତି) ଅନୁଯାୟୀ ଆପଣ ସ.ଅଙ୍କ ସତ୍ୟବାଦୀ ଦାସଙ୍କ ବିନୀତତା ଓ ବିନମ୍ରତାର ଘଟଣାବଳୀ ଏବଂ ନିଜର ଜମାଅତ୍‌କୁ ବିନୀତତା ଓ ବିନମ୍ରତା ଅବଲମ୍ବନ କରିବା ନିମନ୍ତେ ପ୍ରଦାନ କରାଯାଇଥିବା ଉପଦେଶ ସଂପର୍କରେ ମୁଁ ଆଜିର ଖୁତ୍‌ବାରେ କିଛି କହିବି ।

ହୁଜୁର୍ ଅନୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି; "ଆପଣ ଅ.ସଙ୍କ ବିନୀତତାର ସର୍ବୋଚ୍ଚ ସ୍ତରକୁ ଦେଖି ସ୍ୱୟଂ ଅଲ୍ଲାଃତାଲା ଆପଣ ଅ.ଙ୍କୁ ଐଶୀବାଣୀ କରି ଏହି ସନନ୍ଦ (ପ୍ରମାଣପତ୍ର) ପ୍ରଦାନ କରିଥିଲେ ଯେ, **"ହେ ପ୍ରତିଶୃତ ମସିହ୍ ! ତୁମ୍ଭର ବିନୀତତାମୂଳକ ମାର୍ଗ ମୋତେ ପସନ୍ଦ ଆସିଲା"**।"

**(ତଜ୍‌କିରାହ୍, ପୃ-675, ସଂସ୍କରଣ ବର୍ଷ-2023 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥାନରେ କୁହନ୍ତି: "ଏହି ବିନୀତ ସମ୍ମୁଖରେ ଏହା ପରିପ୍ରକାଶ କରାଯାଇଛି ଯେ, ଏହି ବିନୀତ ନିଜର ଦାରିଦ୍ର୍ୟତା, ବିନୀତତା, ଈଶ୍ୱର ବିଶ୍ୱାସ, ତ୍ୟାଗ, ବଳିଦାନ, ନିଦର୍ଶନ ଓ ଅଲୋକ ଅନୁଯାୟୀ ପୂର୍ବ ମସିହ୍ ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ପୂର୍ବ ଜୀବନର ଆଦର୍ଶ ଅଟେ। ଏହି ବିନୀତର ସ୍ୱଭାବ ଓ ଯୀଶୁ ଖ୍ରୀଷ୍ଟଙ୍କ ସ୍ୱଭାବ ପାରସ୍ପରିକ ରୂପେ ସାମଞ୍ଜସ୍ୟତା ରହିଛି। ଅର୍ଥାତ୍ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଅଟନ୍ତି କିମ୍ବା ଗୋଟିଏ ବୃକ୍ଷର ଦୁଇଟି ଫଳ ଅଟନ୍ତି । ଅର୍ଥାତ୍ ଗୋଟିଏ ପ୍ରକାରର ଅଟନ୍ତି । କାରଣ ସ୍ୱପ୍ନ ଦୃଷ୍ଟିରେ ଅତ୍ୟନ୍ତ ସୂକ୍ଷ୍ମ ପାର୍ଥକ୍ୟ ରହିଛି ଏବଂ ସେହିପରି ପ୍ରକାଶ୍ୟ ରୂପେ ମଧ୍ୟ ଏକ ସାମଞ୍ଜସ୍ୟତା ରହିଛି । ତାହା ଏହିକି ଯେ, ହ. ଇସା ଅ.ସ ଏକ ପୂର୍ଣ୍ଣାବତାର ତଥା ମହାନ୍ ଅବତାର ହ. ମୁସା ଅ.ସଙ୍କର ଅନୁଗାମୀ ତଥା ଆଜ୍ଞାବହତ୍ୱ ଓ ଧର୍ମସେବକ ଥିଲେ । ତାହାଙ୍କ ଅର୍ଥାତ୍ ହ. ମୁସା ଅ.ସଙ୍କ ଇଞ୍ଜିଲ୍ ତଥା ତୌରାତ୍‌ର ପ୍ରଚାରକ ଓ ପ୍ରସାରକ ଥିଲେ । ସେହିପରି ଏହି ବିନୀତ୍ (ପ୍ରତିଶୃତ ମସିହ୍ ମଉଦ୍ ଅ.ସ) ମଧ୍ୟ ସେହି ମହାବତାର ହ. ମୁହମ୍ମଦ ସ.ଅଙ୍କ ତୁଚ୍ଛ ଦାସମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ । କାରଣ ଏହି ଦାସର ମହାବତାର ଓ ମହାମହିମ ହ. ମୁହମ୍ମଦ୍ ସ.ଅ ସକଳାବତାରଙ୍କ ଅଧିପତି ଓ ସକଳାବତାରଙ୍କ ମୁକୁଟ (ଶିରୋମଣି) ଅଟନ୍ତି ।" **(ବରାହିନେ ଅହମଦିୟା, ଗ୍ରନ୍ଥଖଣ୍ଡ-4, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃ-593-594, ଅବଶିଷ୍ଟାଂଶ ବି.ଦ୍ରର ବି.ଦ୍ର ସଂଖ୍ୟା-3)**

ହୁଜୁର୍ ଅନୱର୍ ଅ.ବ କହିଲେ, ଏକଦା ଜଣେ ବ୍ୟକ୍ତି ହୁଜୁର ଅ.ସଙ୍କ ସେବାରେ କହିଲା, "ହୁଜୁର୍ ! ହକିକତୁଲ୍ ୱହି ପୁସ୍ତକ ଲେଖିବାରେ ଏବଂ ପ୍ରୁଫ୍ ରିଡ଼ିଂ ବାରମ୍ବାର ପାଠ କରିବାରେ ଆପଣ ବହୁତ ପରିଶ୍ରମ କରିଥିବେ । ତେଣୁ ଏହି କାରଣରୁ ଆପଣ ଅ.ସଙ୍କର ବାରମ୍ବାର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଉଥିଲା ଏବଂ ଆପଣ ଅ.ସ ଅସୁସ୍ଥ ହୋଇ ପଡୁଥିଲେ । ହୁଜୁର୍ ! ବର୍ତ୍ତମାନ ଆପଣ ସଂପୂର୍ଣ୍ଣ ରୂପେ ବିଶ୍ରାମ କରନ୍ତୁ ଏବଂ ଲେଖା ପଢ଼ା କାମକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ (ଛାଡ଼ି ଦିଅନ୍ତୁ) କରି ଦିଅନ୍ତୁ । ପ୍ରତ୍ୟୁତ୍ତରରେ ହୁଜୁର ଅ.ସ କହିଲେ, ମୁଁ କ'ଣଟା ପରିଶ୍ରମ କରିଛି ? ଯେତେବେଳେ ମୁଁ ସାହାବା ର.ଅଙ୍କ ପରିଶ୍ରମକୁ ଦେଖେ ସେତେବେଳେ ମୋତେ ତ' ଲାଜ ଲାଗେ। ଅର୍ଥାତ୍ ସେହି ସାହାବାମାନେ କିଭଳି ପ୍ରସନ୍ନତାର ସହିତ ନିଜର ମୁଣ୍ଡକୁ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିଦେଲେ । ଅର୍ଥାତ୍ ନିଜର ପ୍ରାଣକୁ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିଦେଲେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-182, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ସ୍ୱଳ୍ପ ବୋଧଶକ୍ତିର ଅଧିକାରୀ ଥିବା ବ୍ୟକ୍ତିମାନେ ମୋ ଉପରେ ଏହି ଆପତ୍ତି କରନ୍ତି ଯେ, ମୁଁ ନିଜର ସ୍ତରରେ ସୀମାତିକ୍ରମ କରିଛି । ଅର୍ଥାତ୍ ଆପଣ ଅ.ସ ନିଜର ସ୍ତରକୁ ବଢ଼େଇ ଚଢ଼େଇ ଉପସ୍ଥାପିତ କରିଛନ୍ତି । ଅତଏବ୍ ଆପଣ ଅ.ସ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋର ସ୍ୱଭାବରେ ହିଁ ଉକ୍ତ କଥା ନାହିଁ ଯେ, ମୁଁ ନିଜେ କୌଣସି ପ୍ରଶଂସାର ଅଭିଳାଷୀ ଅଟେ ଏବଂ ନିଜର ମର୍ଯ୍ୟାଦା ପରିପ୍ରକାଶ କରିବାର ଅଭିଳାଷୀ ଅଟେ । ମୁଁ ତ' ସର୍ବଦା ବିନୀତତା ଏବଂ ଅଜ୍ଞାତାବସ୍ଥା ଜୀବନ ଯାପନ କରିବାକୁ ପସନ୍ଦ କରି ଆସୁଥିଲି । କିନ୍ତୁ ଏହା ମୋ ଆୟତ୍ତ ଏବଂ ମୋର ଶକ୍ତି ବହିର୍ଭୂତ ଥିଲା ଯେ, ଈଶ୍ୱର ମୋତେ ସ୍ୱୟଂ ବାହାରକୁ କାଢ଼ିଲେ । ଈଶ୍ୱର ଯେଭଳି ଭାବରେ ମୋର ପ୍ରଶଂସା ଏବଂ ମର୍ଯ୍ୟାଦା ତଥା ପ୍ରତିଷ୍ଠାର ପରିପ୍ରକାଶ ନିଜର ପବିତ୍ର ବାଣୀରେ କରିଛନ୍ତି ସେହି ବାଣୀ ମୋ ଉପରେ ଅବତୀର୍ଣ୍ଣ କରା ଯାଇଛି । ଆପଣ ଅ.ସ କହିଲେ, ଏହି ସମସ୍ତ ପ୍ରଶଂସା ଏବଂ ମର୍ଯ୍ୟାଦା ଆଁହଜରତ୍ ସ.ଅଙ୍କର ହିଁ ଅଟେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-114, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ନବାଗତ ମୁସଲମାନମାନଙ୍କୁ ମଧ୍ୟ ଆପଣ ଅ.ସ ଇସ୍‌ଲାମ୍ ଧର୍ମର ବିନୀତତା ଏବଂ ସରଳତାର ଶିକ୍ଷା ସଂପର୍କରେ ଉପଦେଶ ଦେଇଛନ୍ତି। ସୁତରାଂ ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, 1903 ମସିହା ଅକ୍ଟୋବର ମାସ 22 ତାରିଖ ଦିନ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଜଣେ ଅଷ୍ଟ୍ରେଲିୟାର ନବ ମୁସଲମାନ ବ୍ୟକ୍ତି ଯାହାଙ୍କ ନାମ ମୁହମ୍ମଦ୍ ଅବଦୁଲ୍ ହକ୍ ଥିଲା ସେ ଆସିଲେ । କଥାବାର୍ତ୍ତା ସମୟରେ ହ. ମସିହ୍ ମଉଦ୍ ଅ.ସ ସେହି ବ୍ୟକ୍ତିଙ୍କୁ କହିଲେ: "ମହୋଦୟ ! ମୋର ନୈତିକତା ମଧ୍ୟରେ ଗୋଟିଏ ନୈତିକତା ଏହା ମଧ୍ୟ ରହିଛି ଯେ, ମୁଁ ଏକ ସରଳ ଜୀବନ ଯାପନ କରିଥାଏ । ସେହି ସମସ୍ତ ଆଡ଼ମ୍ବରତା ଯାହା ଆଜିକାଲି ଇଉରୋପ ନିଜ ଜୀବନରେ ପ୍ରବିଷ୍ଟ କରି ନେଇଛନ୍ତି ତହିଁରୁ ମୋର ସଭା ସଂପୂର୍ଣ୍ଣ ରୂପେ ପବିତ୍ର ଅଟେ । ମୁଁ ପ୍ରଥା ଏବଂ ଅଭ୍ୟାସର ନିୟମାନୁବର୍ତ୍ତୀ ନୁହେଁ । ଯେପର୍ଯ୍ୟନ୍ତ ପ୍ରତ୍ୟେକ ଅଭ୍ୟାସ ଏବଂ ପ୍ରଥାକୁ ଅବଲମ୍ବନ କରିବା ଦ୍ୱାରା କୌଣସି କଷ୍ଟ ଏବଂ ପାପର ସମ୍ଭାବନା ଥାଏ ସେପର୍ଯ୍ୟନ୍ତ ମୁଁ ପ୍ରତ୍ୟେକ ଅଭ୍ୟାସକୁ ପରିତ୍ୟାଗ କରିବାକୁ ଶ୍ରେୟସ୍କର ବୋଲି ମନେକରିବି । ଅର୍ଥାତ୍ ଯେଉଁ ପ୍ରଥା ଓ ଅଭ୍ୟାସକୁ ଅବଲମ୍ବନ କରିବା ଦ୍ୱାରା କୌଣସି କଷ୍ଟ କିମ୍ବା କୌଣସି କ୍ଷତି ହୋଇ ନଥାଏ ସେହି ପ୍ରଥାକୁ ଅବଲମ୍ବନ କରିବାକୁ ମୁଁ ଅଧିକ ଶ୍ରେୟସ୍କର ବୋଲି ମେନେକରିବି । ଅନ୍ୟ ପ୍ରସଙ୍ଗ ଯଥା ଖାଦ୍ୟ, ପେୟ, ଉଠିବା ଓ ବସିବାରେ ମୁଁ ସରଳ ଜୀବନକୁ ଅଧିକ ପସନ୍ଦ କରିଥାଏ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-298-299, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଏ ହେଉଛି ବିନୀତତା ଏବଂ ବିନମ୍ରତାର ସର୍ବୋଚ୍ଚ ସ୍ତର ଯାହା ଆପଣ ସ.ଅ ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମଧ୍ୟରେ ସୃଷ୍ଟି କରିବାକୁ ଚାହୁଁଥିଲେ । ସୁତରାଂ ଏକ ସ୍ଥାନରେ ଆପଣ ଅ. କୁହନ୍ତି: "ଆମମାନଙ୍କୁ ବିନୀତତା ଅବଲମ୍ବନ କରିବା ଉଚିତ୍ । କାରଣ ବିନୀତତା ଅବଲମ୍ବନ କରିବା କୌଣସି କଷ୍ଟକର କାର୍ଯ୍ୟ ନୁହେଁ । ବିନୀତତା କିପରି ଶିଖି ପାରିବା ? ମନୁଷ୍ୟ ଏକ ବିନୀତ ପ୍ରାଣୀ ଅଟେ ଏବଂ ସେ ବିନୀତତା ନିମନ୍ତେ ହିଁ ସୃଷ୍ଟି ହୋଇଛି ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି مَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُوْنِ......ଅର୍ଥାତ୍ ଆମ୍ଭେ ଜିନ୍ ଓ ଇନ୍‌ସ୍‌କୁ କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁ । ଗର୍ବ ଓ ଅହଂକାର ଇତ୍ୟାଦି ପ୍ରସଙ୍ଗ କୃତ୍ରିମ ପ୍ରସଙ୍ଗ ଅଟନ୍ତି । ତେଣୁ ମନୁଷ୍ୟ ଯଦି ସେହି ଗର୍ବ ଓ ଅହଂକାରର ବସ୍ତ୍ରକୁ ଓହ୍ଲାଇ ଦିଏ ତେବେ ତା'ର ସ୍ୱଭାବ ମଧ୍ୟରେ ବିନୀତତା ଦୃଶ୍ୟମାନ ହେବ ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-38, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଅତଏବ୍ ଏ ହେଉଛି ସେହି ନୀତି ଓ ନୈତିକତା ଯାହାକୁ ଅବଲମ୍ବନ କରିବା ଦ୍ୱାରା ଆମେମାନେ ଅଲ୍ଲାଃତାଲାଙ୍କ ସାମୀପ୍ୟତା ଓ ସାନ୍ନିଧ୍ୟତାକୁ ପ୍ରାପ୍ତ କରିପାରିବା । ବିନୀତତା ଅବଲମ୍ବନ କରିବା ସଂପର୍କରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁପ୍ରାଣିତ କରି ଆପଣ ଅ.ସ ଏକ ସ୍ଥାନରେ କୁହନ୍ତି: "ଯେଉଁ ଲୋକମାନେ ନିଜକୁ ସର୍ବାଧିକ ତିରସ୍କୃତ ଓ ସର୍ବାଧିକ ହୀନ ଓ ହେୟ ମନେକରନ୍ତି ସେହିମାନେ ହିଁ ପବିତ୍ର ଅଟନ୍ତି । ସେହିପରି ଯେଉଁମାନେ ଅଭାବି ଏବଂ ଦରିଦ୍ର ବ୍ୟକ୍ତିମାନଙ୍କୁ ସମ୍ମାନ ଜଣାନ୍ତି ଏବଂ ବିନୀତମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶ କରନ୍ତି ସେହିମାନେ ହିଁ ପବିତ୍ର ବ୍ୟକ୍ତି ଅଟନ୍ତି। ଯେଉଁମାନେ କେବେ ବି ଉପଦ୍ରବ ଏବଂ ଅହଂକାର ଯୋଗୁଁ ଅନ୍ୟ ବ୍ୟକ୍ତିଙ୍କୁ ଉପହାସ କରନ୍ତି ନାହିଁ ସେହିମାନେ ହିଁ ପବିତ୍ର ବ୍ୟକ୍ତି ଅଟନ୍ତି । ଯେଉଁମାନେ ନିଜର ପାଳନକର୍ତ୍ତାଙ୍କୁ ସ୍ମରଣ ରଖନ୍ତି ଏବଂ ଭୂମି ଉପରେ ବିନୀତତାର ସହିତ ଚାଲନ୍ତି ସେହିମାନେ ହିଁ ପବିତ୍ର ଅଟନ୍ତି । ତେଣୁ ମୁଁ ବାରମ୍ବାର କହୁଛି ଯେ, ଏହିପରି ଲୋକମାନଙ୍କ ନିମନ୍ତେ ମୋକ୍ଷ (ମୁକ୍ତି) ପ୍ରସ୍ତୁତ କରାଯାଇଛି । ଯେଉଁ ବ୍ୟକ୍ତି ଇହକାଳରେ ଉପଦ୍ରବ, ଅହଂକାର, ସ୍ୱାର୍ଥପର ହୋଇ, ସାଂସାରିକ ମୋହ ମାୟା, ଲୋଭ ଏବଂ କୁକର୍ମ ଠାରୁ ବାହାରୁ ନାହିଁ ସେହି ବ୍ୟକ୍ତି ପରକାଳରେ ମଧ୍ୟ କେବେ ବି ବାହାରି ପାରିବ ନାହିଁ । ଅର୍ଥାତ୍ ଇହକାଳର ପୁଣ୍ୟର ଯେଉଁ କର୍ମ ଥିବ ତାହା ପରକାଳରେ ମଧ୍ୟ କାମ ଦେବ । ମୁଁ କ'ଣ କରିବି ଏବଂ କେଉଁଠୁ ଏପରି ଶବ୍ଦ ଆଣିବି ଯାହା ଏହି ଗୋଷ୍ଠୀର ଲୋକମାନଙ୍କ ହୃଦୟରେ ପ୍ରଭାବଶାଳୀ ସାବ୍ୟସ୍ତ ହେବ । ଅର୍ଥାତ୍ ମୋତେ ମାନୁଥିବା ବ୍ୟକ୍ତିମାନେ (ମୋର ଅନୁଗାମୀମାନଙ୍କ ଉପରେ ପ୍ରଭାବ ପଡ଼ିବ) । ହେ ଈଶ୍ୱର ! ତୁମ୍ଭେ ମୋତେ ଏପରି ଶବ୍ଦ ପ୍ରଦାନ କର ଏବଂ ଏପରି ବାଣୀ ମୋ ଉପରେ ଐଶୀବାଣୀ କର ଯେଉଁ ବାଣୀ ସେମାନଙ୍କ ହୃଦୟ ଉପରେ ଆଲୋକପାତ କରିବେ ଏବଂ ନିଜର ପ୍ରତିଷେଧକ (ବିଷନାଶକ) ବିଶେଷତା ମାଧ୍ୟମରେ ସେମାନଙ୍କର ବିଷକୁ ଦୂର କରିଦେବ । ମୋର ପ୍ରାଣ ଉକ୍ତ ସ୍ପୃହା ଦ୍ୱାରା ଉତ୍କଣ୍ଠିତ ଓ ବ୍ୟାକୁଳିତ ହେଉଅଛି । କାରଣ ସେହି ଦିନ ମଧ୍ୟ ଆସୁ ଯେବେ ମୁଁ ନିଜ ଜମାଅତ୍‌ରେ ଏପରି ଲୋକମାନଙ୍କୁ ମଧ୍ୟ ଦେଖିବି ଯେଉଁମାନେ ବାସ୍ତବରେ ମିଛ କହିବା

ଛାଡ଼ି ଦେଇଛନ୍ତି ଏବଂ ଏକ ପ୍ରକୃତ ଅଙ୍ଗୀକାର ନିଜର ଈଶ୍ୱରଙ୍କ ସହିତ କରି ନେଇଛନ୍ତି। ସେହିମାନେ ହିଁ ପ୍ରତ୍ୟେକ ପ୍ରକାରର ଉପଦ୍ରବ ଠାରୁ ନିଜକୁ ରକ୍ଷା କରିବେ ଓ ନିବୃତ୍ତ ରଖିବେ । ଯେଉଁମାନେ ସମସ୍ତ ଉପଦ୍ରବ ଠାରୁ ନିଜକୁ ନିବୃତ୍ତ ରଖିବେ ସେହିମାନେ ହିଁ ଅହଂକାର ଠାରୁ ବର୍ତ୍ତି ପାରିବେ ଓ ନିଜର ପାଳନକର୍ତ୍ତାଙ୍କୁ ଡରିବେ । ଅହଂକାର ହିଁ ସମସ୍ତ ଉପଦ୍ରବର ମୂଳ ଅଟେ ।" **(ଶାହାଦତୁଲ୍ କୁରଆନ୍, ଗ୍ରନ୍ଥଖଣ୍ଡ-6, ପୃ-398)**

ହୁଜୁର୍ ଅ.ବ କହିଲେ, ବେଳେବେଳେ ଲୋକମାନଙ୍କୁ ଜଲ୍‌ସା ଦିନମାନଙ୍କରେ ଅବା ଯେତେବେଳେ କୌଣସି ଫଙ୍କ୍‌ସନ୍ ହୋଇଥାଏ ସେତେବେଳେ ବିଶେଷ କରି ଆଗ ଧାଡ଼ିରେ ପଡ଼ିଥିବା ଚୌକି ଉପରେ ବସିବା ନିମନ୍ତେ ଇଚ୍ଛା ହୋଇଥାଏ । ପ୍ରାୟତଃ ଜଲ୍‌ସା ଦିନମାନଙ୍କରେ ବେଳେବେଳେ ଗ୍ରୀନ୍ ଏରିୟା କିମ୍ବା ଏପରି ଅଞ୍ଚଳ ରହିଛି ଯେଉଁଠି ବିଶେଷ ରୂପେ ଆଗରେ ବସିବା ନିମନ୍ତେ ଏବଂ ଉପସ୍ଥିତ ଖଲିଫାଙ୍କୁ ଦେଖିବା ଓ ଶୁଣିବା ନିମନ୍ତେ ବିଶେଷ ଇଚ୍ଛା ପ୍ରକାଶ କରାଯାଇଥାଏ । ତେଣୁ ଏକଥା ଠିକ୍ ଅଟେ। କିନ୍ତୁ ବେଳେବେଳେ ତହିଁରେ ଅହଂଭାବ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ଯାଇଥାଏ । ତେଣୁ ଏପରି ହେବା ଅନୁଚିତ ଅଟେ । କାରଣ ଏହା ଦ୍ୱାରା ଆୟୋଜକମାନଙ୍କ ନିମନ୍ତେ ସମସ୍ୟା ଉତ୍ପନ୍ନ ହୋଇଥାଏ । ସେ ଯାହା ହେଉ ଏପରି ଇଚ୍ଛା ପ୍ରକାଶକାରୀମାନଙ୍କୁ ଉପଦେଶ ଦେଇ ଆପଣ ଅ.ସ କୁହନ୍ତି: "ମନୁଷ୍ୟ ପକ୍ଷେ ଏହା ଉଚିତ୍ ହେବ ଯେ, ଯେତେବେଳେ ସେ କୌଣସି ସ୍ଥାନକୁ ଯାଏ ସେତେବେଳେ ସେ ସବୁଠୁ ନିମ୍ନ (ତଳୁଆ) ସ୍ଥାନ ନିଜ ନିମନ୍ତେ ସ୍ଥିର କରୁ (ବାଛୁ) । ଯଦି ସେ ଅନ୍ୟ କୌଣସି ସ୍ଥାନ ନିମନ୍ତେ ଯୋଗ୍ୟ ହେବ ତେବେ ଅତିଥି ସତ୍କାରକ ବା ଆୟୋଜକ ନିଜେ ତାକୁ ଡକାଇ ବସିବା ନିମନ୍ତେ ସ୍ଥାନ ଦେବ ଓ ତା'ର ସମ୍ମାନ କରିବ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-93, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯଦି ଆଗରେ ବସାଇରବାର ଅଛି ତେବେ ଠିକ୍ ଅଛି) । ଏହା ଏକ ଶୃଙ୍ଖଳିତ ବ୍ୟବସ୍ଥା ଅଟେ ଯାହା ଲୋକମାନଙ୍କୁ ପୂର୍ବରୁ କହି ଦେଇଥାଏ ଯେ, ଯେଉଁମାନେ ଆଗ ଧାଡ଼ିରେ ବସିବାକୁ ଇଚ୍ଛୁକ ଅଟନ୍ତି ସେମାନେ ନିଜର ଆବେଦନ ଆୟୋଜକଙ୍କୁ ଦେଇ ଦିଅନ୍ତୁ । ଆୟୋଜକ ସେମାନଙ୍କର ନିମନ୍ତେ ବ୍ୟବସ୍ଥା କରିବ । ଯଦି ଜମାଅତ୍ ସେମାନଙ୍କ ଆବେଦନ ଉପରେ ବିଚାର କଲା ନାହିଁ ଅବା କେତେକ ଅସୁବିଧା ଏବଂ ବାଧ ବାଧକତା ଯୋଗୁଁ ମନା କରିଦେଲା ଅର୍ଥାତ୍ ଆବେଦନ ଅସ୍ୱୀକାର କରିଦେଲା ତେବେ ଆପତ୍ତି ନକରି, ମନରେ ମାନ ଅଭିମାନ ଓ ଅଭିଯୋଗ ନକରି ଆୟୋଜକଙ୍କ କଥାକୁ ସ୍ୱୀକାର କରିନେବା ଉଚିତ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଐଶୀପ୍ରେମ ପ୍ରାପ୍ତ କରିବା ସକାଶେ ମଧ୍ୟ ବିନୀତତାର ଆବଶ୍ୟକତା ରହିଛି । ଏଥି ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: "ଯେପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଦୁଇଟି ବିଶେଷତା ସୃଷ୍ଟି ହୋଇ ନାହିଁ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଈଶ୍ୱରଙ୍କ କୃପା, କରୁଣା, ପ୍ରସନ୍ନତା ଏବଂ ଅନୁଗ୍ରହତାକୁ କଦାପି ପ୍ରାପ୍ତ କରିପାରିବ ନାହିଁ । 1- ଅହଂକାର ଭଙ୍ଗ । ଯେପରି ଛିଡ଼ା ହୋଇଥିବା ଉଚ୍ଚ ପାହାଡ଼ ରହିଛି, ଯଦି ସେହି ପାହାଡ଼ ମାଟି ସହିତ ମିଶିଯାଏ ତେବେ ତାହାର ଟେକ (ଉଚ୍ଚତା) ସମାପ୍ତ ହୋଇଯିବ । ଠିକ୍ ସେହିପରି ମନୁଷ୍ୟ ପକ୍ଷେ ଏହା ଉଚିତ୍ କି ସେ ଅହଂକାର ଏବଂ ଆତ୍ମବଡ଼ିମା ଜନିତ ଚିନ୍ତାଧାରାକୁ ନିଜ ମନରୁ ଦୂର କରିଦେଉ । ତେଣୁ ବ୍ୟକ୍ତି ବିନୀତତା ଏବଂ ବିନମ୍ରତାକୁ ଅବଲମ୍ବନ କରିବା ଉଚିତ୍ । 2- ତା'ର ପୂର୍ବ ସମସ୍ତ ସଂପର୍କ ଭାଙ୍ଗିଯିବା ଉଚିତ୍ । ଯେପରି ପାହାଡ଼ ଭାଙ୍ଗି مُتَصَدِّعًا ହୋଇଯାଇଥାଏ । ପବିତ୍ର କୁରଆନ୍ କରୀମ୍‌ରେ ମୁତସଦ୍ଦିଅନ୍ مُتَصَدِّعًا ଶବ୍ଦ ବର୍ଣ୍ଣିତ ହୋଇଛି । ଏହାର ଅର୍ଥ ହେଲା ଖଣ୍ଡ ଖଣ୍ଡ ହୋଇଯାଇଥାଏ । ଇଟା ଠାରୁ ଇଟା ଭିନ୍ନ ହୋଇଯାଇଥାଏ । ଠିକ୍ ସେହିପରି ତା'ର ପୂର୍ବ ସଂପର୍କ ଯାହା ଅପବିତ୍ରତା ଏବଂ ଈଶ୍ୱରଙ୍କ ଅପ୍ରସନ୍ନତାର କାରଣ ଥିଲା ସେହି ସମସ୍ତ ସଂପର୍କ ଭାଙ୍ଗିଯାଉ । କହିବାର ତାତ୍ପର୍ଯ୍ୟ ଏହିକି ଯେ,ତୁମ ମଧ୍ୟରେ ଯେଉଁ ଭୁଲ୍ (ଖରାପ୍) ସଂପର୍କ ରହିଥିଲା ତାହାଙ୍କୁ ଭଙ୍ଗାଯିବ । ଯେତେବେଳେ ପୁରୁଣା ସଂପର୍କ ଦ୍ୱାରା ତ୍ରୁଟି ସୃଷ୍ଟି ହୁଏ ସେତେବେଳେ ତାହା ଭାଙ୍ଗିଯିବ ଉଚିତ୍ । ଏହାର ଏହି ଅର୍ଥ ନୁହେଁ ଯେ, ସମସ୍ତ ସଂପର୍କ ଭାଙ୍ଗିଯାଉ । ବରଂ ଏହାର ଅର୍ଥ ଏହିକି ଯେ, ପୁଣ୍ୟ ଆଡ଼କୁ ଅଭିରୁଚି ସୃଷ୍ଟି ହେଉ । ବର୍ତ୍ତମାନ ତା'ର ଦେଖା ସାକ୍ଷାତ୍, ବନ୍ଧୁତ୍ୱତା ଏବଂ ପ୍ରେମ ଓ ଶତ୍ରୁତା କେବଳ ଅଲ୍ଲାଃତାଲାଙ୍କ ସକାଶେ ହିଁ ରହିଯାଉ । ଅର୍ଥାତ୍ ଯେଉଁ କର୍ମ ଏବଂ ଯେଉଁ କୃତ୍ୟ ବି ହେଉ ତାହା ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଉଦ୍ଦିଷ୍ଟ ହେବା ଉଚିତ୍ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-171, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ସ୍ଥାନରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ପାପରୁ ବର୍ତ୍ତିବା ନିମନ୍ତେ ଅଲ୍ଲାଃତାଲାଙ୍କର ଏହି ଆୟତ୍ ରହିଛି ଯଥା اِيَّاكَ نَعۡبُدُ وَاِيَّاكَ نَسۡتَعِيۡنُ । ଅର୍ଥାତ୍ ଆମ୍ଭେ ତୁମ୍ଭର ଉପାସନା କରୁଛୁ ଓ ତୁମ୍ଭ ଠାରୁ ଆମ୍ଭେମାନେ ସାହାଯ୍ୟ ଭିକ୍ଷା କରୁଅଛୁ । ଯେଉଁ ଲୋକମାନେ ନିଜର ପାଳନକର୍ତ୍ତାଙ୍କ ସମ୍ମୁଖରେ ବିନୀତତା ଦ୍ୱାରା ଦୁଆ (ପ୍ରାର୍ଥନା) କରିଥାଆନ୍ତି ଯେ, ସମ୍ଭବତଃ କୌଣସି ବିନୀତତା ସ୍ୱୀକୃତ ହୋଇଯାଉ ତେବେ ଅଲ୍ଲାଃତାଲା ସେହିମାନଙ୍କୁ ହିଁ ସାହା ହୁଅନ୍ତି ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ଆପଣ ଅ.ସ ଏକ କାହାଣୀ ବର୍ଣ୍ଣନା କରିଛନ୍ତି । ସେହି କାହାଣୀଟି ଏହିପରି ଯେ, ଜଣେ ବ୍ୟକ୍ତି ବହୁତ ଦୁଆକାରୀ ବ୍ୟକ୍ତି ଥିଲେ । ସେ କହିଲା, ହେ ଈଶ୍ୱର ! ତୁମ୍ଭେ ମୋତେ ପାପରୁ ମୁକ୍ତି ପ୍ରଦାନ କର । ସେ ବହୁତ ଦୁଆ କରିବା ପରେ ଏହା ଚିନ୍ତା କଲା ଯେ, ସବୁଠୁ ବେଶୀ ବିନୀତତା କିପରି ପ୍ରାପ୍ତ କରାଯାଇ ପାରିବ ? ବିନୀତତା କିପରି ମିଳିପାରିବ ? ବିନୀତତା ପ୍ରାପ୍ତ କରିବା ନିମନ୍ତେ କେଉଁ ପନ୍ଥା ରହିଛି ? ତେବେ ସେହି ବ୍ୟକ୍ତି ପୁନଶ୍ଚ ଚିନ୍ତା କରି କହେ ଯେ, କୁକୁର ଠାରୁ ଅଧିକ ବିନୀତ ପ୍ରାଣୀ ଆଉ କେହି ନାହିଁ । ତେଣୁ ସେ କୁକୁର ପରି ସ୍ୱର କାଢି କାନ୍ଦିବାକୁ ଲାଗିଲା । ଆଉ ଜଣେ ବ୍ୟକ୍ତି ତା'ର ଏହି ସ୍ୱରକୁ ଶୁଣି ଏହା ଭାବିଲା ଯେ, ବୋଧେ ମସ୍‌ଜିଦ୍‌ରେ କୁକୁର ଆସିଯାଇଛି । ଏପରି ନହେଉ ଯେ, କେହି ମୋର ବାସନ କୁସନ୍ ଅପବିତ୍ର କରିଦେବେ । ତେଣୁ ସେ ଆସି ଯେତେବେଳେ ଦେଖିଲା ସେତେବେଳେ ସେ ଏହା ଦେଖିବାକୁ ପାଇଲା ଯେ, ଆରେ ଏ ତ' ଜଣେ ଭକ୍ତ ଅଟେ। କୁକୁର କାହିଁ ? କୁକୁର ତ' କେଉଁଠି ବି ନାହିଁ । ପରିଶେଷରେ ସେ ସେହି ଭକ୍ତକୁ ପଚାରିଲା ଯେ, ହେ ଭକ୍ତ ! ଏଠି କୁକୁର କାନ୍ଦୁଥିଲା ଆପଣ ଶୁଣିଛନ୍ତି ? ମୋତେ କୁକୁର କାନ୍ଦୁଥିବାର ସ୍ୱର ଶୁଭିଲା । ସେହି ଭକ୍ତ ଜଣକ କହିଲା, ହେ ବ୍ୟକ୍ତି ! ମୁଁ ହିଁ ସେହି କୁକୁର ଅଟେ । ପୁନଶ୍ଚ ସେ ପଚାରିଲା ଯେ, ହେ ଭକ୍ତ ! ତୁମେ ଏପରି କାହିଁକି କାନ୍ଦୁଥିଲ ? ସେ କହିଲା, ମହୋଦୟ ଈଶ୍ୱରଙ୍କୁ ବିନୀତତା ଭାରି ପସନ୍ଦ ଅଟେ । ତେଣୁ ମୁଁ ଭାବିଲି ମୁଁ କୁକୁରର ସ୍ୱର ପରି କାନ୍ଦିକି ମୋର ଦୁଆକୁ ସ୍ୱୀକୃତ କରାଇନେବି ଓ ଏହିପରି ଭାବରେ ମୋର ବିନୀତତାକୁ ଈଶ୍ୱର ସ୍ୱୀକାର କରିନେବେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-210, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହା ସେହି ବ୍ୟକ୍ତିର ଚିନ୍ତାଧାରା ଥିଲା । ତଦନୁଯାୟୀ ସେ କାର୍ଯ୍ୟାନୁସରଣ କଲା । ତା'ର ଏହି ଅଭିପ୍ରାୟ ଥିଲା ଯେ, ସେ ତୁଚ୍ଛ ବସ୍ତୁ ହେବ । କାରଣ ତୁଚ୍ଛ ହେବା ଦ୍ୱାରା ସେ କିପରି ଈଶ୍ୱରଙ୍କ ସାନ୍ନିଧ୍ୟତା ପ୍ରାପ୍ତ କରିପାରିବ ? ଅତଏବ୍ ଏଥି ସଂକ୍ରାନ୍ତର ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥାନରେ କୁହନ୍ତି: "ମନୁଷ୍ୟ ଯିଏ ଜଣେ ବିନୀତ ପ୍ରାଣୀ ଅଟେ ସେ ନିଜକୁ କର୍ମ ମାଧ୍ୟମରେ ନିଜକୁ ବଡ଼ ବୋଲି ମନେକରିବାକୁ ଲାଗି ଯାଇଥାଏ । ତେଣୁ ଗର୍ବ ଓ ଅହଂକାର ସେହି ବ୍ୟକ୍ତି ମଧ୍ୟରେ ହିଁ ସୃଷ୍ଟି ହୋଇଯାଇଥାଏ । ଯେପର୍ଯ୍ୟନ୍ତ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ ନିଜକୁ ତୁଚ୍ଛ ଓ ହେୟ ବୋଲି ମନେକରି ନେଇ ନାହିଁ ସେପର୍ଯ୍ୟନ୍ତ ସେ କଦାପି ମୁକ୍ତି ପାଇ ପାରିବ ନାହିଁ ।"

**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-138, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଜମାଅତ୍ ଅହମଦିୟାର ବୈଅତ୍ କରି ବିନୀତତାର ସର୍ବୋଚ୍ଚ ସ୍ତର ପ୍ରାପ୍ତ କରିବା ନିମନ୍ତେ ଅନୁପ୍ରାଣିତ କରି ହ. ମସିହ୍ ମଉଦ୍ ଅ.ସ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ କୁହନ୍ତି: "ବୈଅତ୍‌ର ପ୍ରକୃତ ଅର୍ଥ ହେଲା ନିଜକୁ ବିକ୍ରି କରିଦେବା । ଯେପରି ଏକ ବୀଜକୁ ଭୂମିରେ ବପନ କରାଯାଇଥାଏ ଠିକ୍ ସେହିପରି ବୈଅତ୍ ସହିତ କଲ୍ୟାଣ ଓ ପ୍ରଭାବ ମଧ୍ୟ ସଂଶ୍ଳିଷ୍ଟ ରହିଛି । ଆମେମାନେ ଯେତେବେଳେ ଭୂମିରେ ବୀଜକୁ ବପନ କରୁ ସେତେବେଳେ ତା'ର ପ୍ରାରମ୍ଭିକ ଅବସ୍ଥା ଏହା ହିଁ ହୋଇଥାଏ ଯେ, ତାହା ଚାଷୀର ହସ୍ତ ଦ୍ୱାରା ବପନ ହୋଇଥିଲା ଏବଂ ବୀଜ ସଂପର୍କରେ କିଛି ଜଣା ନାହିଁ ଯେ, ବୀଜର କ'ଣ ହେବ ? ଚାଷୀ ଜଣକ ବୀଜକୁ ଭୂମି ଉପରେ ପକାଇ ଦେଲା । ସେହି ବୀଜ ଭୂମିର ଗହ୍ୱର ମଧ୍ୟରେ ଲୁଚିଗଲା । ବର୍ତ୍ତମାନ ଏହା ଜଣା ନାହିଁ ଯେ, ସେହି ବୀଜର କ'ଣ ଅବସ୍ଥା ହେବ ? କିନ୍ତୁ ଯଦି ସେହି ବୀଜଟି ଉନ୍ନତ ମାନର ହୋଇଥାଏ ଏବଂ ବୀଜ ମଧ୍ୟରେ ଉର୍ବରକ ଶକ୍ତି ବିଦ୍ୟମାନ ରହିଥାଏ ତେବେ ଅଲ୍ଲାଃତାଲାଙ୍କ କୃପାରୁ ସେହି ଚାଷୀର ଶ୍ରମ ଦ୍ୱାରା ତାହା ଭୂମି ଉପରକୁ ଅଙ୍କୁରିତ ହୋଇ ବାହାରି ଆସିଥାଏ । ଏହା ପରେ ତା'ର ମୂଳ, କାଣ୍ଡ ଓ ପତ୍ର ବାହାରିଥାଏ ଏବଂ ଗୋଟିଏ ଦାନା(ଶସ୍ୟ ବୀଜ)ରୁ ସହସ୍ର ଦାନା (ବୀଜ) ସୃଷ୍ଟି ହୋଇଥାଏ । ଠିକ୍ ସେହିପରି ମନୁଷ୍ୟ ଯେକି ବୈଅତ୍‌କାରୀ ଅଟେ ତାକୁ ସର୍ବ ପ୍ରଥମେ ବିନୀତତା ଏବଂ ବିନମ୍ରତା ଅବଲଲମ୍ବନ କରିବାକୁ ପଡ଼ିଥାଏ ଏବଂ ନିଜର ଅହଂଭାବ ଓ ଆତ୍ମସ୍ୱାର୍ଥ ଠାରୁ ପୃଥକ୍ ହେବାକୁ ପଡ଼ିଥାଏ । ସେତେବଳେ ଯାଇ ସେ ଅଙ୍କୁରିତ ଯୋଗ୍ୟ ହୋଇଥାଏ। କିନ୍ତୁ ଯେଉଁ ବ୍ୟକ୍ତି ବୈଅତ୍ ସହିତ ଆତ୍ମିକ ସ୍ୱାର୍ଥ ପୋଷଣ କରେ ସେ କଦାପି କଲ୍ୟାଣକୁ ପ୍ରାପ୍ତ କରିପାରିବ ନାହିଁ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-307-306, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିନୀତତା ବ୍ୟତୀତ ବୈଅତ୍‌ର କୌଣସି ମୂଲ୍ୟ ଏବଂ ଲାଭ ନାହିଁ । ଅତଏବ୍ ହୁଜୁର ଅ.ସ କହିଲେ: "ତୁମେମାନେ ଯେପରି ବିନୀତତା, ବିନମ୍ରତା ଓ କୋମଳତା ଅବଲମ୍ବନ କରିବ ଅଲ୍ଲାଃତାଲା ସେହିପରି ତୁମମାନଙ୍କ ଠାରୁ ପ୍ରସନ୍ନ ହେବେ ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-66, ସଂସ୍କରଣ ବର୍ଷ-2022 ମସିହା)**ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେଁଉ ବ୍ୟକ୍ତି ବିନୀତତା ଦ୍ୱାରା ଈଶ୍ୱରଙ୍କ ପ୍ରସନ୍ନତାକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିଥାଏ ତେବେ ଈଶ୍ୱର ସେହି ବ୍ୟକ୍ତି ଠାରୁ ପ୍ରସନ୍ନ ହୋଇଥାଆନ୍ତି ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-211, ସଂସ୍କରଣ ବର୍ଷ-2022 ମସିହା)**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ବିନୀତତା ସଂପର୍କରେ ଅବା ବିନୀତତା ଅବଲମ୍ବନ କରିବା ଦ୍ୱାରା କ'ଣ ପ୍ରାପ୍ତ ହୋଇଥାଏ ଏବଂ ଅହଂକାର ମନୁଷ୍ୟକୁ କେଉଁଠାକୁ ନେଇଯାଇଥାଏ ? ଏହି ମର୍ମବିନ୍ଦୁକୁ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ସର୍ବ ପ୍ରଥମ କଥା ହେଲା ହ. ଆଦମ୍ ଅ.ସ ମଧ୍ୟ ପାପ କରିଥିଲେ ଏବଂ ସୈତାନ୍ ମଧ୍ୟ ପାପ କରିଥିଲା । କିନ୍ତୁ ହ. ଆଦମ୍ ଅ.ସ ଅହଂକାର ପ୍ରଦର୍ଶନ କରି ନଥିଲେ । ସେଇଁଥି ପାଇଁ ସେ ଅଲ୍ଲାଃତାଲାଙ୍କ ସମକ୍ଷରେ ନିଜ ପାପର ସ୍ୱୀକାରୋକ୍ତି ପ୍ରକାଶ କଲେ, ଫଳତଃ ତାଙ୍କର ପାପକୁ ଅଲ୍ଲାଃତାଲା କ୍ଷମା କରିଦେଲେ । ତେଣୁ ଏହା ଦ୍ୱାରା ମନୁଷ୍ୟ ନିମନ୍ତେ କ୍ଷମା ପ୍ରାର୍ଥନା କରିବା ସହିତ ନିଜର ପାପକୁ କ୍ଷମା କରାଇବାର ମଧ୍ୟ ଆଶା ରହିଛି । ଅର୍ଥାତ୍ ଅଲ୍ଲାଃତାଲା ଯଦି ହ. ଆଦମ୍ ଅ.ସଙ୍କ ପାପକୁ କ୍ଷମା କରିପାରନ୍ତି ତେବେ ମନୁଷ୍ୟ ବି ଯଦି ବିନୀତତା ପ୍ରଦର୍ଶନ କରେ, କ୍ଷମାଯାଚନା କରେ ତେବେ ସେ ଏହି ଆଶା ରଖୁ ଯେ, ଅଲ୍ଲାଃତାଲା ଅବଶ୍ୟ କ୍ଷମା କରିଦେବେ । କିନ୍ତୁ ସଇତାନ୍ ଯିଏ ଅହଂକାର ପ୍ରଦର୍ଶନ କରିଥିଲା ସେ ଅଭିଶପ୍ତ ହେଲା । ଫଳତଃ ତା' ଉପରେ ଅଭିଶାପ ପଡ଼ିଲା । ଯେଉଁ କଥା ମନୁଷ୍ୟ ମଧ୍ୟରେ ନାହିଁ ତାହା ସଇତାନ ମଧ୍ୟରେ ରହିଛି ଏବଂ ଯେଉଁ କଥା ବା ଜିନିଷ ସଇତାନ୍ ମଧ୍ୟରେ ରହିଛି ତାହା ମନୁଷ୍ୟ ମଧ୍ୟରେ ନାହିଁ । ମନୁଷ୍ୟ ତ' ବିନୀତ ହୋଇପାରିବ । ଅହଂକାରୀ ବ୍ୟକ୍ତି ନିଜ ନିମନ୍ତେ ସେହି କଥାର ଦାବି କରିବା ସକାଶେ ପ୍ରସ୍ତୁତ ହୋଇଯାଇଥାଏ । ଅର୍ଥାତ୍ ବିନୀତତା ସକାଶେ । ମନୁଷ୍ୟର ସ୍ୱଭାବ ମଧ୍ୟରେ ଏକଥା ନାହିଁ ଯେ, ସ୍ୱଭାବରେ ଗର୍ବ ହେଉ । ପୁନଶ୍ଚ ସେ ଅକାରଣରେ ସଇତାନ୍ ପରି ଅହଂକାର କରିବାର ଦାବି କରିବାକୁ ଲାଗିଥାଏ । ଅବତାରମାନଙ୍କ ମଧ୍ୟରେ ଅନେକ କଳା ବା ପ୍ରତିଭା ରହିଥାଏ । ସେହି ପ୍ରତିଭା ମଧ୍ୟରୁ ଗୋଟିଏ ପ୍ରତିଭା ହେଲା ଅହଂ ଭାବନାକୁ ଛିନ୍ନ କରିବାର ପ୍ରତିଭା । ଅର୍ଥାତ୍ ଅହଂ ଭାବନାକୁ ସମାପ୍ତ କରିବା । ଅବତାରମାନଙ୍କ ମଧ୍ୟରେ ଅହଂ ଭାବନା ନଥାଏ । ସେମାନେ ନିଜର ଆତ୍ମା ଉପରେ ଏକ ମୃତ୍ୟୁ (ପ୍ରସାରିତ କରି) ଆଣିନେଇ ଥାଆନ୍ତି । ଅହଂ କେବଳ ଈଶ୍ୱରଙ୍କ ନିମନ୍ତେ ଉଦ୍ଦିଷ୍ଟ ଓ ପ୍ରଯୁଜ୍ୟ ଅଟେ । ଯେଁଉ ଲୋକମାନେ ଅହଂକାର କରନ୍ତି ନାହିଁ ଏବଂ ବିନୀତତା ଅବଲମ୍ବନ କରିଥାଆନ୍ତି ସେମାନେ କେବେ ବି ନଷ୍ଟ ହୁଅନ୍ତି ନାହିଁ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-173, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ବିନୀତତା ଅବଲମ୍ବନ କିରବା ନିମନ୍ତେ ଅନୁପ୍ରାଣିତ କରି ଏକ ଅବସରରେ ଆପଣ ଅ.ସ କୁହନ୍ତି: "ଜମାଅତ୍‌ରେ ଏପରି ଅନେକ ବ୍ୟକ୍ତିମାନେ ରହିଛନ୍ତି ଯେଉଁମାନେ ନିଜ ବିରୁଦ୍ଧରେ କୌଣସି କଥା ଶୁଣି ନିଅନ୍ତି ତେବେ ସେମାନେ ଉତ୍‌କ୍ଷିପ୍ତ ଓ ଉତ୍ତେଜିତ ହୋଇ ଯାଇଥାଆନ୍ତି । କିନ୍ତୁ ଏପରି ଉତ୍ସାହ ତଥା ଉତ୍ତେଜନାକୁ ଦୂର କରିବା ନିହାତି ଜରୁରୀ ଅଟେ । କାରଣ କୋମଳତା ଏବଂ ନମ୍ରତା ସ୍ୱଭାବରେ ସୃଷ୍ଟି ହେଉ । ଏହା ଦେଖିବାକୁ ମିଳିଛି ଯେ, ଯେତେବେଳେ ସାମାନ୍ୟ କଥାକୁ କେନ୍ଦ୍ର କରି ବାଦ ବିବାଦ ଆରମ୍ଭ ହୋଇଯାଏ ସେତେବେଳେ ସେମାନେ ପରସ୍ପରକୁ ପରାଜିତ କରିବାର ସୁଯୋଗକୁ ଖୋଜି ଥାଆନ୍ତି । ଅର୍ଥାତ୍ କିପରି ଜଣେ ବ୍ୟକ୍ତି ଚାହୁଁଛି ଯେ, ସେ ଜିତି ଯାଉ । ଏଭଳି ସ୍ଥିତିରେ ଆତ୍ମ ଉତ୍ସାହରୁ ବର୍ତ୍ତିବା ଉଚିତ୍ ଏବଂ ଉପଦ୍ରବକୁ ଦୂର କରିବା ନିମନ୍ତେ ସାଧାରଣ କଥାରେ ଜାଣିଶୁଣି ନିଜେ ତିରସ୍କାର ଅବଲମ୍ବନ କରିନେବା ଉଚିତ୍ । ବ୍ୟକ୍ତି ଉକ୍ତ ପ୍ରସଙ୍ଗ ପ୍ରତି ଆଦୌ ଚେଷ୍ଟା ନକରୁ ଯେ, ମୁକାବିଲା (ପ୍ରତିଯୋଗୀତାରେ)ରେ ନିଜର ଅନ୍ୟ ଭାଇକୁ ତିରସ୍କୃତ ଓ ପରାଜିତ କରାଯାଉ । ବରଂ ନିଜେ ତିରସ୍କାର ଏବଂ ପରାଜୟ ସ୍ୱୀକାର କରିନେବା ଉଚିତ୍ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-6, ପୃ-65, ବି.ଦ୍ର, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯଦି ଆମେମାନେ ଉକ୍ତ କଥାର ସମୀକ୍ଷା କରୁ ତେବେ ନିଜ ଜୀବନର ଏପରି ଅନେକ ଲୋକମାନେ ରହିଛନ୍ତି ଯେଉଁମାନେ ଏହି ମିଥ୍ୟା ଅଭିମାନ ପୋଷଣ କରନ୍ତି ଏବଂ ସେମାନଙ୍କ ମଧ୍ୟରେ ଅହଂ ଭାବନା ଦେଖିବାକୁ ମିଳିଥାଏ । ଫଳତଃ କଳହ ବୃଦ୍ଧି ପାଇଥାଏ । କିନ୍ତୁ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟତା ପ୍ରାପ୍ତି କରିବାକୁ ଚାହୁଁଛନ୍ତି ତେବେ ଅହଂ ଭାବନାରୁ ମୁକ୍ତ ହେବାକୁ ପଡ଼ିବ । କେବଳ ସେତିକି ନୁହେଁ ବରଂ କେତେକ ବ୍ୟକ୍ତିମାନେ ଭୁଲ୍ ପନ୍ଥା ମାଧ୍ୟମରେ ଅନ୍ୟକୁ କ୍ଷତି ପହଞ୍ଚାଇବାକୁ ମଧ୍ୟ ଉଦ୍ୟମ କରିଥାଆନ୍ତି । ବେଳେବେଳେ ଅଭିଯୋଗ କରିଦେଇ ଥାଆନ୍ତି ଯେ, ଆମର ଅମକ ସ୍ଥାନରେ ଝଗଡ଼ା ହୋଇଥିଲା, ଅମକ ସ୍ଥାନରେ ସେହି ବ୍ୟକ୍ତି ମୋତେ ଖରାପ କଥା କହିଥିଲା । ବର୍ତ୍ତମାନ ମୁଁ ତାକୁ ଯେକୌଣସି ଅସଦ୍ ଉପାୟରେ, କୌଣସି ମକଦ୍ଦମାରେ ଅବା କୌଣସି ଶାସ୍ତିରେ ଲିପ୍ତ କରିବା ନିମନ୍ତେ ଚେଷ୍ଟା କରିବି ଏବଂ ପ୍ରତିଶୋଦ ନେବି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ଅବସରରେ ବିନୀତତା ଅବଲମ୍ବନକାରୀମାନଙ୍କର ଉଦାହରଣ ଦେଇ ଆପଣ ଅ.ସ କହିଲେ, "ମରିବା (ମୃତ୍ୟୁ) ତ' ସମସ୍ତଙ୍କ ସକାଶେ ଧାର୍ଯ୍ୟ ଓ ନିୟତିକୃତ ରହିଛି । ସମସ୍ତେ ଦିନେ ନା ଦିନେ ଏହି ସଂସାରରୁ ଚାଲିଯିବେ (ବାହୁଡ଼ି ଯିବେ) । ପରିଶେଷରେ ଦିନେ ନା ଦିନେ ସମସ୍ତଙ୍କର ଏହି ଅବସ୍ଥା ହେବ । କିନ୍ତୁ ଦାରିଦ୍ର୍ୟତାର ସହିତ, ଅନ୍ୟର ଅନିଷ୍ଟ ସାଧନ ନକରି, ସରଳ ଏବଂ ନିଷ୍କପଟ ହୋଇ ଯେଉଁ ଲୋକମାନେ ମୃତ୍ୟୁବରଣ କରନ୍ତି ସେମାନଙ୍କର ମାର୍ଗଦର୍ଶନ ସକାଶେ ସ୍ୱର୍ଗ ଆଗେଇ ଆସିଥାଏ । ଯେପରି ହ. ଇସା ଅ.ସ ଲାଆଜର୍ ସଂପର୍କରେ ବର୍ଣ୍ଣନା କରିଛନ୍ତି ।"**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-8, ପୃ-289-290, ବି.ଦ୍ର, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲାଆଜର୍ କିଏ ଥିଲା ? ଏହାର ଚର୍ଚ୍ଚା ଇଞ୍ଜିଲ୍‌ର ଲୋକା, ବାବ୍-16ରେ ଉଲ୍ଲେଖ ରହିଛି ଯେ, "ଲାଆଜର୍ ଜଣେ ଧନାଢ୍ୟ ବ୍ୟକ୍ତି ଥିଲା। ସେ ନାରଙ୍ଗୀ ଅର୍ଥାତ୍ କମଳା ରଙ୍ଗର ବସ୍ତ୍ର ଏବଂ ଅତି ସୂକ୍ଷ୍ମ ପୋଷାକ ପିନ୍ଧୁଥିଲା । ସେ ନାନା ରଙ୍ଗର କୋମଳ ବସ୍ତ୍ର ପିନ୍ଧୁଥିଲା ଏବଂ ସେ ପ୍ରତ୍ୟେକ ଆନନ୍ଦ ଉଲ୍ଲାସ ପାଳନ କରୁଥିଲା ଓ ବିଳାସ ତଥା ବୈଭବ୍ୟତାର ସହିତ ରହୁଥିଲା । ଇଞ୍ଜିଲରେ ଉକ୍ତ ଘଟଣାଟି ଉଲ୍ଲିଖିତ ହୋଇଛି । ଲାଆଜର ନାମକ ଜଣେ ଦରିଦ୍ର ବ୍ୟକ୍ତି ଥିଲା ଏବଂ ତା' ଶରୀର ଘା ଓ ବଥରେ ପରିପୂର୍ଣ୍ଣ ଥିଲା । ତା ଶରୀରରେ ବଥ ଏବଂ ବ୍ରଣ ବାହାରିଥିଲା । ଅର୍ଥାତ୍ ତାକୁ ଚର୍ମ ରୋଗ ହୋଇଥିଲା । ସେ ନିଜର ଦୁଆର ଆଗରେ ପଡ଼ି ରହୁଥିଲା। ସେ ଏହି କାମନା କରୁଥିଲା ଯେ, ଧନାଢ୍ୟ ଲୋକମାନଙ୍କର ଖାଦ୍ୟାସନରୁ ପଡ଼ି ଯାଇଥିବା ରୁଟି ଖଣ୍ଡରୁ ନିଜର ପେଟ ପୂରୁଥିଲା । ଅର୍ଥାତ୍ ସେଠାରୁ ଯେଉଁ ଖାଦ୍ୟ ବଳିବ ଦରବାରର ଲୋକମାନେ ସେହି ଖାଦ୍ୟକୁ ବାହାରେ ଫିଙ୍ଗିଦେବେ ତେବେ ମୁଁ ମଧ୍ୟ ସେହି ଆହାରକୁ ଖାଇନେବି । କେବଳ ସେତିକି ନୁହେଁ ବରଂ କୁକୁରମାନେ ମଧ୍ୟ ଆସି ତା'ର ଘାକୁ ଚାଟୁଥିଲେ । ସେ ଏତେ ଅସହାୟ ଏବଂ ଦୁର୍ବଳ ଥିଲା ଯେ, ନିଜର କୁକୁରମାନଙ୍କୁ ମଧ୍ୟ ହଟାଇ ପାରୁ ନଥିଲା । ସେହି କୁକୁରମାନେ ମଧ୍ୟ ଆସି ତା'ର ଘାକୁ ଚାଟୁଥିଲେ । ଦିନେ ଏପିରି ହେଲା ଯେ, ଲାଆଜର ମରିଗଲା ଏବଂ ଦେବଦୂତମାନେ ତାକୁ ନେଇଯାଇ ଅବ୍ରାହାମଙ୍କ କୋଳରେ ପହଞ୍ଚାଇଦେଲେ । ତେଣୁ ସେ ଧନାଢ୍ୟ ହୋଇ ମୃତ୍ୟୁବରଣ କଲେ ଏବଂ ଧନାଢ୍ୟ ହୋଇ ତାକୁ କବର ଦିଆଗଲା। ବାଇବେଲେ ଏହା କହେ ଯେ, ଆତ୍ମା ଜଗତ ମଧ୍ୟରେ ତାକୁ ଶାସ୍ତି ମିଳିଲା । ସେ ନିଜର ଆଖି ଉଠାଇ ଅବ୍ରାହାମକୁ ଦୂରରୁ ଦେଖିଲା ଏବଂ ତା' କୋଳରେ ଲାଆଜରକୁ ଦେଖିଲା । ସେ ଡାକି କହିଲା, ହେ ପିତା ଅବ୍ରାହାମ୍ ! ତୁମ୍ ମୋ ଉପରେ ଦୟା କରି ଲାଆଜରକୁ ପଠାଅ । କାରଣ ସେ ନିଜ ଆଙ୍ଗୁଠିର ଅଗକୁ ପାଣିରେ ଭିଜାଇ ମୋ ତୁଣ୍ଡକୁ ଓଦାଳିଆ କରିଦେଉ । କାରଣ ମୁଁ ସେହି ନିଆଁରେ ଜଳି ଛଟପଟ ହେଉଛି । ଅବ୍ରାହମ୍ କହିଲା, ପୁତ୍ର ! ମନେପକା, ତୁ ନିଜ ଜୀବନରେ ଭଲ ଜିନିଷ ନେଇ ସାରିଛୁ ଏବଂ ସେହିପରି ଲାଆଜର ମଧ୍ୟ ଖରାପ ଜିନିଷ ନେଇ ସାରିଛି । ତାକୁ ତ' ସଂସାରରେ କିଛି ମିଳିଲା ନାହିଁ କିନ୍ତୁ ସେ ବର୍ତ୍ତମାନ ଏଠାରେ ଶାନ୍ତି ଓ ସନ୍ତୁଷ୍ଟି ପାଇବ ଏବଂ ତୁ ଶାସ୍ତି ପାଇବୁ ଓ କଷ୍ଟରେ ଛଟପଟ ହେବୁ ।"

**(ଲୁକା, ବାବ୍-16, ଆୟତ୍-19-25)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେବେ ଆପଣ ଅ.ସ ଏହି ପରିଣାମ ହେବ ବୋଲି ଦର୍ଶାଇଛନ୍ତି । ଅର୍ଥାତ୍ "ଯେଉଁମାନେ ଗର୍ବ ଓ ଅହଂକାର କରନ୍ତି ସେମାନଙ୍କର ଏହିପରି ପରିଣାମ ହେବ । ଯେପରି ମନୁଷ୍ୟ ଜଣେ ଉଚ୍ଚ ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତି ସହିତ ବ୍ୟବହାର ପ୍ରଦର୍ଶନ କରିଥାଏ ସେହି ଉତ୍ତମ ବ୍ୟବହାର ଏବଂ ଆଚରଣ ଯଦି ସେ ଅସହାୟ, ଦୀନ, ଦରିଦ୍ର ବୃଦ୍ଧା ମହିଳା ବ୍ୟକ୍ତି ସହିତ ପ୍ରଦର୍ଶ ନକରେ ତେବେ ସେହି ବ୍ୟକ୍ତି କଦାପି ଈଶ୍ୱରଙ୍କ ସମ୍ରାଟତ୍ୱ ଦରାବରରେ କଦାପି ପ୍ରବିଷ୍ଟ ହୋଇପାରିବ ନାହିଁ। ସେହିପରି ବ୍ୟକ୍ତି ଯଦି ପ୍ରତ୍ୟେକ ପ୍ରକାରର ଗର୍ବ, ଅହଂକାର ଓ ଆତ୍ମ ବଡ଼ିମା ଠାରୁ ନିଜକୁ ସୁରକ୍ଷିତ କରିନେଇ ନାହିଁ ସେପର୍ଯ୍ୟନ୍ତ ସେ କଦାପି ଈଶ୍ୱରଙ୍କ ସମ୍ରାଟତ୍ୱ ଦରବାରରେ ପ୍ରବିଷ୍ଟ ହୋଇପାରିବ ନାହିଁ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-138, ବି.ଦ୍ର, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅହଂକାରୀ ବ୍ୟକ୍ତି ଈଶ୍ୱରଙ୍କ ସିଂହାସନ ଉପରେ ବସିବାକୁ ଚାହିଁଥାଏ । ତେଣୁ ସେହି ଜଘଣ୍ୟ ତଥା ଘୃଣ୍ୟ ଆଚରଣରୁ ସର୍ବଦା ପ୍ରଭୁଙ୍କ ଶରଣ ଭିକ୍ଷା କରିବା ଉଚିତ୍ । ଈଶ୍ୱରଙ୍କ ସମସ୍ତ ପ୍ରତିଶୃତି ତଥା ଅଂଙ୍ଗୀକାର ତୁମ ସପକ୍ଷରେ ଥାଉ ନା କାହିଁକି । କିନ୍ତୁ ତୁମେମାନଙ୍କୁ ସର୍ବଦା ବିନୀତତା ଅବଲମ୍ବନ କରିବା ଉ୍‌ଚିତ୍ । କେତେକ ଅଙ୍ଗୀକାର ତଥା ପ୍ରତିଶୃତି ସତ୍ତ୍ୱେ ମଧ୍ୟ ତୁମମାନେ ବିନୀତତା ପ୍ରଦର୍ଶନ କରିବା ଉଚିତ୍ । କାରଣ ବିନୀତତା ପ୍ରଦର୍ଶନକାରୀ ବା ବିନୀତତା ଅବଲମ୍ବନକାରୀ ବ୍ୟକ୍ତି ଈଶ୍ୱରଙ୍କ ଅତି ପ୍ରିୟ ଭକ୍ତ ହୋଇଥାଏ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃ-217, ବି.ଦ୍ର, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିନୀତତା ଏବଂ ବିନମ୍ରତା ସଂପର୍କରେ ଏକ ଘଣଟା ସଂପର୍କରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ବିନୀତତା ଏବଂ ନୀରବତା ଅତ୍ୟୁତ୍ତମ ବସ୍ତୁ (ପ୍ରସଙ୍ଗ) ଅଟେ । ଯେଉଁ ବ୍ୟକ୍ତି ଅଭାବ ହେବା ସତ୍ତ୍ୱେ ଅହଂକାର ପ୍ରଦର୍ଶନ କରିଥାଏ ତେବେ ସେହି ବ୍ୟକ୍ତି କେବେ ବି ନିଜର ମନସ୍କାମନାକୁ ପ୍ରାପ୍ତ କରିପାରିବ ନାହିଁ । ତେଣୁ ସେହି ବ୍ୟକ୍ତି ପକ୍ଷେ ଏହା ଉଚିତ୍ କି ସେ ବିନୀତତା ଅବଲମ୍ବନ କରୁ। ଲୋକମାନେ କୁହନ୍ତି ଯେ, ଜାଲିନୁସ୍ ନାମକ ଜଣେ ବୈଦ୍ୟ ଥିଲା । ସେ ଜଣେ ସମ୍ରାଟ୍ ପାଖରେ ଚାକିରୀ କରିଥିଲା । ସମ୍ରାଟ୍‌ର ଏହି ଅଭ୍ୟାସ ରହିଥିଲା ଯେ, ସେ ଏପରି ନିକୃଷ୍ଟ ଏବଂ ପରିତ୍ୟକ୍ତ (ଆବଡ଼ ଝାବଡ଼) ଜିନିଷ ଖାଇ ନେଉଥିଲା ଯେ, ଜାଲିନୁସ ଏହା ଆଶଙ୍କା କଲା ଯେ, ସମ୍ରାଟ୍‌କୁ ଅବଶ୍ୟ କୁଷ୍ଠ ରୋଗ ହୋଇଯିବ। ଅର୍ଥାତ୍ ସମ୍ରାଟ୍ ଭୁଲ୍ ପ୍ରକାରର ଖାଦ୍ୟ ପଦାର୍ଥ ସେବନ କରୁଥିଲା । ଆଜିକାଲି ମଧ୍ୟ ଏହି ସ୍ୱର ଉଠୁଛି ଯେ, ଜଙ୍କ୍ ଫୁଡ୍ (Junk food) ଖାଅ ନାହିଁ । ଅତଏବ୍ ସେହି କାଳରେ ମଧ୍ୟ ଏପରି ଜିନିଷ ଥିବ ଯାହାକୁ ସେବନ ନକରିବାକୁ ଜାଲିନୁସ୍ ସମ୍ରାଟ୍‌କୁ ବାରଣ କରୁଥିଲା । ସେ ଯାହା ହେଉ ଜାଲିନୁସକୁ ଏହି ବିଶ୍ୱାସ ଥିଲା ଯେ, ସେହି ବସ୍ତୁଗୁଡ଼କ ସମ୍ରାଟ୍‌ର ସ୍ୱାସ୍ଥ୍ୟାବସ୍ଥାକୁ ବିଗାଡ଼ି ଦେବେ ଏବଂ ସମ୍ରାଟ ଅସୁସ୍ଥ ହୋଇ ପଡ଼ିବ । ପରିଣାମ ଏହା ହେବ ଯେ, ସମ୍ରାଟ୍‌କୁ କୁଷ୍ଠ ରୋଗ ହୋଇଯିବ । ସୁତରାଂ ଜାଲିନୁସ୍ ସର୍ବଦା ସମ୍ରାଟ୍‌କୁ ସେହି ଅଖାଦ୍ୟ ବସ୍ତୁକୁ ସେବନ ନକରିବାକୁ କହୁଥିଲା ଏବଂ ତହିଁରୁ ଅଟକାଉଥିଲା ମଧ୍ୟ। କିନ୍ତୁ ସମ୍ରାଟ୍ ଜାଲିନୁସ୍ କଥା ମାନିଲା ନାହିଁ ଏବଂ ତହିଁରୁ ସେ ନିବୃତ୍ତ ଓ କ୍ଷାନ୍ତ ହେଲା ନାହିଁ । ଫଳତଃ ଜାଲିନୁସ୍ ସମ୍ରାଟ୍ ଠାରୁ ଅନାସକ୍ତ, ବିରକ୍ତ ଓ ବୈରାଗ୍ୟ ହୋଇ ସମ୍ରାଟ ଦରବାରରୁ ନିଜର ମାତୃଭୂମିକୁ ଚାଲି ଆସିଲା । ସମ୍ରାଟ୍‌ର ଦରବାକୁ ଛାଡ଼ିଦେଲା । କିଛି କାଳ ପରେ ଯେତେବେଳେ ସମ୍ରାଟ୍‌ର ଶରୀରରେ କୁଷ୍ଠ

ରୋଗର ଲକ୍ଷଣ ଦେଖାଦେଲା । ଅର୍ଥାତ୍ ଜାଲିନୁସ୍ ଯେଉଁ କଥା କହିଥିଲା ତାହା ହିଁ ହେଲା । ସମ୍ରାଟ୍‌କୁ କୁଷ୍ଠ ରୋଗ ହୋଇଗଲା । ସେତେବେଳେ ସମ୍ରାଟ୍ ନିଜର ଭୁଲ୍ ବୁଝି ପାରିଲା ଏବଂ ସେ ବିନୀତତା ଅବଲମ୍ବନ କରିନେଲା । ନିଜର ପୁତ୍ରକୁ ସେ ସିଂହାସନରେ ବସାଇଦେଲା ଏବଂ ନିଜେ ଫକୀରଙ୍କ ପରି ବସ୍ତ୍ର ପିନ୍ଧି ସେଠାରୁ ଅର୍ଥାତ୍ ରାଜ ପ୍ରସାଦରୁ ବାହାରିଗଲା ଓ ଜାଲିନୁସ୍ ପାଖରେ ଯାଇ ପହଞ୍ଚିଗଲା । ଜାଲିନୁସ୍ ସମ୍ରାଟ୍‌କୁ ଚିହ୍ନି ପକାଇଲା ଏବଂ ସମ୍ରାଟଙ୍କର ବିନୀତତାକୁ ଦେଖି ପସନ୍ଦ କଲା ଏବଂ କହିଲା, ସମ୍ରାଟ୍ ନିଜର ଭୁଲକୁ (Realise) ବୁଝି ନେଇଛନ୍ତି ଏବଂ ମୋ ପାଖକୁ ଚାଲି ଆସିଛନ୍ତି । ସୁତରାଂ ଜାଲିନୁସ୍ ସଂପୂର୍ଣ୍ଣ ଉତ୍ସାହ, ଶକ୍ତିର ସହିତ ସମ୍ରାଟଙ୍କର ଚିକିତ୍ସା ଏବଂ ଉପଚାର କଲା । ଆପଣ ଅ.ସ କହିଲେ, "ଯେତେବେଳେ ଜାଲିନୁସ୍ ସଂପୂର୍ଣ୍ଣ ଉଦ୍ୟମ, ଉତ୍ସାହ ଏବଂ ଶକ୍ତିର ସହିତ ସମ୍ରାଟର ଉପଚାରରେ ବ୍ୟସ୍ତ ହୋଇଗଲା ସେତେବେଳେ ଅଲ୍ଲାଃତାଲା ସମ୍ରାଟ୍‌କୁ ଆରୋଗ୍ୟ ଲାଭ ପ୍ରଦାନ କଲେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-177-178, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ନିଜର ଏକ ସଭାରେ ଐଶୀବାଣୀ ସଂପର୍କରେ ଚର୍ଚ୍ଚା କରି ଉପଦେଶ ଦେଇଛନ୍ତି । ଉକ୍ତ ଚର୍ଚ୍ଚିତ ଉପଦେଶଟି ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, "ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଫଜର୍ ନମାଜ୍ ସମୟରେ ଆସି ନମାଜ୍ ପୂର୍ବରୁ କିଛି ସମୟ ସଭା କଲେ । ଅର୍ଥାତ୍ ଫଜର୍ ନମାଜ ପୂର୍ବରୁ ଆସି ସଭା କଲେ ଏବଂ إِنِّي أُحَافِظُ كُلَّ مَنْ فِي الدَّارِ إِلَّا الَّذِينَ عَلَوْا وَاسْتَكْبَرُوا ନିଃସନ୍ଦେହ ରୂପେ ଏହି ଘରେ ଭିତରେ ରହୁଥିବା ଲୋକମାନଙ୍କୁ ରକ୍ଷା କରିବି । କିନ୍ତୁ ଯେଉଁ ଲୋକମାନେ ଗର୍ବ ଏହଂ ଅହଂକାର ପ୍ରଦର୍ଶନ କଲେ ସେମାନଙ୍କ ସଂପର୍କରେ କହିଲେ, ତହିଁରେ ଗର୍ବ ଓ ଅହଂକାର ଯଥାର୍ଥ ନୁହେଁ ଯେ, ଯେଉଁ ବ୍ୟକ୍ତି ପାଖରେ ଧନ ଏବଂ ମର୍ଯ୍ୟାଦା ଓ ପ୍ରତିଷ୍ଠାଜନିତ ଅହଂକାର ରହିଛି ସେହି ବ୍ୟକ୍ତି ସୁରକ୍ଷିତ ରହିବ । ବରଂ ପ୍ରତ୍ୟେକ ବ୍ୟକ୍ତି ଯିଏ ବିନୀତ ଏବଂ ବିନମ୍ରତା ଦ୍ୱାରା ଈଶ୍ୱରଙ୍କ ସମ୍ମୁଖରେ ନିଜକୁ ଉପସ୍ଥାପିତ କରେ ନାହିଁ ଏବଂ ତାହାଙ୍କ ଆଦେଶାବାଳୀ ପାଳନ କରେ ନାହିଁ, ସେ ପଛେ ଧନୀ ହେଉ ଅବା ଦରିଦ୍ର ବ୍ୟକ୍ତି ହେଉ ସେ ତହିଁରେ (ଅହଂକାର) ପ୍ରବିଷ୍ଟ ଏବଂ ଅନ୍ତର୍ଭୁକ୍ତ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ବିନୀତ, ବିନମ୍ର ଅଟେ ସେ ପଛେ ଧନୀ ହେଉ ଅବା ଦରିଦ୍ର ହେଉ ସେ ଉକ୍ତ ଘରେ ପ୍ରବିଷ୍ଟ ଅଟେ । ଅର୍ଥାତ୍ ଘରେ ପ୍ରବିଷ୍ଟକାରୀ ସେହି ବ୍ୟକ୍ତି ହେବ ଯିଏ ବିନୀତତା ପ୍ରଦର୍ଶ କରିବ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-3, ପୃ-443-444, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ ଏକ ଅବସରରେ କୁହନ୍ତି: ଯେତେବେଳେ ମଣିଷକୁ ସଫଳତା ମିଳେ ଏବଂ ମଣିଷ ମଧ୍ୟରେ ବିନୀତତା ଏବଂ ବିପତ୍ତିର ଅବସ୍ଥା ବିଦ୍ୟମାନ ନରହେ ତେବେ ଯେଉଁ ବ୍ୟକ୍ତି ସେତେବେଳେ ବିନୀତତାକୁ ଅବଲମ୍ବନ କରିବ ଓ ଈଶ୍ୱରଙ୍କୁ ସ୍ମରଣ କରିବ ତେବେ ସେହି ବ୍ୟକ୍ତି ସର୍ବାଙ୍ଗ ସମ୍ପନ୍ନ ବ୍ୟକ୍ତି ଅଟେ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-417, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ଉକ୍ତ କଥା କେବଳ ନିଜର ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଉପଦେଶ ରୂପେ କହି ନାହାନ୍ତି ବରଂ ନିଜର କୃତ୍ୟ ଦ୍ୱାରା ମଧ୍ୟ ଉକ୍ତ କଥାକୁ ବର୍ଣ୍ଣନା କରିଛନ୍ତି ଏବଂ ପ୍ରମାଣିତ ମଧ୍ୟ କରିଛନ୍ତି । ଅତଏବ୍ ଏଥି ସଂକ୍ରାନ୍ତରେ ମୁଁ ଖୁତ୍‌ବାରେ ପ୍ରାରମ୍ଭରେ ଉଦାହରଣ ମଧ୍ୟ ଦେଇଛି ଯେ, ଅଲ୍ଲାଃତାଲାଙ୍କୁ ମଧ୍ୟ ଆପଣ ଅ.ସଙ୍କ କର୍ମ ଏବଂ ଆପଣ ଅ.ସଙ୍କ କୃତ୍ୟ ଭଲ (ପସନ୍ଦ) ଆସିଲା । ସେ ଯାହା ହେଉ ଆପଣ ଅ.ସଙ୍କର କେତେକ ବର୍ଣ୍ଣନା ରହିଛି ଯାହାକୁ ମୁଁ ବର୍ଣ୍ଣନା କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବଙ୍କ ଏକ ବର୍ଣ୍ଣନା ରହିଛି ଯେ, ମୋତେ ମିର୍ଜା ସୁଲତାନ୍ ଅହମଦ ସାହେବ କହିଲେ, ଦାଦା (ଜେଜ) ମହୋଦୟ ଆମର ବଡ଼ ବାପା ମିର୍ଜା ଗୁଲାମ୍ କାଦିର୍ ସାହେବଙ୍କୁ ଚୌକି ଦେଉଥିଲେ। ସେହିପରି ମିର୍ଜା ସୁଲତାନ୍ ଅହମଦ ସାହେବ ଯେତେବେଳେ କୌଣସି ସଭାରେ ବସୁଥିଲେ ସେତେବେଳେ ହ. ମିର୍ଜା ସୁଲତାନ ଅହମଦ ସାହେବଙ୍କ ଦଦା ଅର୍ଥାତ୍ ହ. ମସି ହ୍ ମଉଦ୍ ଅ.ସଙ୍କ ବଡ଼ ଭାଇ ତାଙ୍କୁ ଚୌକି ଦେଉଥିଲେ । ଅର୍ଥାତ୍ ଯେତେବେଳେ ସେ ଦଦା ମହୋଦୟଙ୍କ ପାଖକୁ ଯାଉଥିଲେ ସେତେବେଳେ ତାଙ୍କୁ ଚୌକି ଉପରେ ବସାଉଥିଲେ । କିନ୍ତୁ ପିତାଶ୍ରୀ ଯାଇ ସ୍ୱୟଂ ତଳେ ସଫ୍ (ମଶିଣା) ଉପରେ ବସୁଥିଲେ। ଅର୍ଥାତ୍ ସାଧାରଣ ଲୋକମାନେ ଯେଉଁଠି ବସୁଥିଲେ ସେହିଠାରେ ହ. ମସିହ୍ ମଉଦ୍ ଅ.ସ ବସିଯାଉଥିଲେ । ଯଦି ଦଦା ସାହେବ ତାଙ୍କୁ (ମସିହ୍ ମଉଦ୍ ଅ.ସଙ୍କୁ) ଉପରେ ବସିବା ପାଇଁ କହୁଥିଲେ ସେତେବେଳେ ପିତାଶ୍ରୀ କହୁଥିଲେ ଯେ, ମୁଁ ଏଠାରେ ଠିକ୍ ଅଛି ଏବଂ ଭଲ ସେ ବସିଛି । କିଛି ଅସୁବିଧା ନାହିଁ । **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-192, ପୃ-199-200ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସଙ୍କ ମନରେ କେବେ ବି ଏହି ଇଚ୍ଛା ସୃଷ୍ଟି ହୋଇ ନାହିଁ ଯେ, ମୁଁ ଉଚ୍ଚ ସ୍ଥାନରେ ଯାଇ ବସିବି । ବରଂ ଆପଣ ଅ.ସ ସାଧାରଣ ଲୋକମାନଙ୍କ ମଧ୍ୟରେ ଯାଇ ବସୁଥିଲେ । ହ. ମିର୍ଜା ବଶୀର୍ ଅହମଦ ସାହେବଙ୍କ ଏକ ବର୍ଣ୍ଣନା ଅର୍ଥାତ୍ ଯେପରି ଆପଣ ଅ.ସ ପୂର୍ବେ ଉପଦେଶ ଦେଇଥିଲେ ଯେ, ଅତିଥି ସତ୍କାର ନିଜେ ଅତିଥିକୁ ଆସନ ଉପରେ ବସାଇବା ଉଚିତ୍ । ଅତଏବ୍ ଉପୋରକ୍ତ ଆଦେଶାବଳୀ ଉପରେ ଆପଣ ଅ.ସ ସ୍ୱୟଂ କାର୍ଯ୍ୟକାରୀ କରିଛନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ଆଉ ଏକ ବର୍ଣ୍ଣନା ବର୍ଣ୍ଣନା କରି କୁହନ୍ତି ଯେ, କାଜି ଅମୀର୍ ହୁସେନ୍ ସାହେବ କହିଲେ, "ଏକଦା ଆମେମାନେ ହ. ସାହେବଙ୍କୁ ପଚାରିଲୁ ଯେ, ହୁଜୁର୍ ! ହଦିସରେ ବର୍ଣ୍ଣିତ ହୋଇଛି ଯେ, ସକଳ ଅବତାରମାନେ ଛେଳୀ ଚରାଇଛନ୍ତି । ତେବେ ହୁଜୁର୍ ! କ'ଣ ଆପଣ ଅ.ସ ବି ଛେଳୀ ଚରାଇଛନ୍ତି କି? ଆପଣ ଅ.ସ କହିଲେ, ହଁ ଏକଦା ମୁଁ ବାହାରେ ବିଲକୁ ଗଲି ଏବଂ ସେଠାରେ ଜଣେ ଛେଳୀ ଚରାଳୀ ନିଜର ଛେଳୀ ଚରାଉଥିଲା । ସେ କହିଲା, ମହୋଦୟ ! ମୁଁ ଟିକେ ଏକ କାମରେ ଯାଉଛି, ଆପଣ ଦୟାକରି ମୋର ଏହି ଛେଳୀମାନଙ୍କର ଧ୍ୟାନ ରଖିବେ। କିନ୍ତୁ ସେହି ବ୍ୟକ୍ତି ଏମିତି ଗଲା ଯେ, ଯାଇ ସନ୍ଧ୍ୟା ସମୟରେ ଫେରିଲା ଏବଂ ସେ ଆସିବା ପର୍ଯ୍ୟନ୍ତ ମୋତେ ସେହି ବ୍ୟକ୍ତିର ଛେଳୀ ଚରାଇବାକୁ ପଡ଼ିଥିଲା ।"

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-108, ପୃ-84ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ କୁହନ୍ତି: "ହ. ମସିହ୍ ମଉଦ୍ ଅ.ସ ଦିନ ତମାମ ସେହି ବ୍ୟକ୍ତିର ଛେଳୀ ଚରାଉଥିଲେ। କିନ୍ତୁ ଆପଣ ଅ.ସ ସେହି ଅଞ୍ଚଳର ଜଣେ ଧନାଢ୍ୟ ପରିବାର ସୁପୁତ୍ର ଥିଲେ । କିନ୍ତୁ ଆପଣ ଅ.ସ ଛେଳୀ ଚରାଇବା କର୍ମକୁ ଖରାପ୍ ବୋଲି ମଣିଲେ ନାହିଁ ଏବଂ ସନ୍ଧ୍ୟା ପର୍ଯ୍ୟନ୍ତ ସେହି ବ୍ୟକ୍ତିର ଯିଏ ଚାଷୀ ଥିଲା, ଛେଳୀ ଚରାଳୀ ଥିଲା, ମୂଲିଆ ଥିଲା ତା'ର ଛେଳୀ ଚରାଉଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆପଣ ଅ.ସଙ୍କ ନିଜର ବିନୀତତାର ଚର୍ଚ୍ଚା କରି ଅଲ୍ ଫଜଲ୍ କାର୍ଯ୍ୟାଳୟର ଜନୈକ୍ (ଜଣେ) କର୍ମଚାରୀ ହ. ଖ୍ୱାଜା ଅବଦୁର୍ ରହମାନ୍ ସାହେବ ବର୍ଣ୍ଣନା କରନ୍ତି: "ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆର ସମ୍ମୁଖରେ ଦୁଆରପାଳ ରୂପେ କାର୍ଯ୍ୟ କରିଛି ଏବଂ ମୁଁ ବାହାରେ ବସୁଥିଲେ । ଅର୍ଥାତ୍ ଆପଣ ଅ.ସଙ୍କ ସୁରକ୍ଷା ସକାଶେ, ଯିବା ଆସିବା କରୁଥିବା ଲୋକମାନଙ୍କର ସନ୍ଦେଶ ଦେବା କିମ୍ବା କୌଣସି ସୂଚନା ଦେବା ନିମନ୍ତେ ଅବା କୌଣସି ଜରୁରୀ କାମ ହେଉଥିଲା ତେବେ ମୁଁ ଉକ୍ତ କାର୍ଯ୍ୟ ନିମନ୍ତେ ନିୟୋଜିତ ହୋଇଥିଲି । ସେ ଯାହା ହେଉ ମୁଁ ବାହାରେ ଆପଣ ଅ.ସଙ୍କ ଦୁଆର ସମ୍ମୁଖରେ ହୁଜୁର୍ ଅ.ସଙ୍କ ସକାଶେ ଦୁଆରପାଳ ଭାବେ କାମ କରୁଥିଲି ଏବଂ ହୁଜୁର୍ ଅ.ସଙ୍କ ବାସ ଭବନ ବାହାରେ ବସି ରହୁଥିଲି। ମୁଁ ହୁଜୁର ଅ.ସଙ୍କ ବାସ ଭବନ ଭିତରକୁ ମଧ୍ୟ ଯାଉଥିଲି । ତେଣୁ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କୁ ଆଜ୍ଞା ବ୍ୟତୀତ ଅନ୍ୟ କୌଣସି ଶବ୍ଦ କହୁଥିବାର ଶୁଣି ନାହିଁ । ହୁଜୁର୍ ଅ.ସ ଯେତେବେଳେ ବି ମୋ ସହିତ କଥା ହୋଇଛନ୍ତି ସେତେବେଳେ ସର୍ବଦା ଆପଣ ଅ.ସ ଆଜ୍ଞା କହି କଥାବାର୍ତ୍ତା କରୁଥିଲେ । ହୁଜୁର ଅ.ସ ଯେତେବେଳେ କୌଣସି କଥାବାର୍ତ୍ତା କରୁଥିଲେ ସେତେବେଳେ ଆପଣ ଅ.ସ ଆଜ୍ଞା ଶବ୍ଦ ଅବଶ୍ୟ ବ୍ୟବହାର କରୁଥିଲେ । ମୁଁ ହୁଜୁର୍ ଅ.ସଙ୍କ ମଧ୍ୟରେ ଗର୍ବ ଏବଂ ଅହଂକାର କେବେ ବି ଦେଖି ନାହିଁ । ଆପଣ ସର୍ବଦା ବିନୀତତା ଏବଂ କୋମଳ କଥା କହୁଥିଲେ । ଆପଣ ଅ.ସଙ୍କ ମୁଖମଣ୍ଡଳରେ ସର୍ବଦା ସ୍ମିତହାସ୍ୟ ବିଦ୍ୟମାନ ରହୁଥିଲା । ଆପଣ ଅ.ସଙ୍କୁ ବିରକ୍ତ କିମ୍ବା ଚିଡ଼ିଚିଡ଼ା ହେଉଥିବାର ମୁଁ କେବେ ବି ଦେଖି ନାହିଁ । ଆପଣ ଅ.ସଙ୍କ କପାଳରେ ଚିନ୍ତିତ (ଭ୍ରୂକୁଞ୍ଚନ) ଭାବ କେବେ ବି ଆସି ନାହିଁ । ମୁଁ କେବେ ବି ଏହା ଶୁଣି ନାହିଁ ଯେ, ଆପଣ କୌଣସି ବ୍ୟକ୍ତିକୁ ଓ ବେ ଓ ତୁ ଶବ୍ଦ ପ୍ରୟୋଗ କରିଛନ୍ତି । ଆପଣ ଅ.ସ ସର୍ବଦା ସମ୍ମାନପୂର୍ବକ ଆଚରଣ ପ୍ରଦର୍ଶନ କରୁଥିଲେ ।"

**(ରିୱାୟାତେ ଅସହାବେ ଅହମଦ ଗ୍ରନ୍ଥଖଣ୍ଡ-2, ପୃ-294-295)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରି ଡାକ୍ତର ମିର୍ ମୁହମ୍ମଦ୍ ଇସ୍ମାଇଲ୍ ସାହେବ ର.ଅ ମୋତେ ବର୍ଣ୍ଣନା କରି କହିଲେ: "ହ. ମସିହ୍ ମଉଦ୍ ଅ.ସ ନିଜ ଘରର କୌଣସି କାମ କରିବାକୁ ଖରାପ ବୋଲି ମନେକରୁ ନଥିଲେ । ଅର୍ଥାତ୍ ଯେଉଁ ମୋପ୍ (Mop) (ଧୂଆ ପୋଛା କରିବା ପାଇଁ ବାଡ଼ି ଆଗରେ ଥିବା କନା) ଇତ୍ୟାଦି କରନ୍ତି ତାହା ମଧ୍ୟ କରି ନେଉଥିଲେ । ଶେଯ ନିଜେ ପ୍ରସ୍ତୁତ କରି ନେଉଥିଲେ, ନିଜେ ଝାଡୁ କରି ନେଉଥିଲେ। ଅର୍ଥାତ୍ ନିଜେ ଓଳାଓଳି କାମ କରୁଥିଲେ । ହଠାତ୍ ଯେତେବେଳେ କୌଣସି ବର୍ଷା ଆସି ଯାଉଥିଲା ଏବଂ ଛୋଟ ପିଲାମାନେ ଯେତେବେଳେ ବାହାରେ ଖଟ ଉପରେ ଶୋଉଥିଲେ ସେତେବେଳେ ହୁଜୁର୍ ଅ.ସ ଖଟର ଗୋଟିଏ ପାର୍ଶ୍ୱକୁ ନିଜେ ଧରୁଥିଲେ ଏବଂ ଅନ୍ୟ ପାର୍ଶ୍ୱକୁ ଅନ୍ୟ ଜଣେ ବ୍ୟକ୍ତି ଧରୁଥିଲେ ଏବଂ ଖଟକୁ ଧରି ଭାରେଣ୍ଡାକୁ ନେଇ ଆସୁଥିଲେ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ତ' ଏ.ସି ଓ ପଙ୍ଖା ଇତ୍ୟାଦି ରହିଛି । ସେହି କାଳରେ ତ' କିଛି ନଥିଲା । ଲୋକମାନେ ଗ୍ରୀଷ୍ମ କାଳରେ ବାହାର ପ୍ରାଙ୍ଗଣରେ ଶୋଉଥିଲେ ଏବଂ ରାତ୍ର ସମୟରେ ଯେତେବେଳେ ଝଡ଼ ବର୍ଷା ତଥା କାଳ ବୈଶାଖୀ ବର୍ଷା ପବନ ଆସୁଥିଲା ସେତେବେଳେ ଖଟ ଉଠାଇ ଭାରେଣ୍ଡା ଭିତରକୁ ଆଣିବାକୁ ପଡୁଥିଲା । ସୁତରାଂ ଆପଣ ଅ.ସ ଖଟକୁ ଉଠାଇବାରେ ସାହାଯ୍ୟ କରୁଥିଲେ । ଯଦି କୌଣସି ବ୍ୟକ୍ତି ଏଭଳି ପରିସ୍ଥିତିରେ ଅବା ସକାଳ ସମୟରେ ଛୋଟ ପିଲାମାନଙ୍କର ଶରୀରକୁ ହଲାଇ ଉଠାଇବାକୁ ଚେଷ୍ଟା କରୁଥିଲା ତେବେ ହୁଜୁର ଅ.ସ ସେହି ବ୍ୟକ୍ତିକୁ ମନା କରୁଥିଲେ ଏବଂ କହୁଥିଲେ ଏପରି ସହସା ଛୋଟ ପିଲାକୁ ହଲାଇ ଉଠାଇବା ଦ୍ୱାରା ଏବଂ ଚିତ୍କାର କରିବା ଦ୍ୱାରା ଛୋଟ ପିଲାମାନେ ଡରିଯାଇଥାଆନ୍ତି। ଧୀରେ ଧୀରେ ସ୍ୱରରେ ପିଲାକୁ ଉଠାଇବାକୁ ଚେଷ୍ଟା କର ।"

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-559, ପୃ-543)**

ହୁଜୁର୍ ଅ.ବ କହିଲେ, ପୁନଶ୍ଚ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଆଉ ଏକ ବର୍ଣ୍ଣନା ବର୍ଣ୍ଣନା କରନ୍ତି ଯେ, ମିର୍ଜା ସୁଲତାନ୍ ଅହମଦ ସାହେବ ମୋତେ ଉକ୍ତ ବର୍ଣ୍ଣନାଟି ବର୍ଣ୍ଣନା କରିଛନ୍ତି । ପୁନଶ୍ଚ ସେ ଅର୍ଥାତ୍ ମିର୍ଜା ସୁଲତାନ୍ ଅହମଦ ସାହେବ ମଧ୍ୟ ଉକ୍ତ ବର୍ଣ୍ଣନାକୁ ମୌଲବୀ ରହିମ୍ ବଖଶ୍ ସାହେବଙ୍କ ଠାରୁ ଶୁଣିଛନ୍ତି ଯେ, ତାଙ୍କର ପିତାଶ୍ରୀ ଘରର ଉପର ମହଲାର କୋଠରୀରେ ରହୁଥିଲେ । ସେହିଠାରେ ହିଁ

ପିତାଶ୍ରୀଙ୍କ ନିମନ୍ତେ ଖାଦ୍ୟ ଯାଉଥିଲା । ବାହାର ଘରର ଯେଉଁ ଭାଗ ରହୁଥିଲା ଏବଂ ଯେଉଁ ପ୍ରକାରର ଖାଦ୍ୟ ବି ହେଉଥିଲା ତାହାକୁ ମଧ ଆପଣ ଅ.ସ ଖାଇ ନେଉଥିଲେ।"

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-559, ପୃ-543)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହ. ମିର୍ଜା ବଶୀର୍ ଅହମଦ୍ ସାହେବଙ୍କର ଏକ ବର୍ଣ୍ଣନା ରହିଛି, ସେହି ବର୍ଣ୍ଣନାରେ ଆପଣ ର.ଅ କୁହନ୍ତି: "ମୋତେ ମିର୍ଜା ସୁଲତାନ୍ ଅହମଦ ସାହେବ କହିଛନ୍ତି ଏବଂ ସେ ମଧ ଆଗକୁ ଉକ୍ତ ବର୍ଣ୍ଣନାଟି ମୌଲବୀ ରହିମ୍ ବଖଶ୍ ସାହେବଙ୍କ ଠାରୁ ଶୁଣିଛନ୍ତି ଯେ, ତାଙ୍କର ପିତାଶ୍ରୀ ଉପର ମହଲାରେ ରହୁଥିଲେ ସେହିଠାରେ ହିଁ ଆପଣ ଅ.ସଙ୍କ ନିମନ୍ତେ ଆହାର ପ୍ରେରଣ କରାଯାଉଥିଲା । ଯେଉଁ ପ୍ରକାରର ବିଁ ଆହାର ଯାଉଥିଲା ଆପଣ ଅ.ସ ତାହାକୁ ଖୁସି ଖୁସି ଖାଇ ନେଉଥିଲେ । ଆପଣ ଅ.ସ କେବେ ବି କିଛି କହୁ ନଥିଲେ ।"

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-189, ପୃ-199)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ ମିର୍ଜା ସୁଲତାନ୍ ଅହମଦ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ କହିଛନ୍ତି ଯେ, ପିତାଶ୍ରୀ ଉପର ମହଲାରେ ରହୁଥିଲେ। ବାହାରେ ଆପଣ ଅ.ସଙ୍କର ଯେଉଁ କୋଠରୀ ଥିଲା ସେହି ଦ୍ୱିତୀୟ ମହଲାରେ ଆପଣ ରହୁଥିଲେ ଓ ସେହିଠାରେ ହିଁ ଆପଣ ଅ.ସଙ୍କ ନିମନ୍ତେ ଆହାର ପ୍ରେରଣ କରାଯାଉଥିଲା। ଅପରପକ୍ଷେ ହ. ମସିହ୍ ମଉଦ୍ ଅ.ସ ରୋଜା ରଖିଥିଲେ । ଅର୍ଥାତ୍ ସେହି କାଳରେ ହ. ମସିହ୍ ମଉଦ୍ ଅ.ସଙ୍କ ନିମନ୍ତେ ଯେଉଁ ଆହାର ଯାଉଥିଲା ତାହା ମଧ ଆପଣ ଅ.ସ ଅଭାବି ଓ ଗରିବ ଲୋକମାନଙ୍କ ମଧରେ ବାଣ୍ଟି ଦେଉଥିଲେ । ସେ ଯାହା ହେଉ ହ. ମସିହ୍ ମଉଦ୍ ଅ.ସଙ୍କ ପାଖକୁ ଆହାର ଯାଉଥିଲା ଏବଂ ଯେଉଁ ପ୍ରକାରର ବିଁ ଆହାର ଯାଉଥିଲା ଆପଣ ଅ.ସ ତାହାକୁ ଖାଇ ନେଉଥିଲେ । ଆପଣ ଅ.ସ କେବେ ବି କିଛି କହୁ ନଥିଲେ ।

ହୁଜୁର୍ ଅ.ବ କହିଲେ, ଜମାଅତ୍‌ର ଇତିହାସରେ ଏକ ଘଟଣା ବିଖ୍ୟାତ ରହିଛି । ସେହି ଘଟଣାଟି ଆପଣ ଅ.ସଙ୍କ ଦାବିର ପୂର୍ବ ଘଟଣା ଅଟେ । ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲ୍‌ୱୀ ଯେତେବେଳେ ନୂଆ ନୂଆ ମୌଲବୀ ତଥା ବିଦ୍ୱାନ୍ ହୋଇ ଦିଲ୍ଲୀରୁ ବଟାଲା ଫେରିଲେ ସେତେବେଳେ ଅଞ୍ଚଳରେ ଏକ ଚାଞ୍ଚଲ୍ୟ ସୃଷ୍ଟି ହୋଇଯାଇଥିଲା । ସେତେବେଳେ ନାନା ସମସ୍ୟା ଉପରେ ମୁକଲ୍ଲିଦିନ୍ (ଅର୍ଥାତ୍ ସେହି ମୁସଲମାନ ବ୍ୟକ୍ତି ଯିଏ ଫିକ୍କାର ଚାରି ଇମାମ୍ ଯଥା-ଇମାମ୍ ମାଲିକ୍, ଇମାମ୍ ଶାଫିଇ, ଇମାମ୍ ହମ୍ବଲ୍ ଓ ଇମାମ୍ ଅବୁ ହନିଫାଙ୍କ ମଧ୍ୟରୁ ଯେକୌଣସି ଇମାମଙ୍କୁ ମାନିଥାଆନ୍ତି) ଓ ଅଣମୁକଲ୍ଲିଦ୍ଦିନ୍ (ଏହଲେ ହଦିସ୍) ଫିକ୍କାର ଇମାମ୍‌ଙ୍କର ଅନୁଗାମୀ ନୁହନ୍ତି । ଏମାନଙ୍କ ମଧରେ ଧାର୍ମିକ ଏବଂ ଶିକ୍ଷାଭିତ୍ତିକ ବିତର୍କ ସାଧାରଣ କଥା ଥିଲା । ବଟାଲାବାସୀମାନେ ଯେତେବେଳେ ଏହି କୋଳାହଳ ଶଦ୍ଦ ଦେଖିଲେ (ଶୁଣିଲେ) ସେତେବେଳେ ସେମାନଙ୍କର ଦୃଷ୍ଟି ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ପଡ଼ିଲା । କାରଣ ସେମାନେ ଏହା ଚାହୁଁଥିଲେ ଯେ, ଆପଣ ଅ.ସଙ୍କୁ ମୁହମ୍ମଦ୍ ହୁସୈନ୍ ବଟାଲ୍‌ୱୀର ବିପକ୍ଷରେ ଅଣାଯାଉ । ସେମାନଙ୍କର ଏହି ବିଶ୍ୱାସ ରହିଥିଲା ଯେ, ଆପଣ ଅ.ସ  ହିଁ ଏକମାତ୍ର ଯୁବକ ତଥା ପ୍ରାର୍ଥୀ ଅଟନ୍ତି ଯିଏ ମୌଲବୀ ମୁହହମ୍ମଦ ହୁସୈନ୍ ବଟାଲ୍‌ୱୀର ମୁହଁକୁ ବନ୍ଦ କରିପାରିବେ । ଅତଏବ୍ ଆପଣ ଅ.ସଙ୍କୁ ଅତି କଷ୍ଟରେ ଉକ୍ତ ବିତର୍କ ନିମନ୍ତେ ରାଜି କରିଗାଲ । ଆପଣ ଅ.ସ ପ୍ରଥମେ ଏଥି ନିମନ୍ତେ ପ୍ରସ୍ତୁତ ନଥିଲେ । ସେ ଯାହା ହେଉ ଯେତେବେଳେ ଲୋକମାନେ ଅଧିକ ଜୋର ଦେଲେ ସେତେବେଳେ ଆପଣ ପ୍ରସ୍ତୁତ (ରାଜି) ହୋଇଗଲେ । ଆପଣ ଅ.ସଙ୍କୁ ବିତର୍କ ନିମନ୍ତେ ଅଣାଗଲା । ଉଭୟଙ୍କ ପକ୍ଷରୁ ସମର୍ଥକମାନେ ଏକତ୍ରିତ ହୋଇଗଲେ । ଏଠାରେ ଏହା ମଧ ଉଲ୍ଲେଖ ରହିଛି ଯେ, ଆଜି ତ' ବିଶେଷ କରି ମୁକଲ୍ଲିଦ୍ଦିନ୍ ଗୋଷ୍ଠୀମାନଙ୍କର ଗୋଷ୍ଠୀ ଅପ୍ରତ୍ୟାଶିତ ରୂପେ ନିଜର ଅଗ୍ରୀମ ବିଜୟ ନିମନ୍ତେ ଆଶାବାଦୀ ଏବଂ ପୂର୍ଣ୍ଣ  ବିଶ୍ୱାସ ଥିଲା । ପୂର୍ଣ୍ଣ ବିଶ୍ୱାସ ହେବା ମଧ ଉଚିତ୍ ଥିଲା । କାରଣ ଆଜି ସେହି ବଡ଼ ବିଦ୍ୱାନ୍‌ଙ୍କୁ ବିତର୍କ ନିମନ୍ତେ ଡକା ଯାଇଥିଲା । ମୁକଲ୍ଲିଦ୍ଦୀନ୍‌ମାନଙ୍କର ଏହା ଧାରଣା ରହିଥିଲା ଯେ. ଆଜି ତ' ଆମେମାନେ ଜତିଯିବୁ । କାରଣ ଆଜି ହ. ମସିହ୍ ମଉଦ୍ ଅ.ସ ଅର୍ଥାତ୍ ମିର୍ଜା ଗୁଲାମ୍ ଅହମଦ କାଦିୟାନ୍ ଅ.ସ ଆସିଛନ୍ତି କାରଣ ଆପଣ ଅ.ସଙ୍କ ଶତ୍ରୁକୁ କବଳିତ କରିବା ଏପରି ହେଉଥିଲା ଯେପରି ପ୍ରତିପକ୍ଷ ପକ୍ଷୀର ଜାଲରେ ପଡ଼ି ଅସହାୟ ହୋଇଯାଉଥିଲା ।

ହୁଜୁର୍ ଅ.ସ କହିଲେ, ସେ ଯାହା ହେଉ ଆପଣ ଅ.ସ ବିତର୍କ ସଭା ସ୍ଥାନ ଠାରେ ପହଞ୍ଚିଲେ ସେତେବେଳେ ମୁହମ୍ମଦ୍ ହୁସୈନ୍ ବଟାଲୱୀ ସାହେବ କହିଲେ, ମହୋଦୟ ମୋ ନିକଟରେ ପବିତ୍ର କୁରଆନ୍ କରୀମ୍ ସର୍ବ ପ୍ରାଧାନ୍ୟ ଓ ପୁନଶ୍ଚ ହଦିସ୍ ଏବଂ ଆଁହଜରତ୍ ସ.ଅଙ୍କ କଥା ଅଟେ । ତେଣୁ ଏହା ଅନୁଯାୟୀ ନିର୍ଣ୍ଣୟ କରାଯି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମୌଲବୀ ସାହେବଙ୍କ ଠାରୁ ଏହି ଧର୍ମମତ ବିଷୟରେ ଶୁଣିଲେ ସେତେବେଳେ କହିଲେ, ମହୋଦୟ ! ମୋ ନିକଟରେ ଆପଣ ଅ.ସଙ୍କ ଧର୍ମମତ ଏବଂ ଦୃଷ୍ଟିକୋଣରେ ଏପରି କୌଣସି କଥା ନାହିଁ ଯାହା ଆପତ୍ତି ଯୋଗ୍ୟ ହେବେ ଏବଂ ତାକୁ ରଦ୍ଦ କରାଯିବ । ଯେଉଁ ଲୋକମାନେ ଆପଣ ଅ.ସଙ୍କୁ ନେଇକି ଯାଇଥିଲେ ସେମାନଙ୍କର ଏହି ଧାରଣା ଥିଲା ଯେ, ଆରେ ଏପରି କହିବା ଦ୍ୱାରା ତ' ଆମମାନଙ୍କର ପରାଜୟ ମନେକରାଯିବ । କାରଣ ପ୍ରତିପକ୍ଷ ନିଜ ବିଜୟର ନାଗରା ବଜାଇଦେବ । ଆପଣ ଅ.ସ ସିଧାସଳକ ମୌଲବୀ ସାହେବଙ୍କୁ କହିଦଲେ ଯେ, ମୁଁ ତ' ଆପଣଙ୍କ କଥାକୁ କୌଣସି ଆପତ୍ତିଯୋଗ୍ୟ ବୋଲି ମନେକରୁ ନାହିଁ । ତେଣୁ ଲୋକମାନେ କହିଲେ, କିଛି ବି ହୋଇଯାଉ ମୌଲବୀ ସାହେବକୁ ଉକ୍ତ ବିତର୍କ କ୍ଷେତ୍ରରେ କିଛି ନା କିଛି ଅନୁତପ୍ତ ଏବଂ ଲଜ୍ଜିତର ଶରବ୍ୟଜନିତ କଳଙ୍କ ଲଗାଇବା (ପାନେ ଦେବା) ଉଚିତ୍। କିନ୍ତୁ ହ. ମସିହ୍ ମଉଦ୍ ଅ.ସ ଜୟ-ପରାଜୟ, ଗର୍ବ-ଅହଂକାର ତଥା ତିରସ୍କାର ଠାରୁ ନିଃସ୍ପୃହ ହୋଇ ଅତି ବିନୀତତା ଏବଂ ବିନମ୍ରତା ପ୍ରଦର୍ଶନ କରି ସେଠାରୁ ଫେରି ଆସିଲେ ।

ହୁଜୁର୍ ଅ.ସ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଉକ୍ତ ଘଟଣାର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି ଯେ, "1868-1869 ମସିହାରେ ମଧ ମୋ ଉପରେ ଏକ ବିଚିତ୍ର ଐଶୀବାଣୀ ଅବତୀର୍ଣ୍ଣ ହୋଇଥିଲା । ସେହି ଐଶୀବାଣୀକୁ ଏଠାରେ ଉଲ୍ଲେଖ କରିବା ମୁଁ ଉଚିତ୍ ବୋଲି ମନେକରୁଛି । ସେହି ଐଶୀବାଣୀଟି ଏହିପରି ହେଲା ଯେ, ମୌଲବୀ ଅବୁ ସଇଦ୍ ମୁହମ୍ମଦ୍ ହୁସୈନ୍ ବଟାଲ୍‌ୱୀ ଯିଏ କେବେ ଏହି ବିନୀତ ସହିତ ଶ୍ରେଣୀରେ ସହପାଠୀ ମଧ ଥିଲେ । ସେ ଯେତେବେଳେ ନୂତନ ରୂପେ ମୌଲବୀ ହୋଇ ବଟାଲାକୁ ଫେରିଲେ ଏବଂ ବଟାଲାବାସୀଙ୍କୁ ତାଙ୍କର ଧର୍ମମତ ଏବଂ ଧାରଣା ଅତ୍ୟନ୍ତ କଷ୍ଟ ବୋଲି ଅନୁଭୂତ ହେଉଥିଲା । ଅତଏବ ସେତେବେଳେ ଜଣେ ବ୍ୟକ୍ତି ମୌଲବୀ ମୁହମ୍ମଦ ହୁସୈନ୍ ସହିତ କୌଣସି ପ୍ରସଙ୍ଗକୁ କେନ୍ଦ୍ର କରି ବିତର୍କ କରିବା ନିମନ୍ତେ ଏହି ବିନୀତକୁ ବହୁତ ବାଧ କଲା । ସୁତରାଂ ସେହି ବ୍ୟକ୍ତିର କହିବା ଯୋଗୁଁ ବିନୀତ ସନ୍ଧ୍ୟା ସମୟରେ ସେହି ବ୍ୟକ୍ତି ସହିତ ମୌଲବୀ ସାହେବଙ୍କ ବାସ ଭବନକୁ ଗଲା ଏବଂ ମୌଲବୀ ସାହେବ ଓ ତାଙ୍କର ପିତାଶ୍ରୀଙ୍କୁ ବିନୀତ ମସ୍‌ଜିଦ୍‌ରେ ଦେଖିବାକୁ ପାଇଲା। ପୁନଶ୍ଚ ବିନୀତ ଏହି ନିଷ୍କର୍ଷ ତଥା ସିଦ୍ଧାନ୍ତରେ ଉପନୀତ ହେଲା ଯେ, ମୌଲବୀ ସାହେବଙ୍କ ଉକ୍ତ ଭାଷଣକୁ ଶୁଣି ଏହା ଜାଣିନେଲା ଯେ, ତାଙ୍କ ଭାଷଣରେ ଏପରି କୌଣସି ଅଧିକ୍ୟତା ତଥା ଅତିଶୟୋକ୍ତି ନାହିଁ ଯଦ୍ଦ୍ୱାରାକି ତାଙ୍କ ଉପରେ ଆପତ୍ତି କରାଯାଇପାରିବ । ତେଣୁ ବିଶେଷ ରୂପେ ଅଲ୍ଲାଃତାଲାଙ୍କ ସକାଶେ ଉକ୍ତ ବିତର୍କୁ ମୁଁ ପରିତ୍ୟାଗ କରିଦେଲି । କିନ୍ତୁ ରାତ୍ର ସମୟରେ ଈଶ୍ୱର ନିଜର ଏକ ଐଶୀବାଣୀରେ ମୋତେ ସମ୍ବୋଧିତ କରି ଏହି ବିତର୍କ ଆଡ଼କୁ ଇଙ୍ଗିତ କରି କହିଲେ, ହେ ପ୍ରତିଶୃତ ମସିହ୍ ! ତୁମ୍ଭର ଈଶ୍ୱର ତୁମ୍ଭର ଉକ୍ତ କୃତ୍ୟ ଯୋଗୁଁ ପ୍ରସନ୍ନ ହୋଇଛନ୍ତି ଏବଂ ସେ ତୁମ୍ଭକୁ ସେହି ଆଶୀର୍ବାଦ କରିଛନ୍ତି ଯେ, ସମ୍ରାଟ୍‌ମାନେ ତୁମ୍ଭର ବସ୍ତ୍ରରୁ କଲ୍ୟାଣ ଖୋଜିବେ। ପୁନଶ୍ଚ ସେହି ସ୍ୱପ୍ନାବସ୍ଥାରେ ସେହି ସମ୍ରାଟ୍ ମୋତେ ଦେଖାଇ ଦିଆଗଲା ଯିଏ ଅଶ୍ୱ (ଘୋଡ଼ା) ଉପରେ ଆରୋହଣ ହୋଇଥିଲା । କାରଣ ବିଶେଷ କରି ଈଶ୍ୱର ଓ ତାହାଙ୍କ ବାର୍ତ୍ତାବହଙ୍କ ସକାଶେ ବିନୀତତା ଏବଂ ତିରସ୍କାର ଅବଲମ୍ବନ କରାଗଲା । ଅତଃ ସେହି ଉପକାରକାରୀ ଈଶ୍ୱର ଏହା ଚାହିଁଲେ ଯେ, ଏହି ବ୍ୟକ୍ତିକୁ (ଅର୍ଥାତ୍ ମୋତେ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କୁ) ପ୍ରତିଫଳ ଦେଇ ଛାଡ଼ିବେ ।" **(ବରାହିନେ ଅହମଦିୟା, ଭାଗ-4, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃ-621-622, ଅବଶିଷ୍ଟ ବି.ଦ୍ରର ବି.ଦ୍ର ସଂଖ୍ୟା-3)**

ହୁଜୁର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ଉକ୍ତ ଘଟଣାକୁ ନିଜର ପୁସ୍ତକ '**ହୟାତେ ଅହମଦ**'ରେ ବର୍ଣ୍ଣନା କରିଛନ୍ତି ଏବଂ ଏହା ଉପରେ ଏକ ଟିପ୍ପଣୀ ମଧ ଲେଖିଛନ୍ତି । ଆପଣ ର.ଅ କୁହନ୍ତି: "ଲୋକମାନେ ବିତର୍କର ସାଧାରଣ ଶୈଳୀ ଏବଂ ବାକ୍‌ଯୁଦ୍ଧକାରୀଙ୍କ ଅବସ୍ଥା ସହିତ ଭଲ ଭାବରେ ଅବଗତ ଅଟନ୍ତି । ଅର୍ଥାତ୍ ବାକ୍‌ଯୁଦ୍ଧକାରୀ ବା ବିତର୍କକାରୀଙ୍କ ଅବସ୍ଥା ସହିତ ଭଲ ଭାବରେ ଅବଗତ ଅଟନ୍ତି । ଅର୍ଥାତ୍ ବାକଯୁଦ୍ଧକାରୀ ବା ବିତର୍କକାରୀଙ୍କ ଅବସ୍ଥା ସହିତ ଭଲ ଭାବରେ ଅବଗତ ଅଟନ୍ତି । **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## ବଦର୍‌ର ପ୍ରକାଶିତ ସଂଖ୍ୟାଗୁଡ଼ିକୁ ନିଜେ ସୁରକ୍ଷିତ ଓ ସଂରକ୍ଷିତ କରି ରଖନ୍ତୁ

ଉକ୍ତ ସମ୍ବାଦପତ୍ର ସାଂସାରିକ ମଳିନତା ତଥା ପାପ ଠାରୁ ଉର୍ଦ୍ଧ୍ୱ ହୋଇ ସାଂସାରିକ ଏବଂ ଧାର୍ମିକ ଶିକ୍ଷାର ନିଧି ଅଟେ । ଉକ୍ତ ସମ୍ବାଦ ପତ୍ର ଜାତୀୟ ଆଶା, ଉଦ୍ଦୀପନା ଏବଂ ଆବଶ୍ୟକତାକୁ ପୂରଣ କରିଥାଏ । ବଦର୍‌ରେ ପବିତ୍ର କୁରଆନ୍ କରୀମ୍, ଆହାଦିସେ ନବୱିୟାହ୍  ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ମଲ୍‌ଫୁଜାତ୍ ଏବଂ ଅନ୍ୟାନ୍ୟ ଲେଖନୀ ବ୍ୟତୀତ ଅସଂଖ୍ୟ ପବିତ୍ର ପ୍ରାମାଣ୍ୟଗୁଡ଼ିକ ମଧ ଅନ୍ତର୍ଭୁକ୍ତ ହୋଇଥାଏ । ସେହି ସବୁର ଅଧ୍ୟୟନ କରିବା, ସେଗୁଡ଼ିକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା, କାର୍ଯ୍ୟକାରୀ କରିବା ଏବଂ ତାହା ମାଧମରେ ସନ୍ତାନମାନଙ୍କର ଶିକ୍ଷା ଓ ସଂସ୍କାର କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ଏହି ସମସ୍ତ ଅଭିପ୍ରାୟକୁ ପ୍ରାପ୍ତ କରିବା ନିମନ୍ତେ ବଦର୍‌ର ସଂଖ୍ୟାଗୁଡ଼ିକୁ ସୁରକ୍ଷିତ ଓ ସଂରକ୍ଷିତ  କରିବା, ସେଗୁଡ଼ିକୁ କ୍ରମ ଅନୁଯାୟୀ ରେକର୍ଡ଼ଭୁକ୍ତ କରିବା ମଧ ଆମମାନଙ୍କର ଦାୟିତ୍ୱ ଅଟେ ।

ଧାର୍ମିକ ଏବଂ ସାଂସ୍କାରିକ ବିଷୟ ବସ୍ତୁ ଉପରେ ଆଧାରିତ ଏହି ଖବର କାଗଜଟି ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଠାରୁ ଏହି ଆଶା କରିଥାଏ ଯେ, ଉକ୍ତ ଖବର କାଗଜକୁ ପରିତ୍ୟକ୍ତ, ଅନାବଶ୍ୟକ କାଗଜ ମନେକରି ଅନ୍ୟ ଖବରକାଗଜ ସହିତ, ବହି ଖାତା ସହିତ ବିକ୍ରି କରିଦେବା ଏହାର ମର୍ଯ୍ୟାଦା ଓ ଗାରିମାକୁ କ୍ଷୁର୍ଣ୍ଣ କରିବା ସହିତ ସମାନ ଅଟେ । ଯଦି ଉକ୍ତ ଖବର କାଗଜକୁ ସମ୍ଭାଳିବା ସମ୍ଭବପର ହେଉ ନାହିଁ ତେବେ ଏହାକୁ ସତର୍କତାର ସହିତ ନଷ୍ଟ କରି ଦିଅନ୍ତୁ । କାରଣ ଏହି ପବିତ୍ର ଖବର କାଗଜରେ ପବିତ୍ର ଲେଖନୀ ଯଥା ପବିତ୍ର କୁରଆନ୍ କରୀମ୍‌ର ଆୟତ୍‌ଗୁଡ଼ିକ, ଆହାଦିସ୍‌ଗୁଡ଼ିକର ମର୍ଯ୍ୟାଦା ହାନୀ ଯେପରି ନହେଉ ଓ କୌଣସି ଆରୋପ ମୂଳ କାରଣ ନ ପାଲଟି ଯାଉ । ଆଶା କରୁଛୁ ଯେ, ଜମାଅତ୍‌ର ସଦସ୍ୟବୃନ୍ଦଏଥିପ୍ରତି ବିଶେଷ ଧାନ ଦେବେ ଏବଂ ଉକ୍ତ ସାପ୍ତାହିତ ଖବର କାଗଜରୁ ଉପକୃତ ହୋଇ ଉପରୋକ୍ତ ପ୍ରସଙ୍ଗ ପ୍ରତି ଧାନ ଦେବେ ଓ ମନେ ମଧ ରଖିବେ । **ଇନଶାଅଲ୍ଲାଃ** ।

**(ଖବର କାଗଜ ବଦର୍‌ର ସମ୍ପାଦକ ମଣ୍ଡଳୀ)**☆☆☆

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP- 40/2026-2028 Vol. 11 Thursday- 09-16 July 2026 Issue No. 28-29

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ସିରତ୍ ଖାତମୁନ୍ ନବୀୟିନ୍ ସ.ଅର ଅବଶିଷ୍ଟାଂଶ

ସମୟ ପାଖେଇ ଆସୁଥିଲା ଏବଂ ସେ ଶୋବେ ବନି ହାଶିମ୍ ସଂପ୍ରଦାୟରେ ରହିଥିଲେ ଏବଂ ସେତେବେଳେ ସେ ଅପେକ୍ଷାରେ ରହିଥିଲେ କି ଯେତେବେଳେ ତାଙ୍କର ସ୍ୱର୍ଗତ ସ୍ୱାମୀଙ୍କର ସ୍ମୃତିକୁ ଜୀବିତ ରଖିବାବାଲା ପୁତ୍ର ସନ୍ତାନ ସଂସାରର ଆଲୋକ ସମ୍ମୁଖକୁ ଆସିଲା ସେହି ପୁତ୍ର ତାଙ୍କର ଆଘାତ ପ୍ରାପ୍ତ ହୃଦୟ ନିମନ୍ତେ ଶାନ୍ତି ଓ ସନ୍ତୁଷ୍ଟିର କାରଣ ସାବ୍ୟସ୍ତ ହେବ । ସୁତରାଂ ଅସହାବୁଲ୍ ଫିଲ୍ ଘଟଣାର 25 ଦିନ ପରେ 12 ରବିଉଲ୍ ଅୱଲ୍ ଅନୁଯାୟୀ ଅଗଷ୍ଟ ମାସ 20 ତାରିଖ 570 ଖ୍ରୀ.ଅରେ ଏକ ନୂତନ ତଥା ସଠିକ୍ ଗବେଷଣା ଅନୁଯାୟୀ 9 ରବିଉଲ୍ ଅୱଲ୍ ଅନୁଯାୟୀ 20 ଏପ୍ରିଲ 571 ଖ୍ରୀ.ଅରେ ବୁଧବାର ଦିନ ସକାଳ ସମୟରେ ଆଁହଜରତ୍ ସ.ଅ ମକ୍କା ଠାରେ ଭୂମିଷ୍ଠ (ଜନ୍ମ ଗ୍ରହଣ କରିଥିଲେ) ହୋଇଥିଲେ । ଅସ୍‌ହାବୁଲ୍ ଫିଲର ଏତେ ନିକଟବର୍ତ୍ତୀ ଘଟିଥିବା ଘଟଣା ପରେ ଆଁହଜରତ୍ ସ.ଅଙ୍କ ଜନ୍ମ ଗ୍ରହଣ ନିଜ ମଧ୍ୟରେ ଏକ ଐଶୀ ଇଙ୍ଗିତର ଅଧିକାରୀ ଥିଲା । ଅର୍ଥାତ୍ ଯେଉଁଭଳି ଭାବରେ ଈଶ୍ୱର ଖାନା କାଆବା ବିରୁଦ୍ଧରେ ପ୍ରକାଶ୍ୟ ଆକ୍ରମଣକୁ ଅସଫଳ ଓ ପଣ୍ଡ କରି ଦେଇଥିଲେ । ଠିକ୍ ସେହିପରି ବର୍ତ୍ତମାନ ସେହି ସମୟଟି ଆସିଲା ଯେତେବେଳେ ଐଶୀ ଧର୍ମ ବିପକ୍ଷରେ ଅସତ୍ୟ ପୂଜାର ମୂଳୋତ୍ପାଟନ କରାଯାଉ ଓ ପବିତ୍ର କୁରଆନ୍ କରୀମ୍‌ରେ ଅସ୍‌ହାବୁଲ୍ ଫିଲ୍‌ର ଆକ୍ରମଣର ଚର୍ଚ୍ଚା ମଧ୍ୟ

## ପୃ-02 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ତୁମ ସକାଶେ ସର୍ବୋତ୍ତମ ହେବ । ମୁଁ କହିଲି,ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ମୁଁ ଦୁଇ ତୃତୀୟାଂଶ ଧାର୍ଯ୍ୟ କରିନେବି କି ? ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ, ଯେତେ ଇଚ୍ଛା ସେତେ ସ୍ଥିର (ଧାର୍ଯ୍ୟ) କରିନିଅ । କିନ୍ତୁ ଯଦି ପାରୁଛ ତେବେ ଏହାଠୁ ବି ଅଧିକ ଧାର୍ଯ୍ୟ କରିନିଅ । କାରଣ ଏହା ତୁମ ସକାଶେ ସର୍ବୋତ୍ତମ ହେବ । ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆସନ୍ତାରେ ନିଜର ସମସ୍ତ ଦୁଆ ହୁଜୁର୍ ସ.ଙ୍କ ନିମନ୍ତେ ଧାର୍ଯ୍ୟ ଓ ଉଦ୍ଦିଷ୍ଟ ରଖିବି । ଆପଣ ସ.ଅ କହିଲେ, ତାହାହେଲେ ହେ କାଆବ୍ ! ଏହା ଫଳରେ ତୁମର ଇହକାଳ ଓ ପରକାଳର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଯିବ ଏବଂ ତୁମର ପାପକୁ କ୍ଷମା କରି ଦିଆଯିବ । **(ସୁନନ୍ ତିର୍ମିଜି, କିତାବୁ ସିଫତିଲ୍ କିୟାମତି, ୱର୍ ରକାଇକିଲ୍ ୱର୍ଅ ବାବ୍- ମା ଯାଆ ଫି ସିଫତି ଅୱାନିଲ୍ ହୌଜି)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଦୁରୁଦ୍ ଶରୀଫ୍‌ର ମାହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରି କୁହନ୍ତି ଯେ, ଦୁରୁଦ୍ ଶରୀଫ୍ ପାଠ କରିବାରେ ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ ପ୍ରେରଣ କରିବାରେ ମୁଁ ଦୀର୍ଘ କାଳ ପର୍ଯ୍ୟନ୍ତ ନିମଗ୍ନ ରହିଲି । କାରଣ ମୋର ଏହି ବିଶ୍ୱାସ ରହିଥିଲା ଯେ, ଈଶ୍ୱରଙ୍କ ମାର୍ଗ ଅତ୍ୟନ୍ତ ସୂକ୍ଷ୍ମ ମାର୍ଗ ଅଟେ । ତେଣୁ ସେହି ମାର୍ଗ ଆଁହଜରତ୍ ସ.ଅଙ୍କ ବ୍ୟତୀତ ପ୍ରାପ୍ତ (ମିଳି ପାରିବ) ହୋଇ ପାରିବ ନାହିଁ । ଯେପରିକି ଈଶ୍ୱର ମଧ୍ୟ କୁହନ୍ତି ଯେ, وَابْتَغُوْٓا اِلَيْهِ الْوَسِيْلَةَ **(ଅଲ୍ ମାଏଦା: 36)** ଅର୍ଥାତ୍ ତାହାଙ୍କ ସାନିଧ ଲାଭ କରିବାକୁ ଉପାୟ ଅନ୍ୱେଷଣ କର । ଅତଏବ୍ ସେତେବେଳେ ଦୀର୍ଘ କାଳ ପରେ ତନ୍ଦ୍ରାଜନିତ ସ୍ୱପ୍ନାବସ୍ଥାରେ ମୁଁ ଦେଖିଲି ଯେ, ଦୁଇ ଜଣ ଜଳପାନକାରୀ ବ୍ୟକ୍ତି ଆସିଲେ। ଜଣେ ଭିତର ପଟ ମାର୍ଗ ଦେଇ ଆସିଲା ଏବଂ ଅନ୍ୟ ଜଣେ ବାହର ପଟ ରାସ୍ତା ଦେଇ ମୋ ଘର ଭିତରକୁ ପ୍ରବେଶ କଲା । ସେମାନଙ୍କ କାନ୍ଧ ଉପରେ ଆଲୋକର ଜଳଥଳୀ ରହିଛି । ସେମାନେ ମୋତେ କହୁଛନ୍ତି ଯେ, هٰذَا بِمَا صَلَّيْتَ عَلٰى مُحَمَّدٍ ବସ୍ ! ତୁମେ ଯେଉଁ ଦୁରୁଦ୍ ଶରୀଫ୍ ମୁହମ୍ମଦ୍ ସ.ଅଙ୍କ ଉପରେ ପ୍ରେରଣ (ପାଠ) କରିଥିଲ, ଏହା ତା'ରି ପ୍ରତିଫଳ ଅଟେ ।

**(ହକିକତୁଲ୍ ଓହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-131, ବି.ଦ୍ର)**

ଦୁରୁଦ୍ ଶରୀଫର ମାହାତ୍ମ୍ୟ ଏବଂ ମହତ୍ତ୍ୱ ସଂପର୍କରେ ପବିତ୍ର କୁରଆନ୍ କରୀମ୍, ଆହାଦିସେ ନବୱୀୟାହ୍ ସ.ଅ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏବଂ ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦେଶାବଳୀର ପ୍ରକାଶରେ ଅନେକ ଥର ମୁଁ ନିଜର ଖୁତ୍‌ବା ଜୁମା ଏବଂ ଉଦ୍‌ବୋଧନରେ ବିସ୍ତୃତ ଭାବରେ ଆଲୋଚନା କରି ସାରିଛି, ସେହି ଖୁତ୍‌ବା ଓ ଉଦ୍‌ବୋଧନଗୁଡ଼ିକୁ ଆପଣମାନେ ଅଲ୍ ଫଜଲ୍‌ରେ ମଧ୍ୟ ପଢି ପାରିବେ ଏବଂ ଜମାଅତୀୟ ୱେବ୍ ସାଇଟ୍ alislam.orgରେ ମଧ୍ୟ ଆପଣମାନେ ଶୁଣି ପାରିବେ । **(ଅଲ୍ ଫଜଲ୍ ଇଣ୍ଟର ନ୍ୟାସ୍‌ନଲ୍, 2026 ମସିହା, ଫେବୃୟାରୀ ମାସ 07 ତାରିଖ)**

☆☆☆

## (ବିଶେଷ ସୂଚନା)

ଏତଦ୍‌ଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେଉଛି ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ସ୍ତମ୍ଭ 1ରେ ବର୍ଣ୍ଣିତ ସିରତ୍ ଖାତମୁନ୍ ନବୀୟିନ୍ ସ.ଅର ଅବଶିଷ୍ଟାଂଶ

ପ୍ରକାଶ୍ୟ ରୂପେ ସେହି ଅଭିପ୍ରାୟ ଅନୁଯାୟୀ ଦୃଶ୍ୟମାନ ହୋଇଥାଏ । ସେ ଯାହା ହେଉ ଶିଶୁ ଜନ୍ମ ହେବା ମାତ୍ରେ ହ. ଆମିନା ର.ଅ ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କୁ ଖବର ପଠାଇଦେଲେ ଯେ, ତାଙ୍କର ସ୍ୱର୍ଗୀୟ ପୁତ୍ରଙ୍କର ପୁତ୍ର ସନ୍ତାନ ଜାତ ହୋଇଛି । ହ. ଅବ୍‌ଦୁଲ୍ ମୁତଲ୍ଲିବ୍ ଯେତେବେଳେ ଏହି ଖବରଟି ଶୁଣିଲେ ସେତେବେଳେ ସେ ଆନନ୍ଦ ଓ ଉତ୍ସାହର ସହିତ ହ. ଆମିନା ର.ଅଙ୍କ ପାଖକୁ ଚାଲି ଆସିଲେ । ହ. ଆମିନା ର.ଅ ତାଙ୍କ (ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କ) ସମ୍ମୁଖରେ ସେହି ପୁତ୍ର ସନ୍ତାନ ଉପସ୍ଥାପିତ କଲେ ଏବଂ କହିଲେ, ହେ ଅବ୍‌ଦୁଲ୍ ମୁତଲ୍ଲିବ୍ ! ମୁଁ ଏକ ସ୍ୱପ୍ନରେ ଏହି ପୁତ୍ରର ନାମ ମୁହମ୍ମଦ୍ ଦେଖିଥିଲି । ଅବ୍‌ଦୁଲ୍ ମୁତଲ୍ଲିବ୍ ସେହି ପୁତ୍ର ସନ୍ତାନକୁ ନିଜ ହାତରେ ଧରି ବୈତୁଲ୍ଲାଃକୁ ନେଇଗଲେ ଏବଂ ସେଠାକୁ ଯାଇ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ ପିଲାର ନାମ ମୁହମ୍ମଦ୍ ସ.ଅ ବୋଲି ନାମକରଣ କଲେ । **(ଅବଶିଷ୍ଟାଂଶ........ପରବର୍ତ୍ତୀ ସଂଖ୍ୟାରେ)**

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

### ବିଶ୍ୱ ବ୍ୟାପୀ ଜମାଅତ୍ ଅହମଦିୟାର ସଦସ୍ୟ ବୃନ୍ଦଙ୍କ ନିମନ୍ତେ ଏକ ଜରୁରୀ ଅନୁସ୍ମାରକ (Reminder) !

ନିଜର ପ୍ରିୟ ଇମାମ୍ ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍ରୁର ଅହମଦ୍ ଖଲିଫତୁଲ୍ ମସିହ୍ ଅଲ୍ ଖାମିସ୍ ଅ.ବଙ୍କ କଲ୍ୟାଣମୟ ଉପଦେଶାବଳୀ ଅନୁଯାୟୀ ନିଜକୁ ଆଧ୍ୟାତ୍ମିକ ଲୌହ ଦୁର୍ଗ ମଧ୍ୟରେ ସୁରକ୍ଷିତ ରଖିବା ନିମନ୍ତେ କ'ଣ ଆପଣମାନେ ନିମ୍ନଲିଖିତ ଦୁଆ ଜପ କରୁଛନ୍ତି କି ?

**ଦୁରୁଦ୍ ଶରୀଫ୍ 200 ଥର**

(ବଡ଼ ବୟସର ସଦସ୍ୟବୃନ୍ଦ 200 ଥର ଏବଂ 15-25 ବର୍ଷ ବୟସର ସଦସ୍ୟବୃନ୍ଦ ଅନ୍ତତଃ 100 ଥର ଏବଂ କିଶୋର ଯୁବକମାନେ 33 ଥର ଏବଂ 3 ରୁ 4 ଥର ମାତାପିତାଙ୍କ ସହିତ ପୁନରାବୃତ୍ତି କରନ୍ତୁ)

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ

اَللّٰهُمَّ صَلِّ عَلٰى مُحَمَّدٍ وَّاٰلِ مُحَمَّدٍ

**ଅନୁବାଦ:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ! ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

(Holy is Allah and worthy of all praise. Holy is Allah, the Great. O Allah! bestow Your blessings on Muhammad s.a and on the people of Muhammad s.a.)

☆--☆--☆

**100 ଥର ଇସ୍ତିଗଫାର୍**

اَسْتَغْفِرُ اللّٰهَ رَبِّيْ مِنْ كُلِّ ذَنْبٍ وَّاَتُوْبُ اِلَيْهِ

**ଅନୁବାଦ:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

**100 ଥର ନିମ୍ନ ଲିଖିତ ଦୁଆ ଆବୃତ୍ତି କରନ୍ତୁ**

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

**ଅନୁବାଦ:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

**(O my Lord ! Everything serves You. So, O my Lord, protect me and help me and have mercy on me.)**

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ବ୍ୟକ୍ତିଗତ ଓ ସାମୂହିକ ଇତ୍ୟାଦି ପ୍ରତ୍ୟେକଟି ଦୃଷ୍ଟିରୁ ଉକ୍ତ ଆଧ୍ୟାତ୍ମିକ ଲୌହ ଦୁର୍ଗ ମଧ୍ୟରେ ପ୍ରବିଷ୍ଟ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **(ଆମିନ୍)**

☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan